ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୩/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 23/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୧୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 117 | ମୂଲ୍ୟ₹୭/-



# EVERY 2 MINUTES*, ONE STUDENT JOINS US

To pursue dream of becoming **DOCTOR OR ENGINEER!**

Don't be left out this admission session.

**Aakash**
Medical | IIT-JEE | Foundations

## PROVEN. TRUSTED. UNMATCHED.

## 115484 AAKASHIANS QUALIFIED IN NEET (UG) 2024

- AIR 1 — 720/720 — Mridul M Anand, 3 Year Classroom (Delhi State Topper)
- AIR 1 — 720/720 — Ayush Naugraiya, 4 Year Classroom (Uttar Pradesh State Topper)
- AIR 1 — 720/720 — Arghyadeep Dutta, 2 Year Classroom (West Bengal State Topper)
- AIR 1 — 720/720 — Aryan Yadav, 1 Year Classroom (Uttar Pradesh State Topper)
- AIR 1 — 720/720 — Palansha Agarwal, 2 Year Classroom (Maharashtra State Topper)
- AIR 1 — 720/720 — Iram Quazi, 1 Year Classroom (Rajasthan State Topper)

and many more...

## 3081 AAKASHIANS QUALIFIED IN JEE (ADVANCED) 2024

- AIR 25 — Rishi Shekher Shukla, 2 Year Classroom
- AIR 67 — Krishna Sai Shishir, 4 Year Classroom
- AIR 78 — Abhishek Jain, 4 Year Classroom
- AIR 93 — Hardik Aggarwal, 2 Year Classroom
- AIR 95 — Ujjwal Singh, 4 Year Classroom
- AIR 98 — Rachit Aggarwal, 4 Year Classroom

and many more...

## OUR CHAMPIONS FROM Aakash ODISHA (CLASSROOM PROGRAMS)

**NEET 2024**
- Gautam — AIIMS, Delhi
- Om Amrit — AIIMS, BBSR
- Uttam — AIIMS, BBSR

and many more...

**JEE 2024**
- Keshaw — IIT, Bombay
- Debasish — IIT, Kanpur
- Anuj — IIT, Kharagpur

and many more...

*Calculated basis the number of admissions taken from July 2023 to June 2024

Though every care has been taken to publish the result, yet Aakash Educational Services Ltd. shall not be responsible for inadvertent error, if any.

## ADMISSIONS OPEN *for* OUR NEXT BATCH

| CLASS 8th Studying Students | CLASS 9th-10th Studying Students | CLASS 11th Studying Students | CLASS 12th Studying Students | CLASS 12th Appearing / Passed Students |
|---|---|---|---|---|
| Foundation Courses for School Exams / Olympiads | School Plus and Prep Plus Courses for School / Board Exams, Pre-NEET / Pre-JEE along with Olympiads | 2 Year Integrated Classroom Courses for NEET / JEE | 1 Year Integrated Classroom Courses for NEET / JEE | 1 Year Repeater / Dropper Courses for NEET / JEE |
| Batches Starting From : 20th March - 6th April | Batches Starting From : 20th March - 6th April | Batches Starting From : 22nd March - 6th April | Batches Starting From : 20th March - 1st April | Batches Starting From : 17th April - 9th May |

Appear for Instant Admission cum Scholarship Test (iACST)
Get up to 90% Total Scholarship*
SCAN TO ENROLL
Register now for FREE.
visit: iacst.aakash.ac.in
T & C Apply

## CRASH COURSE *for* NEET 2025

Batches Starting on : 27th & 31st March, 2025

**Aakash INVICTUS**
Advanced JEE Prep Program
Appear INVICTUS ADMISSION TEST
Get Upto 90% Scholarship
For Students going to Class VIII, IX, X, XI & XII
*For Bhoumanagar Branch Only
Invictus Admission Test Date : 23rd & 30th March, 2025

Scan code to locate the nearest branch

**Call Your Nearest Branch: Bhubaneswar (Bhoumanagar):** 8800852494, 9337870700 **Bhubaneswar (Chandrasekharpur):** 8800874104, 9311734469 **Berhampur:** 8800502470, 9078884998 **Baleswar:** 8800538720, 7008000100 **Cuttack:** 8800849243, 9337355230 **Sambalpur:** 8448693770, 9338170700

**Newly Open - Angul:** 8093083557 **Balangir:** 8093083552 **CDA, Cuttack:** 8093083568 **Jajpur Road:** 9078677290 **Jeypore:** 8093083564 **Khandagiri:** 9938896677 **Rourkela:** 8093083553 **Samantarapur:** 8093083567

CALL (TOLL-FREE): 1800-102-2727 | VISIT: aakash.ac.in | Scan the QR Code to Download Aakash App — GET IT ON Google Play | Aakash Medical | IIT-JEE | Foundations

**୨ ଚାଳକ ଗିରଫ, ୨ ବାଇକ୍ ଜବତ**

**ବଇଣ୍ଡା,(ପରିକ୍ଷିତ ସାହୁ):** ଠାକୁରଗଡ଼ ପୋଲିସ ଶୁକ୍ରବାର ଠାକୁରଗଡ଼ ଅଞ୍ଚଳରେ ଗାଡ଼ି ଯାଞ୍ଚ କରିଥିଲା। ମଦ୍ୟପାନ କରି ବାଇକ୍ ଚଳାଉଥିବା ଅଭିଯୋଗରେ କୁତୁଲିସିଙ୍ଗା ଗ୍ରାମର ମନୋଜ ନାୟକ ଓ ବୌଦ୍ଧ ଅଞ୍ଚଳର ପ୍ରଶାନ୍ତ ନାୟକଙ୍କୁ ଗିରଫ କରିବା ସହ ସେମାନଙ୍କ ବାଇକ୍‌କୁ ଜବତ କରିଛି। ଏ ନେଇ ପୋଲିସ ୨ଟି ମାମଲା ରୁଜୁ କରିଛି।

# କୋଭିଡ୍ କାରଣରୁ ନିର୍ମାଣ ବାଧାପ୍ରାପ୍ତ: କେନ୍ଦ୍ରମନ୍ତ୍ରୀ

**ଅନୁଗୋଳ,୨୨।୩ (ମାନସ ବିଶ୍ୱାଳ)**



ଅନୁଗୋଳ ଜିଲା ତାଳଚେରଠାରେ ନିର୍ମାଣାଧୀନ ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍ (ଟିଏଫ୍ଏଲ୍)ର ୬୫.୭୬% କାର୍ଯ୍ୟ ଶେଷ ହୋଇଛି। ୨୦୨୪ ସେପ୍ଟେମ୍ବର ସୁଦ୍ଧା ଏହି କାରଖାନାକୁ ଉତ୍ପାଦନକ୍ଷମ କରିବାକୁ ପୂର୍ବରୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ କୋଭିଡ୍ କାରଣରୁ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଚାଇନାରୁ ବିଭିନ୍ନ ସାମଗ୍ରୀ ଆସିବାରେ ସମସ୍ୟା ହେଲା। ଲକଡାଉନ୍ ପାଇଁ କାମ ଆଗେଇ ପାରିଲା ନାହିଁ। ଏଥିପାଇଁ ନିର୍ଦ୍ଧାରିତ ସମୟରେ କାମ ଶେଷ ହୋଇପାରି ନ ଥିବା କେନ୍ଦ୍ର ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି। ସଂସଦରେ ଢେଙ୍କାନାଳ ଏମ୍ପି ରୁଦ୍ର ନାରାୟଣ ପାଣିଙ୍କ ପ୍ରଶ୍ନର ଉତ୍ତର ରଖି କେନ୍ଦ୍ରମନ୍ତ୍ରୀ ଏହା ପ୍ରକାଶ କରିଛନ୍ତି। ଢେଙ୍କାନାଳ ଏମ୍ପିଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ରମନ୍ତ୍ରୀ ପଟେଲ କହିଛନ୍ତି, ୨୦୧୮ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ ପାଇଁ ଏହି କାରଖାନାର ଶିଳାନ୍ୟାସ କରିଥିଲେ। ପ୍ରସ୍ତାବିତ ଏହି ସାର କାରଖାନାରୁ ବାର୍ଷିକ ୧୨.୭ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏଥିପାଇଁ ୧୩, ୨୭୭ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ୨୦୨୪ ସେପ୍ଟେମ୍ବର ସୁଦ୍ଧା ତାଳଚେର ସାର କାରଖାନାକୁ ଉତ୍ପାଦନକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଗତ ଫେବୃଆରୀ ଶେଷ ସୁଦ୍ଧା ପ୍ରକଳ୍ପର ସମୁଦାୟ ୬୫.୭୬ ପ୍ରତିଶତ କାମ ଶେଷ ହୋଇଛି। ଏହି ପ୍ରକଳ୍ପକୁ ଶୀଘ୍ର ଶେଷ କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ଚାଲିଛି। ନିୟମିତ ସମୀକ୍ଷା ସହ ଇଞ୍ଜିନିୟରିଂ କାମକୁ ତ୍ୱରାନ୍ୱିତ କରାଯାଉଛି। ଚାଇନାର ୱୁହାନ ଇଞ୍ଜିନିୟରିଂ କମ୍ପାନୀକୁ ଏହାର ନିର୍ମାଣ ଦାୟିତ୍ୱ ୨୦୧୯ରେ ପ୍ରଦାନ କରାଯାଇଥିଲା। ହେଲେ କୋଭିଡ୍ ପାଇଁ ଚାଇନାରୁ ବିଭିନ୍ନ ସାମଗ୍ରୀ ଆସିବାରେ ସମସ୍ୟା ହେଲା। ଲକ୍ଡାଉନ୍ ପାଇଁ କାମ ଆଗେଇ ପାରିଲା ନାହିଁ। ଏଥିପାଇଁ ନିର୍ଦ୍ଧାରିତ ସମୟରେ କାମ ଶେଷ ହୋଇପାରିନାହିଁ। ଏବେ କାମ ତ୍ୱରାନ୍ୱିତ ହୋଇଥିବାରୁ ଆଉ କିଛି ମାସ ଭିତରେ ଏଠାରୁ ସାର ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସରକାର ସମସ୍ତ ଅଂଶୀଦାରଙ୍କ ସହ ନିୟମିତ ଆଲୋଚନା କରିବା ସହ ପ୍ରକଳ୍ପର ସମୀକ୍ଷା କରୁଛନ୍ତି। ଯେଉଁଠି ସମସ୍ୟା ରହୁଛି, ତା'ର ସମାଧାନ କରିବାକୁ ପ୍ରାଥମିକତା ଦିଆଯାଉଛି। ତେବେ କେବେ ସୁଦ୍ଧା ଏହି ସାର କାରଖାନାରୁ ୟୁରିଆ ଉତ୍ପାଦନ ହେବ ସେନେଇ କୌଣସି ତଥ୍ୟ ରଖିନାହାନ୍ତି କେନ୍ଦ୍ରମନ୍ତ୍ରୀ। ଅପରପକ୍ଷରେ ଠିକଣା ସମୟରେ କାମ ଶେଷ କରି ଆସନ୍ତା ଜୁନ୍ ସୁଦ୍ଧା କାମ ସାରିବାକୁ କେନ୍ଦ୍ର ସରକାର ଟାର୍ଗେଟ୍ ଦେଇଛନ୍ତି।

**ତାଳଚେର ସାର କାରଖାନାକୁ ନେଇ ସଂସଦରେ ଢେଙ୍କାନାଳ ଏମ୍ପିଙ୍କ ପ୍ରଶ୍ନ**

# ଠିକା ଶ୍ରମିକଙ୍କ ସମସ୍ୟା ଉପରେ ଆଲୋଚନା



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ତାଳଚେର,୨୨।୩ (ମନୋଜ ନନ୍ଦ)**

ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଖିଳ ଭାରତୀୟ ଠିକା ମଜଦୁର ମହାସଂଘର ସର୍ବଭାରତୀୟ ୭ମ ତ୍ରୟ ବାର୍ଷିକ ଅଧିବେଶନ ତାଳଚେର ଜଗନ୍ନାଥ କଲୋନୀସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ମଜଦୁର ସଂଘର ସର୍ବଭାରତୀୟ ସମ୍ପାଦକ ରାମନାଥ ଗଣେଶ ମୁଖ୍ୟ ଅତିଥି, ଭେଲୁ ରାଧାକୃଷ୍ଣ ମୁଖ୍ୟବକ୍ତା, ସଂଘର ଓଡ଼ିଶା ଶାଖା ସାଧାରଣ ସମ୍ପାଦକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାସଂଘ ସଭାପତି କେ.ଭି. ରାଧାକୃଷ୍ଣଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହାସଂଘ ସାଧାରଣ ସମ୍ପାଦକ ସଚିନ ମାଙ୍ଗଲେ ପରିଚାଳନା କରିଥିଲେ। ବୈଠକ ପ୍ରାରମ୍ଭରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତି ଚାରଣ କରାଯାଇଥିଲା। ଏହାପରେ ଅଭ୍ୟର୍ଥନା କମିଟି ସଭାପତି ଇଞ୍ଜିନିୟର କୁମାର ପ୍ରଧାନ ସ୍ୱାଗତ ଭାଷଣ, ସଚିନ ମାଙ୍ଗଲେ ବିବରଣୀ ପାଠ କରିଥିଲେ। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ସୁରଭି ସ୍ୱାଇଁ ମହିଳା କର୍ମଚାରୀ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ରାମନାଥ ଗଣେଶ ଠିକା ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, ପ୍ରଭାରୀ ଏ. ଶ୍ରୀନିବାସ ରାଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀନିବାସ ଖୁଣ୍ଟିଆ, ଅନୁଗୋଳ ଜିଲା ସମ୍ପାଦକ ଅଜୟ ପାତ୍ରୀ, ଠିକା ମଜଦୁର ମହାସଂଘ ସଭାପତି ମଳୟ ପରିଡ଼ା, ଉପସଭାପତି ସତ୍ୟବ୍ରତ ସାଇଁ, ସାଧାରଣ ସମ୍ପାଦକ କପିଳେଶ୍ୱର ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଦୁଇ ଦିନିଆ ଏହି କାର୍ଯ୍ୟକ୍ରମରେ ଭାରତର ବିଭିନ୍ନ ରାଜ୍ୟରୁ ୨୦୦ରୁ ଉର୍ଦ୍ଧ୍ୱ ଠିକା ଶ୍ରମିକଙ୍କ ପ୍ରତିନିଧି ଯୋଗ ଦେଇଥିଲେ।

# ଖଣ୍ଡବରରେ ସାତ ଦୋଳଯାତ୍ରା

**ବଇଣ୍ଡା,୨୨।୩(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ଜାମୁନାଳି ପଞ୍ଚାୟତ ଖଣ୍ଡବର ଗ୍ରାମରେ ସାତ ଦୋଳଯାତ୍ରା ପାଳିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଅନୁଷ୍ଠିତ ଏହି ଯାତ୍ରାରେ ପରୁଆରରେ ନଗର ପରିକ୍ରମା କରାଯାଇ ପ୍ରଭୁ ରାଧାକୃଷ୍ଣଙ୍କୁ ଯାତ୍ରା ପଡ଼ିଆକୁ ନିଆଯାଇଥିଲା। ରୀତିନୀତି ଅନୁସାରେ ପୂଜା ସହ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲାଯାଇଥିଲା। ଗ୍ରାମ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଲଉଡି ଖେଳ, ଘଣ୍ଟବାଦ୍ୟ ପରିବେଷଣ ସାଙ୍ଗକୁ ବିଭିନ୍ନ ପ୍ରକାର ଦୋଳି ଓ ଦୋକାନ ବଜାର ପଡ଼ିଥିଲା। ଯାତ୍ରା କମିଟି ସହ ଅଞ୍ଚଳବାସୀ ପ୍ରମୁଖ ସହଯୋଗ କରିଥିଲେ।

# ଘରୁ ନାଗ ସାପ ଉଦ୍ଧାର

**ବଇଣ୍ଡା,୨୨।୩(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଚୂଡାପୁର ଗ୍ରାମର ଭବାନୀ ମାଝୀଙ୍କ ଘରୁ ଏକ ନାଗ ସାପ ଶନିବାର ଉଦ୍ଧାର କରାଯାଇଛି। ସାପଟି ଘର ଭିତରକୁ ପଶିବା ଦେଖି ଭବାନୀ ଓ ପରିବାର ଲୋକେ ଭୟରେ ବାହାରକୁ ପଳାଇ ଆସିଥିଲେ। ଖବରପାଇ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥ ଭବାନୀଙ୍କ ଘରେ ପହଞ୍ଚି ସାପଟିକ ଉଦ୍ଧାର କରିଥିଲେ। ପରେ ହଣ୍ଡପା ବନ ବିଭାଗ ଜରିଆରେ ଜଙ୍ଗଲକୁ ଛଡ଼ାଯାଇଥିଲା।

# ବଢୁଛି ଚୋରା ମଦ କାରବାର

**ବଇଣ୍ଡା,୨୨।୩ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ଚୋରା ମହୁଲି ମଦ ବିକ୍ରି ହେଉଥିବା ଯୋଗୁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡୁଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗ ପକ୍ଷରୁ ଠିକ୍ ଭାବେ ଚଢ଼ାଉ କରାଯାଉ ନ ଥିବରୁ ଚୋରା ମଦ ବ୍ୟବସାୟୀମାନେ ଖୋଲାଖୋଲି ଭାବେ କାରବାର କରୁଥିବା କୁହାଯାଉଛି। ହଣ୍ଡପା, କିଶୋରନଗର, କିଆକଟା, ଆଠମଲ୍ଲିକ, ଠାକୁରଗଡ଼ ଥାନାର ବଇଣ୍ଡା, ମାଧପୁର, ହିଞ୍ଜିରିଡ଼ା, ବିଲେଇନାଳି, ବୁଢୁଲିମୁଣ୍ଡା, କନ୍ଧରାମୁଣ୍ଡା, ଆମ୍ବପାଳ, ହିମିତିରା, ଜଏରାଟ, ଧଉରାପାଲି, ସଞ୍ଜାମୁରା, ରଣିଆକଟା, ଉରୁକୁଲା, ସାନହୁଲା, ପେଡ଼ିପଥର, ମଇମୁରା, ସାପଘରା, ହାଟପଦା, ପତାକା, ଆଠମଲିକ, ଜାମୁଡୋଲି, ଲୁହାସିଂହା, ମାଧପୁର, ପୁରୁଣାମାନ୍ତ୍ରି, କିଆକଟା, ବାସୁଦେବପୁର ଅଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଇଛି। କେତେଜଣ ମଦ ବ୍ୟବସାୟୀ ବିଭିନ୍ନ ଜଙ୍ଗଲିଆ ସ୍ଥାନରେ ମହୁଲି ମଦ ରାନ୍ଧୁଥିବା ବେଳେ ଭାଟି କର୍ମଚାରୀ ବିଭିନ୍ନ ଗ୍ରାମକୁ ମଦ ଚାଲାଣ କରୁଛନ୍ତି। ଗତ ଜାନୁଆରୀ ଓ ଫେବୃଆରୀ ମାସରେ ଅବକାରୀ ବିଭାଗ ପକ୍ଷରୁ ଆଠମଲ୍ଲିକ ଥାନାର ବିଭିନ୍ନ ଗ୍ରାମରେ ଚଢାଉ କରାଯାଇ ୪ଟି ମାମଲା ରୁଜୁ ସହ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଠାକୁରଗଡ଼ ଥାନା ଅଞ୍ଚଳରେ ୮ଟି ମାମଲା ରୁଜୁ ସହ ୮ ଜଣଙ୍କୁ ଗିରଫ କରାଯାଇଥିଲା। ହଣ୍ଡପା ଥାନା ଅଞ୍ଚଳରେ ୪ଟି ମାମଲା ରୁଜୁ ସହ ୪ ଜଣଙ୍କୁ ଗିରଫ କରାଯାଇଥିଲା। କିଶୋରନଗର ଥାନା ଅଞ୍ଚଳରେ ୯ଟି ମାମଲାରେ ୯ ଜଣଙ୍କୁ ଗିରଫ କରାଯାଇଥିଲା। ଏଥିସହ ବହୁ ପରିମାଣର ମଦ ଜବତ କରାଯାଇଥିଲା। ତେବେ ବଇଣ୍ଡାଠାରେ ୩୮ ଲକ୍ଷ ଟଙ୍କା ବ୍ୟୟରେ ଅବକାରୀ କାର୍ଯ୍ୟାଳୟର ନିର୍ମାଣ ୨୦୨୦ ଫେବୃୟାରୁ ଶେଷ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହି ଥାନା ଅଧୀନରେ କିଶୋରନଗର ବ୍ଲକର ୨୩ ପଞ୍ଚାୟତ ଥିବାବେଳେ ଥାନା ଉପନିରୀକ୍ଷକ ପଦବୀ ଖାଲି ପଡ଼ିଛି। ଜଣେ ସହକାରୀ ଉପ ନିରୀକ୍ଷକ ଓ ଜଣେ ମହିଳା କନଷ୍ଟେବଲ ନିଯୁକ୍ତି ହୋଇଛନ୍ତି। ସମ୍ପୃକ୍ତ ୨ ଜଣ ଅନୁଗୋଳରେ ରହୁଥିବା ଯୋଗୁ ଏହି ମଦ ଚୋରା କାରବାର ରୋକିହେଉ ନ ଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଆଠମଲ୍ଲିକ ଅବକାରୀ ବିଭାଗ ଉପ ନିରୀକ୍ଷକ ପବିତ୍ର ମୋହନ ମାଝୀ କହିଛନ୍ତି, ବିଭାଗ ପକ୍ଷରୁ ଅନେକ ସମୟରେ ଉପଖଣ୍ଡର ବିଭିନ୍ନ ଗ୍ରାମ ଚଢାଉ କରାଯାଇ ଗିରଫଦାରି ସହ ମଦ ଜବତ କରାଯାଉଛି।

# ବନ୍ୟପ୍ରାଣୀଙ୍କ ସୁରକ୍ଷା, ବାସସ୍ଥାନ ସଂରକ୍ଷଣ ଉପରେ ଗୁରୁତ୍ୱ

**ଅନୁଗୋଳ,୨୨।୩ (ମାନସ ବିଶ୍ୱାଳ)**

ଅନୁଗୋଳ ସହରସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ବିଶ୍ୱ ବନ ଦିବସ–୨୦୨୫ ପାଳିତ ହୋଇଯାଇଛି। ଅନୁଗୋଳ ଡିଏଫ୍ଓ ନୀତୀଶ କୁମାର ଏଥିରେ ଅଧ୍ୟକ୍ଷତା କରିବା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ପ୍ରାକୃତିକ ବାସସ୍ଥାନ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିଭାବେ ଡିସିଏଫ୍ଓ ରାଜେନ୍ଦ୍ର ଗୋଚ୍ଛାୟତ, ଡିଭିଜନାଲ ମ୍ୟାନେଜର ଓଏଫ୍‌ଡିସି ମଳୟ ରଞ୍ଜନ କାଲୋ ଯୋଗଦେଇ ବିଶ୍ୱ ବନ ଦିବସ ଉପରେ ବକ୍ତବ୍ୟ ରଖିଥିଲେ।

ଅନୁଗୋଳ ବନ ବିଭାଗ ଜିଲା ସାରା ବିଭିନ୍ନ ବିଦ୍ୟାଳୟରେ 'ବନ୍ୟପ୍ରାଣୀ ଏବଂ ଏହାର ସଂରକ୍ଷଣ' ବିଷୟବସ୍ତୁ ଉପରେ ଏକ ବିତର୍କ ପ୍ରତିଯୋଗିତା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଆୟୋଜନ କରିଥିଲା। ବନ୍ୟପ୍ରାଣୀ ସୁରକ୍ଷା ଏବଂ ପ୍ରାକୃତିକ ବାସସ୍ଥାନ ସଂରକ୍ଷଣର ଗୁରୁତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ କେତେକ ପଞ୍ଚାୟତ ଏ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ସେମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ଥିବା କର୍ମଚାରୀଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଞ୍ଜ ଅଧିକାରୀ, କ୍ଷେତ୍ର କର୍ମଚାରୀ, ଛାତ୍ରୀଛାତ୍ର ଏବଂ ଭିଏସ୍ଏସ୍ ସଦସ୍ୟମାନେ ଯୋଗ ଦେଇଥିଲେ।


ବିଶ୍ୱ ବନ ଦିବସ ପାଳନ ଅବସରରେ ପୁରସ୍କାର ପ୍ରଦାନ କରାଯାଉଛି।

# ଗୋ ଚାଲାଣକାରୀଙ୍କ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା

**ଛେଣ୍ଡିପଦା,୨୨।୩ (ଅଜିତ ଧଳ)**

ଛେଣ୍ଡିପଦା ଥାନା ଗୋଲାଗାଡ଼ିଆ ଅଞ୍ଚଳରେ ବେଆଇନ ଗୋ ଚାଲାଣକାରୀଙ୍କ ଆକ୍ରମଣରେ ବଜରଙ୍ଗ ଦଳର ୨ କର୍ମୀ ଗୁରୁତର ହୋଇଛନ୍ତି। ଏଥିସହ ଆକ୍ରମଣକାରୀମାନେ ବାଇକ୍‌କୁ ଭଙ୍ଗାରୁଜା କରିଥିବା ବଜରଙ୍ଗ ଦଳର ଜିଲା କାର୍ଯ୍ୟକର୍ତ୍ତା ନରୋତ୍ତମ ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୪୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ବେଆଇନ ଚାଲାଣ ପାଇଁ ଗୋଲାଗାଡ଼ିଆ ଜଙ୍ଗଲରେ ୨ଶହ ଗୋରୁ ବନ୍ଧାଯାଇଥିବା ଖବରପାଇ ବଜରଙ୍ଗ ଦଳ ଓ ଆର୍ଏସ୍ଏସ୍ କର୍ମୀମାନେ ପୋଲିସ ସହାୟତାରେ ଯାଇଥିଲେ। ଗୋରୁପଲଙ୍କୁ ଉଦ୍ଧାର କରି ପୋଲିସ ଫେରୁଥିବା ବେଳେ କାଳବୈଶାଖୀ ବର୍ଷା ଓ କୁଆପଥର ମାଡ଼ ଯୋଗୁ ବହୁ ଗୋରୁ କେଉଁଆଡ଼େ ପଳାଇ ଯାଇଥିଲେ। ବଜରଙ୍ଗ ଦଳର କେତେଜଣ କର୍ମୀ ଗୋରୁମାନଙ୍କୁ ଉଦ୍ଧାର କରୁଥିବାବେଳେ ୩୦ରୁ ଉର୍ଦ୍ଧ୍ୱ ଗୋ ଚାଲାଣକାରୀ ଆକ୍ରମଣ କରିଥିଲେ। ଫଳରେ ବଜରଙ୍ଗ ଦଳର ପ୍ରଦ୍ୟୁମ୍ନ ଦଣ୍ଡପାଟ ଓ ସୁଶାନ୍ତ ଦଣ୍ଡପାଟ ଗୁରୁତର ହୋଇଥିଲେ। ପ୍ରଦ୍ୟୁମ୍ନଙ୍କୁ କଟକ ପଠାଇ ଦିଆଯାଇଛି। ଅନ୍ୟ ଜଣେ କର୍ମୀ ପରମା ବେହେରା ଆହତ ହୋଇଛନ୍ତି। ପୋଲିସ ପରିସ୍ଥିତି ନିୟନ୍ତ୍ରଣ କରିବା ସହ ୧୭ ଗୋରୁଙ୍କୁ ଉଦ୍ଧାର କରିପାରିଛି।


ପ୍ରଦ୍ୟୁମ୍ନ ଦଣ୍ଡପାଟ

# ଗଡ଼ତରାସରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର



ମାଗଣା ସ୍ୱାସ୍ଥ୍ୟସେବା ଶିବିର।

**ଅନୁଗୋଳ,୨୨।୩ (ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ଗଡ଼ତରାସ ପଞ୍ଚାୟତ କାର୍ଯ୍ୟାଳୟରେ ଓଡ଼ିଶା ବନ ଉନ୍ନୟନ ନିଗମ ଲିଃ. ଅନୁଗୋଳ (ବାଣିଜ୍ୟ–କେନ୍ଦୁପତ୍ର) ଖଣ୍ଡ ପକ୍ଷରୁ ଶନିବାର ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ସ୍ଥାନୀୟ ସରପଞ୍ଚ ସତ୍ୟଜିତ ସାମଲ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଅନୁଗୋଳ (ବାଣିଜ୍ୟ–କେନ୍ଦୁପତ୍ର) ଖଣ୍ଡର ଖଣ୍ଡୀୟ ପରିଚାଳକ ମଳୟ ରଞ୍ଜନ କାଲୋ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ପ୍ରକାଶ କରିଥିଲେ। ଉପଖଣ୍ଡ ପରିଚାଳକ ରଜନୀକାନ୍ତ ଦେଶିନାୟକ, ବନାଞ୍ଚଳ ଅଧିକାରୀ ଅନୁଗୋଳ କେନ୍ଦୁପତ୍ର ତ୍ରିଲୋଚନ ଦେହୁରୀ, ଫରେଷ୍ଟର ନିର୍ମଳ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ବିଭିନ୍ନ ରୋଗରେ ପୀଡ଼ିତ ଲୋକଙ୍କ ପାଇଁ ବନ ବିଭାଗର ଏହି ସ୍ୱାସ୍ଥ୍ୟସେବା ସେମାନଙ୍କ ଜୀବନ ଶୈଳୀର ଉପକାର କରିବ ବୋଲି କହିଥିଲେ। ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବିରେନ ସାହୁଙ୍କ ନେତୃତ୍ୱରେ ସିଏଚ୍ଓ ସାଗରିକା ସାହୁ, ଏଏନ୍ଏମ୍ ବିଦ୍ୟୁଲତା ସାହୁ ଓ ଚଞ୍ଚଳା ଅମାତ, ଫାର୍ମାସିଷ୍ଟ ଛବୀନ୍ଦ୍ର ସାମଲଙ୍କ ସହଯୋଗରେ ୨୦୦ରୁ ଅଧିକ ରୋଗୀଙ୍କୁ ପରୀକ୍ଷା ନିରୀକ୍ଷା କରି ମାଗଣା ଔଷଧ ଯୋଗାଇ ଦେଇଥିଲେ। ୨୩ ତାରିଖରେ କିଶୋର ନଗର ବ୍ଲକ ଜାମୁନାଳି ପଞ୍ଚାୟତ ଓ ୨୬ ତାରିଖ ବଣ୍ଡରପାଳ ବ୍ଲକ କୁଇ– ଜାମୁନାଳି ପଞ୍ଚାୟତରେ ଏହିଭଳି ଶିବିର ହେବାକୁ ସ୍ଥିର ହୋଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।

# ଜଳଭଣ୍ଡାରରୁ ପ୍ଲାଷ୍ଟିକ ଆବର୍ଜନା ସଫେଇ



ପ୍ଲାଷ୍ଟିକମୁକ୍ତ ଡେରଜାଙ୍ଗ ଜଳଭଣ୍ଡାର କାର୍ଯ୍ୟକ୍ରମ।

**ଅନୁଗୋଳ,୨୨।୩ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ଏବଂ ସହଯୋଗୀ ଅନୁଷ୍ଠାନ ଉତ୍କର୍ଷ ପରିବାରର ମିଳିତ ଉଦ୍ୟମରେ ବିଶ୍ୱ ଜଳ ଦିବସ ପାଳନ ଅବସରରେ ପ୍ଲାଷ୍ଟିକମୁକ୍ତ ଡେରଜାଙ୍ଗ ଜଳଭଣ୍ଡାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡେରଜାଙ୍ଗ ଡ୍ୟାମକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ପ୍ଲାଷ୍ଟିକ ଆବର୍ଜନା ସଫେଇ କରାଯାଇଥିଲା। ଡେରଜାଙ୍ଗ ଡ୍ୟାମ ଜଳଜ ଜୈବବିବିଧତା, ପରିବେଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ କେତେଜଣ ଦାୟିତ୍ୱହୀନ ପର୍ଯ୍ୟଟକଙ୍କ ପ୍ଲାଷ୍ଟିକ ଆବର୍ଜନା ସୃଷ୍ଟି ଯୋଗୁ ଡ୍ୟାମର ସୌନ୍ଦର୍ଯ୍ୟ ହ୍ରାସ ପାଇବା ସହ ଜଳଜ ଜୈବବିବିଧତା ପ୍ରତି ବିପଦ ସୃଷ୍ଟି କରୁଛି। ସାଥୀ ପରିବାର ପକ୍ଷରୁ ୨୦୨୧ରୁ ଜଳଭଣ୍ଡାରକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ପ୍ଲାଷ୍ଟିକ ଆବର୍ଜନା ସଫେଇ କରାଯାଉଛି। ସଂଗୃହୀତ ସମସ୍ତ ଆବର୍ଜନାକୁ ପୁନଃଚକ୍ରଣ ପାଇଁ ଜମା ଦିଆଯାଇଥିଲା ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ମା' ବିନିକେୟୀଙ୍କ ଦୋଳଯାତ୍ରା ଶୁଭାରମ୍ଭ

**ଆଠମଲ୍ଲିକ,୨୨।୩(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ଅଞ୍ଚଳର ବାଲିଯାତ୍ରା ଭାବେ ପରିଚିତ ମା' ବିନିକେୟୀ ଯାତ୍ରା ତଥା ଦୋଳଯାତ୍ରାର ଶୁଭାରମ୍ଭ ହୋଇଛି। ଆଠମଲ୍ଲିକ ଉପଖଣ୍ଡ ପାଇଁକୁଳ ଅଞ୍ଚଳର ଦରୁହା ନିକଟସ୍ଥ ତଥା ସତକୋଶିଆ ଗଣ୍ଡ ଉତ୍ପତିସ୍ଥଳ ନିକଟ ମହାନଦୀ ତଟରେ ଅବସ୍ଥିତ ମା' ବିନିକେୟୀ ପୀଠରେ ଏହି ଅଷ୍ଟଦୋଳ ଯାତ୍ରାର ଶୁଭାରମ୍ଭ ହୋଇଛି । ୨୫ ତାରିଖ ଦିନ ମା'ଙ୍କ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ। ଏହି ୪ ଦିନ ବ୍ୟାପୀ ଯାତ୍ରାରେ ପ୍ରବଳ ଜନ ସମାଗମ ହୋଇଥିବା ବେଳେ ରାଜ୍ୟର ଅନେକ ସ୍ଥାନରୁ ବ୍ୟବସାୟୀ ଏଠାରେ ପସରା ଖୋଲିଛନ୍ତି। ରାତିରେ ଅପେରା ବ୍ୟବସ୍ଥା କରାଯାଇଛି। ଶନିବାର ସକାଳୁ ଜାମୁଡୋଲୀ ଓ ଲୁହାସିଂହା ପଞ୍ଚାୟତର ଶ୍ରଦ୍ଧାଳୁମାନଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା। ପୂଜକ ସଦାଶିବ ଶତପଥୀ ପୂଜା ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ସୁଦର୍ଶନ ଗାଇଗରିଆ ଦାୟିତ୍ୱ ତୁଲାଇଥିଲେ। ଯାତ୍ରା କମିଟି ସଭାପତି ସୁଦର୍ଶନ ଗାଇଗରିଆ, ସମ୍ପାଦକ ପ୍ରଭାକର ପ୍ରଧାନ, ଉପସଭାପତି ଅମୂଲ୍ୟ ପ୍ରଧାନ, କୋଷାଧ୍ୟକ୍ଷ ଅଖିଳ ପ୍ରଧାନ, ସହସମ୍ପାଦକ ପଞ୍ଚାନନ ସାହୁ, ବରିଷ୍ଠ ସଭ୍ୟ ପ୍ରଦୀପ ପ୍ରଧାନ, ପ୍ରମୋଦ ପ୍ରଧାନ, କପିଳେଶ୍ୱର ପ୍ରଧାନ, ଧ୍ରୁବ ଘିବାଲା, ପଞ୍ଚାନନ ପ୍ରଧାନ, ବିସ୍ମୟ ସାହୁଙ୍କ ସମେତ ଲୁହାସିଙ୍ଗା ଓ ଜାମୁଡୋଲୀ ପଞ୍ଚାୟତବାସୀ ସହଯୋଗ କରୁଛନ୍ତି। ଆଠମଲ୍ଲିକ ଥାନା ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀ ଯାତ୍ରାସ୍ଥଳକୁ ଯାଇ କମିଟି କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରି ଶାନ୍ତିଶୃଙ୍ଖଳାର ସହିତ ଯାତ୍ରା ଶେଷ ଦିଗରେ ପଦକ୍ଷେପ ନେଇଛନ୍ତି।


ଦୋଳଯାତ୍ରା ଅବସରରେ ଆୟୋଜିତ କଳସ ଶୋଭାଯାତ୍ରା।

# କନିଷ୍ଠ ଯନ୍ତ୍ରୀଙ୍କୁ କାର୍ଯ୍ୟରୁ ଅପସାରଣ କଲେ ବିଡିଓ

**ପାଲଲହଡ଼ା,୨୨।୩ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଆଦିବାସୀ ଅଧ୍ୟୁଷିତ ସୀମାନ୍ତ ବରଡ଼ିହ ପଞ୍ଚାୟତର ଶିଳପଳା ଗାଁରେ ବିନା କାମରେ ଲକ୍ଷାଧିକ ଟଙ୍କା ହଡପ କରିବାକୁ ମସୁଧା ଘଟଣା ପଦାକୁ ଆସିବା ପରେ ସହକାରୀ ଯନ୍ତ୍ରୀ, ବିଡିଓ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୃଥକ ପୃଥକ ଭାବେ ଘଟଣା ସ୍ଥଳକୁ ଗସ୍ତକରି ସତ୍ୟାସତ୍ୟ ଯାଞ୍ଚ କରିଥିଲେ। ଏହାପରେ ପଞ୍ଚାୟତ ସମିତି ଅଫିସର ଚିଠି ସଂଖ୍ୟା ୧୦୩୮ ତା ୨୦।୦୩।୨୫ରେ ସରକାରୀ କାର୍ଯ୍ୟରେ ଅବହେଳା ଓ ମିଥ୍ୟା ବିଲ୍ ପ୍ରସ୍ତୁତ ଅଭିଯୋଗରେ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ନିଖଣ୍ଡଙ୍କ ଠାରୁ ସମସ୍ତ ଦାୟିତ୍ୱ ଅପସାରଣ କରି ନିଆଯାଇଥିବା ସହିତ ଜିଲାପାଳ ଅନୁଗୋଳଙ୍କୁ ଅବଗତ କରାଯାଇଥିବା ଜଣାପଡ଼ିଛି।

# ଅନୁଗୋଳରେ ଜିଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

**ଅନୁଗୋଳ,୨୨।୩ (ମାନସ ବିଶ୍ୱାଳ)**

ଅନୁଗୋଳ ସହର ସଭାଘରଠାରେ ଶନିବାର ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କ ଜିଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମଗ୍ର ଜିଲାର ବିଭିନ୍ନ ଅଞ୍ଚଳରୁ ଦଳମତ ନିର୍ବିଶେଷରେ ବ୍ୟକ୍ତି ବିଶେଷ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରାକ୍ତନ ଭାଜପା ରାଜ୍ୟ ସଭାପତି ଡା. ପ୍ରଧାନଙ୍କ ବିୟୋଗ ଅନୁଗୋଳ ଜିଲା, ଓଡ଼ିଶା ପ୍ରଦେଶ ଓ ଦେଶ ପାଇଁ ଅପୂରଣୀୟ କ୍ଷତି। ଡାକ୍ତର ସେବାରୁ ରାଜନୀତି, ମଣ୍ଡଳ ସଭାପତିରୁ କେନ୍ଦ୍ରମନ୍ତ୍ରୀ ତାଙ୍କର ବ୍ୟକ୍ତିତ୍ୱ ଥିଲା ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ମତ ଦେଇଥିଲେ। ସଭାରେ ଢେଙ୍କାନାଳ ଏମ୍ପି ରୁଦ୍ର ନାରାୟଣ ପାଣି, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ଅନୁଗୋଳ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ଏମ୍ପି ମହେଶ ସାହୁ, ପୂର୍ବତନ ବିଧାୟକ ରମେଶ ସାଏ, ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା, କଂଗ୍ରେସ ଜିଲା ସଭାପତି ଅମ୍ବିକା ଭଞ୍ଜ, ବିଜେଡି ଜିଲା ସଭାପତି ମହେନ୍ଦ୍ର ବହିଆ, ପଣ୍ଡିତ ମହେଶ ସାହୁ, ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଜିଲା ପରିଷଦ ଓ ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲା ଭାଜପା ସଭାପତି ଯଯାତି କେଶରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ଦଳ ଓ ଅନୁଷ୍ଠାନର ଶତାଧିକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।



ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଜନପ୍ରତିନିଧି ଓ ଅନ୍ୟମାନେ।

# ଧରିତ୍ରୀ
DHARITRI

ଧରିତ୍ରୀ 51 Years






ଲୋକସେବା ଭବନରେ ଶନିବାର ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇଙ୍କ ସହ ହାତ ମିଳାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ମହାନଦୀ ବିବାଦର ସମାଧାନ କରିବେ ଟ୍ରିପଲ ଇଞ୍ଜିନ ସରକାର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୩ (ସୁନିତ୍ ମିଶ୍ର)**

ଜଳ ସଂରକ୍ଷଣ, ଜଳ ପରିଚାଳନାରେ ସରକାରଙ୍କର ସବୁଠାରୁ ବଡ଼ ଭୂମିକା ରହିଛି। କିନ୍ତୁ ଏଥିରେ ବ୍ୟକ୍ତିଗତ ସ୍ତରରେ ତଥା ଗୋଷ୍ଠୀଗତ ସ୍ତରରେ ସମସ୍ତେ ନିଜ ନିଜ ଯୋଗଦାନ ରଖିବା ନିତାନ୍ତ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟରଠାରେ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ସହ ଜଳକୁ ନେଇ ଯେଉଁଠି ବିବାଦ ଅଛି ତାକୁ ଆମେ ଗୁରୁତ୍ୱର ସହ ନେଇଛୁ। ତା'ର ତ୍ୱରିତ ସମାଧାନ କରାଯିବ। ମହାନଦୀକୁ ନେଇ ଛତିଶଗଡ଼ ସହ ବିବାଦ ଚାଲିଛି। ☞ପୃଷ୍ଠା-୨






# ଡିଲିମିଟେଶନ ଆଉ ୨୫ ବର୍ଷ ଘୁଞ୍ଚୁ

## କେନ୍ଦ୍ରକୁ କହିଲା ଜେଏସି

**ଚେନ୍ନାଇ, ୨୨।୩(ପି.ଟି.)**

କେନ୍ଦ୍ର ସରକାରଙ୍କ ଡିଲିମିଟେଶନ (ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ) ପଦ୍ଧତିକୁ ବିରୋଧ କରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଦ୍ୱାରା ଆହୂତ ଡିଏମ୍‌କେ ନେତୃତ୍ୱାଧୀନ ଯୁଗ୍ମ କ୍ରିୟାନୁଷ୍ଠାନ କମିଟି (ଜେଏସି) ବୈଠକ ଶନିବାର ଚେନ୍ନାଇରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପଯୁକ୍ତ ଡିଲିମିଟେଶନକୁ ସୁନିଶ୍ଚିତ କରିବା ଉପରେ କମିଟି ଜୋର୍ ଦେଇଛି। ୧୯୭୧ ଜନସଂଖ୍ୟା ଆଧାରରେ କରାଯାଇଥିବା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣକୁ ଆଉ ୨୫ ବର୍ଷ ଘୁଞ୍ଚାଇବା ନିମନ୍ତେ କମିଟି କେନ୍ଦ୍ରକୁ ନିବେଦନ କରିଛି। ଏମ୍‌ପିମାନଙ୍କ ଏକ ମିଳିତ ପ୍ରତିନିଧି ଦଳ ପାର୍ଲାମେଣ୍ଟ ଅଧିବେଶନ କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଏଥିପାଇଁ ଦାବି କରିବାକୁ ନିଷ୍ପତ୍ତି ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଭର୍ଚୁଆଲି ସାମିଲ ହୋଇ କେବଳ ଜନସଂଖ୍ୟା ଆଧାରରେ ଡିଲିମିଟେଶନ କରା ନ ଯାଉ ବୋଲି ପ୍ରସ୍ତାବ ଦେଇଛନ୍ତି। ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଉକ୍ତ ବୈଠକରେ ଯୋଗଦେଇ ନାହିଁ।



ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍

ଜେଏସି ବୈଠକରେ ଗୃହୀତ ହୋଇଥିବା ସଂକଳ୍ପ ଅନୁଯାୟୀ, ଗଣତାନ୍ତ୍ରିକ ମୂଲ୍ୟବୋଧରେ ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ହେବାକୁ ଥିବା ଯେକୌଣସି ଡିଲିମିଟେଶନ ସ୍ୱଚ୍ଛତାର ସହ କରାଯିବା ଉଚିତ, ଯେପରି ସମସ୍ତ ରାଜ୍ୟର ରାଜନୈତିକ ଦଳ, ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ ଅଂଶୀଦାର ବିଚାରବିମର୍ଶ, ଆଲୋଚନା ଏବଂ ମତାମତ ଦେବାର ସୁଯୋଗ ପାଇବେ। ଯେଉଁ ରାଜ୍ୟଗୁଡ଼ିକ ଜନସଂଖ୍ୟା ନିୟନ୍ତ୍ରଣ ପଦକ୍ଷେପକୁ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିଛନ୍ତି, ସେହି ରାଜ୍ୟଗୁଡ଼ିକୁ ସୁରକ୍ଷା ପ୍ରୋତ୍ସାହନ ଯୋଗାଇବା ୪୨ତମ, ୮୪ତମ ଏବଂ ୮୭ତମ ସମ୍ବିଧାନ ସଂଶୋଧନ ପଛର ବ୍ୟବସ୍ଥାପିକାଗତ ଉଦ୍ଦେଶ୍ୟ ଥିଲା। ଜାତୀୟ ଜନସଂଖ୍ୟା ସ୍ଥିରତା ଲକ୍ଷ୍ୟ ଏପର୍ଯ୍ୟନ୍ତ ହାସଲ ହୋଇପାରି ନ ଥିବାରୁ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟାକୁ ଆଉ ୨୫ ବର୍ଷ ବନ୍ଦ ରଖାଯିବା ଆବଶ୍ୟକ ବୋଲି କମିଟି କହିଛି। ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ସଫଳତାର ସହ କାର୍ଯ୍ୟକାରୀ କରିବା ଫଳରେ ଲୋକସଂଖ୍ୟା କମିଥିବା ରାଜ୍ୟଗୁଡ଼ିକ ଦଣ୍ଡିତ ହେବା ଉଚିତ ନୁହେଁ। ଏହି ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ସମ୍ବିଧାନରେ ଆବଶ୍ୟକ ପରିବର୍ତ୍ତନ ଆଣିବା ଜରୁରୀ ବୋଲି ସଂକଳ୍ପରେ କୁହାଯାଇଛି।

> ଅନୁଚିତ ସୀମା ପୁନଃ ନିର୍ଦ୍ଧାରଣ ରାଜ୍ୟଗୁଡ଼ିକୁ ରାଜନୈତିକ ଭାବେ ଦୁର୍ବଳ କରିବ: ଷ୍ଟାଲିନ୍

ବୈଠକରେ ଉଦ୍‌ବୋଧନ ଦେଇ ଷ୍ଟାଲିନ୍ କହିଥିଲେ, ଯଥେଷ୍ଟ ରାଜନୈତିକ ସାମର୍ଥ୍ୟ ନ ଥିବା ରାଜ୍ୟଗୁଡ଼ିକର ନ୍ୟାୟ ପାଇଁ ଉଠାଉଥିବା ସ୍ୱରକୁ ଅଣଦେଖା କରାଯାଉଛି। ☞ପୃଷ୍ଠା-୨



## ଆରମ୍ଭ ହେଲା ଆଇପିଏଲ୍

**କୋଲକାତା, ୨୨।୩(ପି.ଟି.) :** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ଶ ସଂସ୍କରଣ ଶନିବାର କୋଲକାତାର ଇଡେନ ଗାର୍ଡେନ୍ସରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସମାରୋହରେ ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍, ଅଭିନେତ୍ରୀ ଦିଶା ପଟାନି, ଗାୟିକା ଶ୍ରେୟା ଘୋଷାଲ, ଅନ୍ତର୍ଜାତୀୟ ର୍‍ୟାପର କରନ ଆଉଜଲା ଆକର୍ଷଣର କେନ୍ଦ୍ରରେ ରହିଥିଲେ। ପାଖାପାଖି ଏକ ଘଣ୍ଟା ଧରି ଉଦ୍‌ଘାଟନୀ ସମାରୋହ ପରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ପ୍ରଥମ ମ୍ୟାଚ ଆରମ୍ଭ ହୋଇଥିଲା। **(ରିପୋର୍ଟ ଓ ଫଟୋ ଖେଳ ପୃଷ୍ଠାରେ)**











## ବିନୋଦ ଶୁକ୍ଲାଙ୍କୁ ଜ୍ଞାନପୀଠ ପୁରସ୍କାର



**ନୂଆଦିଲ୍ଲୀ, ୨୨।୩(ପି.ଟି.)**

ଖ୍ୟାତନାମା ହିନ୍ଦୀ ଲେଖକ ବିନୋଦ କୁମାର ଶୁକ୍ଳାଙ୍କୁ ଭାରତର ସର୍ବୋଚ୍ଚ ସାହିତ୍ୟ ସମ୍ମାନ ୫୯ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ ନିମନ୍ତେ ଶନିବାର ମନୋନୀତ କରାଯାଇଛି। ହିନ୍ଦୀ ସାହିତ୍ୟ ଜଗତକୁ ନିଜର ଉଲ୍ଲେଖନୀୟ ଅବଦାନ, ସୃଜନଶୀଳତା ଏବଂ ଅଦ୍ୱିତୀୟ ଲେଖନ ଶୈଳୀ ପାଇଁ ତାଙ୍କୁ ଜ୍ଞାନପୀଠ ନିମନ୍ତେ ବଛାଯାଇଥିବା ଚୟନ କମିଟି କହିଛି। ଏହି ପୁରସ୍କାର ପାଇବାରେ ବିନୋଦ ହେବେ ଛତିଶଗଡ଼ରୁ ପ୍ରଥମ ସାହିତ୍ୟିକ। କ୍ଷୁଦ୍ରଗଳ୍ପ ଲେଖକ, କବି ତଥା ପ୍ରାବନ୍ଧିକ ୮୮ ବର୍ଷୀୟ ବିନୋଦଙ୍କୁ ହିନ୍ଦୀ ଭାଷାରେ ଅନ୍ୟତମ ମହାନ ସମସାମୟିକ ଲେଖକ ବିବେଚନା କରାଯାଏ। ଏହି ପୁରସ୍କାର ପାଇବାରେ ସେ ଦ୍ୱାଦଶ ହିନ୍ଦୀ ଲେଖକ ହେବେ। ପୁରସ୍କାର ବାବଦରେ ୧୧ ଲକ୍ଷ ନଗଦ ଟଙ୍କା ସାଙ୍ଗକୁ ସରସ୍ୱତୀଙ୍କ ବ୍ରୋଞ୍ଜ ମୂର୍ତ୍ତି ଏବଂ ଏକ ପ୍ରଶସ୍ତିପତ୍ର ପ୍ରଦାନ କରାଯିବ। ଖ୍ୟାତନାମା ସାହିତ୍ୟିକା ତଥା ଜ୍ଞାନପୀଠ ବିଜୟିନୀ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଜ୍ଞାନପୀଠ ଚୟନ କମିଟି ବୈଠକ ବସି ବିନୋଦଙ୍କୁ ଏହି ☞ପୃଷ୍ଠା-୨

**କାଳବୈଶାଖୀ: ବଜ୍ରପାତରେ ୨ ମୃତ** ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

**ଆମେରିକା ସହିପାରୁନି**




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାରତୀୟ ଯୋଗ ସଂସ୍ଥାନ, ନୂଆଦିଲ୍ଲୀର ରାଧା-କୃଷ୍ଣ ମହିଳା ଯୁଗ ସାଧନା କେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ଲେନ୍-୧୧, ଜଗନ୍ନାଥ ନଗର, ସମୟ: ସକାଳ ୬ଟା।
- ବାବା ଆଖଣ୍ଡଳମଣି ଯୁବକ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର ଦୁର୍ଗା ପୂଜା ମଣ୍ଡପ, ଭିଏସ୍ଏସ୍ ନଗର, ସମୟ: ସକାଳ ୯ଟା।
- ନୃତ୍ୟକଳା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ମେଗା ଡ୍ୟାନ୍ସ ଫେଷ୍ଟିଭାଲ 'ଦେବାଂଶୀ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ, ସ୍ଥାନ: ମେଫେୟାର କନ୍ଭେନଶନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ୩୮ତମ ସାଧାରଣ ଅଧିବେଶନ, ସ୍ଥାନ: ସଂଘ କାର୍ଯ୍ୟାଳୟ, ପ୍ଲଟ ନଂ. ୩୦, ଗୌତମ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଏସ୍ଏଚ୍‌ଜି ଓ ଏମ୍ଏଫ୍ଆଇ ବାବଦରେ ସର୍ଭେ ରିପୋର୍ଟ ଜାରି, ସ୍ଥାନ: ଓଡେଶା ହଲ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱପ୍ନ କୁମାର ସାହୁଙ୍କ ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ୨୭ତମ ଜାତୀୟ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ ଉପଲକ୍ଷେ ମାଉସୀମା ସତ୍‌ସଙ୍ଗ ପକ୍ଷରୁ ବାର୍ଷିକ ସତ୍‌ସଙ୍ଗ ଅଧିବେଶନ, ସ୍ଥାନ: କାର୍ଗିଲ ପଡ଼ିଆ, ପୋଖରୀପୁଟ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା

- ଡିଏମ୍‌ଭି (ଜଟଣୀ)ର ଦ୍ୱିତୀୟ ବାର୍ଷିକ ଉତ୍ସବ ଏବଂ କୃତୀ କଳାକାରଙ୍କୁ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ବାଛରା ଶ୍ରୀରାମ ମନ୍ଦିର ପରିସର, ସମୟ: ସକାଳ ୮ଟା।

## ବାଲେଶ୍ୱର

- ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ନୀଳବାଡ଼ି, ରୂପସା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ବୈଦିକ ଗୁରୁକୁଳ ଆଶ୍ରମର ୩୬ତମ ବାର୍ଷିକ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ପିଞ୍ଛାବଣିଆ ଆଶ୍ରମ ପରିସର, ରୂପସା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ଡ. ବିଆର୍ ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଶ୍ରୀଦୁର୍ଗା କଲ୍ୟାଣ ମଣ୍ଡପ, ପାରୁଳିଆ ଛକ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଅମର ଯବାନ ଯୁବ ସଙ୍ଗଠନର ସପ୍ତମ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ଦିବସ ଅବସରରେ-ଚିତ୍ରାଙ୍କନ ପ୍ରତିଯୋଗିତା, ସମୟ: ଅପରାହ୍ନ ୩ଟା ୩୦।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ଅପରାହ୍ନ ୫ଟା। -ସଭା କାର୍ଯ୍ୟ ଓ ପୁରସ୍କାର ବିତରଣ, ସ୍ଥାନ: ବାହାବଳପୁର ଫିଶାରି ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସ ଉପଲକ୍ଷେ ଫଳ ବଣ୍ଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଭଦ୍ରକ, ସମୟ: ସକାଳ ୬ଟା।
- ମାତୃଭୂମି ପାଇଁ ଗଣଦୌଡ଼, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୬ଟା ୩୦।
- ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସ ଉପଲକ୍ଷେ ସାଧାରଣ ସଭା ଓ ରକ୍ତଦାନ ଶିବିର, ସ୍ଥାନ: ଚରମ୍ପା ଅଗ୍ରେସନ ଭବନ, ଭଦ୍ରକ, ସମୟ: ସକାଳ ୮ଟା।
- ମନ୍ତେଇ ମହୋତ୍ସବ-୨୦୨୫, ସ୍ଥାନ: ରାଜଘରପୋଖରୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ, ସ୍ଥାନ: ପୀରହାଟ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ଦୋଳ ମହୋତ୍ସବ, ସ୍ଥାନ: ପୀରହାଟର ଅର୍ଜ୍ଜୁନବିନ୍ଧା, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ଐତିହାସିକ ବାଦିପାଲା ପରିବେଷଣ, ସ୍ଥାନ: ଭଗବାନପୁର, ଧାମନଗର, ସମୟ: ରାତି ୮ଟା।

## କେନ୍ଦୁଝର

- କଂଗ୍ରେସ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସ୍ଥାନୀୟ ବରିଷ୍ଠ କଂଗ୍ରେସ ନେତାଙ୍କ ସହ ଆଲୋଚନା, ସ୍ଥାନ: କେନ୍ଦୁଝର ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରାଣୀସ୍ୱାସ୍ଥ୍ୟ ପରୀକ୍ଷା ଓ ଟିକା କରଣ ଶିବିର, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ସକାଳ ୮ ଟାରୁ ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଖବରଦାତା ସମ୍ମିଳନୀ, ସ୍ଥାନ: ମଂଚାବନ୍ଧାସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କାର୍ଯ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ଅପରାହ୍ନ ୨ଟା।
- ଦିବଂଗତ ଅଭିନେତା ଉତ୍ତମ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ରଥପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ରାମ ମନୋହର ଲୋହିଆ ଜୟନ୍ତୀ ଓ ଭଗତସିଂଙ୍କ ଫାସୀ ଦିବସ, ସ୍ଥାନ: ନବୀନ ଭବନ , ସମୟ: ଅପରାହ୍ନ ୪ଟା

## ଗଞ୍ଜାମ

- ଏକ ଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ, ଦିବ୍ୟ ଜୀବନ ସଂଘ ଆସିକା, ସମୟ: ସକାଳ ୯ଟା।
- ମାଗଣା ସ୍ୱାସ୍ଥ୍ୟସେବା ଶିବିର, ବିବେକାନନ୍ଦ ଶିଶୁମନ୍ଦିର ଗଡ଼େଇ, ଆସିକା ବ୍ଲକ୍, ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ

- ରକ୍ତଦାନ ଶିବିର,ସ୍ଥାନ: ଜିଲା ରକ୍ତଭଣ୍ଡାର, ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୮ଟା୩୦।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ ସଭା, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ୧୦ଟା୩୦।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ, ଗାନ୍ଧୀମନ୍ଦିର, ସମୟ: ଅପରାହ୍ନ ୩ଟା୩୦।
- ପ୍ରଥମ ମହିମା ବହିମେଳା-୨୦୨୫ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- କେନ୍ଦ୍ରାପଡା ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ସାହିତ୍ୟ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ଫାଶୀ ଦିବସ ଉପଲକ୍ଷେ ସ୍ମରଣ ସଭା, ସ୍ଥାନ: ବଜରଙ୍ଗୀ ମଣ୍ଡପ, କଣ୍ଡିଆହାଟ, ରାଜକନିକା, ସ୍ଥାନ: ଅପରାହ୍ନ ୫ଟା।

## ଯାଜପୁର

- ଧର୍ମଶାଳା ସମାଜ କଲ୍ୟାଣ ଶିକ୍ଷକ ସଂଗଠନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।

## ନୟାଗଡ଼

- ପଞ୍ଚୁଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ରଣପୁର ପଞ୍ଚୁ ଦୋଳ ପଡିଆ, ସମୟ: ସକାଳ ୭ଟା।
- ଭଗତ ସିଂହଙ୍କ ଶହୀଦ ଦିବସ, ସ୍ଥାନ: ଗୋଡିପଡା ବଜାର ମହନ୍ତସାହିସ୍ଥ ଭଗତ ସିଂହଙ୍କ ପ୍ରତିମୂର୍ତ୍ତି ସମ୍ମୁଖ, ସମୟ: ସକାଳ ସାଢେ ୭ ଟା।
- ଭଗତ ସିଂହଙ୍କର ଶହୀଦ ଦିବସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ଗୋଡିପଡା ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ଉଦ୍‌ଯାପନ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ସ୍ଥାନ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଭାପୁର ବ୍ଲକର କାଳିଆପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ:ଭାପୁର ବ୍ଲକର ମହୁଲ ବେରଣା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚୁଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ: ଅପରାହ୍ନ ୪ଟା।
- ପଞ୍ଚୁଦୋଳ ଯାତ୍ରାର ୫ମ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ବନମାଳିପୁର ଦୋଳମଣ୍ଡପ, ସମୟ: ଅପରାହ୍ନ ୪ଟା।

୨୭ତମ ବାର୍ଷିକ ଯଜ୍ଞୋତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକର ଶ୍ରୀ ଶ୍ରୀଅଚ୍ୟୁତାନନ୍ଦ ଆଶ୍ରମ ରାଧାକୃଷ୍ଣ ମନ୍ଦିର, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା

- ଉଗାଦି ଉତ୍ସବ କମିଟି ପକ୍ଷରୁ ବେଦ ପାଠ ପ୍ରତିଯୋଗିତା, ସ୍ଥାନ: ରାୟଗଡ଼ା ମ୍ୟୁନିସିପାଲିଟି ଟାଉନ ହଲ, ସମୟ: ସକାଳ ୯ଟା ୩୦ ।

## ନବରଙ୍ଗପୁର

- ବାର୍ଷିକ ଉତ୍ସବ, ସ୍ଥାନ: କୁଜାଜାନୀଗୁଡ଼ା ଏସ୍‌ଏସ୍‌ଡି ହାଇସ୍କୁଲ, ସମୟ: ଅପରାହ୍ନ ୫ଟା।

## କୋରାପୁଟ

- ରକ୍ତଦାନ ଶିବିର, ସ୍ଥାନ: ସେମିଳିଗୁଡ଼ା ତହସିଲ କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- ସତ୍ୟ ସାଇ ସେବା ସମିତିର ରକ୍ତଦାନ ଶିବିର, ସ୍ଥାନ: ସୁନାବେଡ଼ା-୧ସ୍ଥିତ ସତ୍ୟ ସାଇ ସେବା ସମିତି କାର୍ଯାଳୟ , ସମୟ: ସକାଳ ୯ ଟା।
- ଖଡୁରା ସମାଜର ବନ୍ଧୁ ମିଳନ, ସ୍ଥାନ: ସେମିଳିଗୁଡ଼ା ଗଙ୍ଗା ମା ମନ୍ଦିର ପଡ଼ିଆ, ସମୟ: ପୂର୍ବାହ୍ନ ୧୧ ଟା।
- ଡିକେଆଇଡିଜେଡ ପ୍ଲେ ସ୍କୁଲ ଉଦ୍‌ଘାଟନ, ସ୍ଥାନ: ସେମିଳିଗୁଡ଼ା ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୧ ଟା ୩୦।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ଜାତୀୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ-୧, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମଓଡ଼ିଶା ସଙ୍କୀର୍ତ୍ତନ ପରିଷଦର ୧୫ତମ ବାର୍ଷିକ ଉତ୍ସବ, ସ୍ଥାନ : ସମ୍ବଲପୁର ପ୍ରେସ କ୍ଲବ, ସମୟ : ପୂର୍ବାହ୍ନ ୧୦ଟା।
- ପ୍ରୟାସ ପରିବାର ପକ୍ଷରୁ ରକ୍ତାଦାନ ଶିବିର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ଭାରତୀ ସମାଜର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ସେତୁ ଆୟୋଜିତ ୪ର୍ଥ ଇଂ. କରୁଣାକର ସୁପକାର ସ୍ମାରକୀ ବକ୍ତୃତାମାଳା, ସ୍ଥାନ :ଏମ୍ସ ପରିସରସ୍ଥ ସହଭାଗିତା କେନ୍ଦ୍ର, ସମୟ : ପୂର୍ବାହ୍ନ ୧୦ଟା।
- ୧୧ତମ ବୀର ବଜରଙ୍ଗବଲି କ୍ୟାରେମ ଟୁର୍ନାମେଣ୍ଟ, ସ୍ଥାନ : ବରଗାଁ ସ୍ଥିତ ବୀର ବଜରଙ୍ଗବଲି କ୍ଲବ, ସମୟ : ଅପରାହ୍ନ ୫ଟା।
- ଅଦୃଶ୍ୟ ନାଟ୍ୟ ଆଶ୍ରମ ଆୟୋଜିତ ପଞ୍ଚମ ହୀରଖଣ୍ଡ ନାଟ୍ୟ ମହୋତ୍ସବ-୨୦୨୫ ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା୩୦ ।

## ବଲାଙ୍ଗୀର

- ପଞ୍ଚଦିବସୀୟ ବିଶାଳ ଯୋଗ ସାଧନା ଶିବିର ଦ୍ୱିତୀୟ ଦିବସ,ସ୍ଥାନ: କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ପ୍ରାତଃ ୫ଟା।
- ଅଲ୍ ଓଡିଶା ମହାରାଜା ଆର୍ ଏନ୍ ସିଂଦେଓ ମେମୋରିଆଲ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

## ରାଉରକେଲା

- ମହାରୁଦ୍ର ଯଜ୍ଞ, ସ୍ଥାନ: ହରପାର୍ବତୀ ମନ୍ଦିର, ବାସନ୍ତୀ କଲୋନି, ସମୟ: ସକାଳ ୬ଟା ୩୦।
- ଡିୱାଇଏଫ୍ଆଇ(ଏସ୍ଏଫ୍ଆଇ) ପକ୍ଷରୁ ଶହୀଦ ଭଗତ ସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଛେଣ୍ଡ୍ କଲୋନି, ସମୟ: ସକାଳ ୮ଟା ୩୦।
- ବିହାର ଦିବସ ପାଳନ, ସ୍ଥାନ: ବାସନ୍ତୀ କଲୋନି ବିହାର ସାଂସ୍କୃତିକ ପରିଷଦ, ସମୟ: ସକାଳ ୯ଟା ୩୦।
- ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଜଳ ସଂରକ୍ଷଣ କର୍ମଶାଳା, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର--୧୮, ସମୟ: ୧୦ଟା ୩୦।
- ଦେଶ ପାଇଁ ବଳିଦାନ ଦିବସ ପାଳନ, ସ୍ଥାନ: ଶୀତଳପଡା, ଉଦିତନଗର, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ଶହୀଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗୁରୁଦ୍ୱାରା ଛକ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ, ସ୍ଥାନ:ମନ୍ଦିର ପରିସର, ଅତାବିରା,ସମୟ: ସକାଳ ୮ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ତାଲପାଲି, ଗାଇସିଲେଟ୍, ସମୟ:ସକାଳ ୮ଟା।
- ହୋମିଓପ୍ୟାଥି ଜିଲା ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ:କାର୍ଯ୍ୟାଳୟ ପରିସର, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବରେ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଅତାବିରା,ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଭାଜପାର ପ୍ରସ୍ତୁତି ବୈଠକ,ସ୍ଥାନ:ଭବାନୀପାଟଣା ଭାଜପା ଅଫିସ,ସମୟ:ଅପରାହ୍ନ ୪।
- ବିଧାୟକଙ୍କ ବିଭିନ୍ନ ସ୍ଥାନ ପରିଦର୍ଶନ, ସ୍ଥାନ:ଧର୍ମଗଡ଼ ଚାରିଛକ,ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତିଲେଇବଣି ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରରେ ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ରାମେଶ୍ୱର ମନ୍ଦିର ପରିସର, ସମୟ: ପ୍ରାତଃ ୫ଟା।
- ଜଗନ୍ନାଥ ମହୋତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ଶ୍ରୀ ବିଷ୍ଣୁ ମହାଯଜ୍ଞ ଓ ଶ୍ରୀ ବିଷ୍ଣୁ ପୂଜନ, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସକାଳ ୮ଟା।
- ବୀରମହାରାଜପୁର ବ୍ଲକ ଟିଁଠିପାଲିରେ ନବାହ୍ନ ପାରାୟଣର ସପ୍ତମ ଦିବସ, ସ୍ଥାନ: ରାଧେଶ୍ୟାମ ମଠ ପରିସର, ସମୟ: ସକାଳ ୯ଟା।
- ବୀରମହାରାଜପୁର ବ୍ଲକ ଜମ୍ବାଲିପାଲିଠାରେ ରାମାୟଣ ନବାହ୍ନ ପାରାୟଣର ସପ୍ତମ ଦିବସ, ସ୍ଥାନ: ଗ୍ରାମ୍ୟ ମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
- ତରଭା ସହର ଅନ୍ତର୍ଗତ ତ୍ରିନାଥ ମନ୍ଦିରେ ତ୍ରିନାଥ ମେଳା ଓ ତ୍ରିନାଥ ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ଜଗନ୍ନାଥ ମହୋତ୍ସବ ଅବସରରେ ଧାର୍ମୀକ ସଭା, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- ଜଗନ୍ନାଥ ମହୋତ୍ସବରେ ଶ୍ରୀହରି କଥାମୃତ ପ୍ରବଚନ, ସ୍ଥାନ: ସୋନପୁର ରାମେଶ୍ୱର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା

- ଷୋହଳ ପ୍ରହରୀ ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: କୋମନା ବ୍ଲକ ଜଡ଼ାମୁଣ୍ଡା ପଞ୍ଚାୟତ ଇଛାପୁର ଗାଁ ଉପରପଡ଼ା, ସମୟ: ଅପରାହ୍ନ ୨ ଟା।
- ମାରାଗୁଡ଼ା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ:ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସମୟ: ସନ୍ଧ୍ୟା ୬ଟା।
- ସଂକୀର୍ତ୍ତନ ଦଳ ଦ୍ୱାରା ବୈଠକି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଜଡ଼ାମୁଣ୍ଡା ଗାଁ ଇଛାପୁର ଗାଁ ଉପରପଡ଼ା ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଘିଚାମୁରା ଗ୍ରାମ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଭାଗବତ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚଗାଁ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଟି୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କପିଳାଷପୁର ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆପଣ କଳାନୁରାଗୀ, ସଙ୍ଗୀତପ୍ରିୟ, ସାହିତ୍ୟରସିକ ଓ ଚଳଚ୍ଚିତ୍ରପ୍ରେମୀ ଭାବରେ ପ୍ରଶଂସିତ ହୋଇପାରନ୍ତି। ମଙ୍ଗଳଙ୍କ କୁପ୍ରଭାବରୁ ଦେହ ଖରାପ ରହିପାରେ। ଅଶ୍ୱିନୀ ନକ୍ଷତ୍ରର କାମ ଯଥା ସମୟରେ ହେଉ ନ ଥିବାରୁ ବିରକ୍ତ ହେବେ। ଆବଶ୍ୟକତା ପୂରଣ ପରିପ୍ରେକ୍ଷୀରେ ବଡ଼ କଷ୍ଟରେ ଟଙ୍କା ଯୋଗାଡ଼ କରିବାରେ ସକ୍ଷମ ହେବେ।

**ବୃଷ**
ମୃଗଶିରା ନକ୍ଷତ୍ର ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମନୋରଞ୍ଜନ କାର୍ଯ୍ୟରେ ଖର୍ଚ୍ଚ କରି ଅନୁତାପ କରିବେ। ଜାଣି ମଧ୍ୟ ପାଖରେ କାମ କରୁଥିବା ଲୋକଟି ଉପରେ ନିର୍ଭରଶୀଳ ହୋଇପାରନ୍ତି। ଯାହା କିଣିବା ପାଇଁ ମନ ବଳାଇଛନ୍ତି, ଆଜି ମନକୁ ନ ପାଇବାରୁ ଫେରିଆସିବେ। ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ବନ୍ଧୁମିଳନରେ ଭାଗ ନେଇପାରିବେ ନାହିଁ ।

**ମିଥୁନ**
ଷଷ୍ଠାଧିପତି ରାଶିରେ ଅବସ୍ଥାନ କରି ଆପଣଙ୍କ ପାରିବାରିକ ସୁଖ, ସ୍ୱାଚ୍ଛନ୍ଦ୍ୟକୁ ବିନଷ୍ଟ କରିପାରନ୍ତି। ଭୁଲ୍‌ବୁଝାମଣାରୁ ବନ୍ଧୁଙ୍କ ସହ ବିନା କାରଣରେ କଳହ ଲାଗିପାରେ। କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ଆର୍ଦ୍ରା ନକ୍ଷତ୍ର ପରିବାରର ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କରି ଅସଫଳ ହୋଇପାରନ୍ତି।

**କର୍କଟ**
କେତେକ କ୍ଷେତ୍ରରେ ଯିଏ ଯାହା କହିଲେ ମଧ୍ୟ ତାହାକୁ ଭିନ୍ନ ଅର୍ଥରେ ଗ୍ରହଣ କରିବେ। ଖଳଲୋକମାନେ ଅପପ୍ରଚାର କରିପାରନ୍ତି ତେଣେ ନିଜଲୋକଙ୍କଠାରୁ ମଧ୍ୟ ଆସ୍ଥାହରାଇବେ। ପୁନର୍ବସୁ ନକ୍ଷତ୍ର ବନ୍ଧୁବାନ୍ଧବଙ୍କ ସକାଶେ ଖର୍ଚ୍ଚାନ୍ତ ହୋଇ ମନସ୍ତାପ କରିପାରନ୍ତି। ଖୋଜୁଥିବା ଜିନିଷଟିର ସନ୍ଧାନ ସନ୍ଧ୍ୟା ସମୟରେ ପାଇବାର ସୂଚନା ରହିଛି।

**ସିଂହ**
ଦୁଃସ୍ଥାନରେ ଏକାଧିକ ଗ୍ରହଥିବା କାରଣରୁ ଧନାହାନି ସୂଚନା ରହିଛି। ସଭାସମିତିରେ କିମ୍ବା ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ବ୍ୟବସାୟ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଶ୍ରମଜନିତ ଦୁର୍ବଳତା ଅନୁଭବ କରିବେ।

**କନ୍ୟା**
ଆଜି ଚିତ୍ରା ନକ୍ଷତ୍ର ପ୍ରତିଦ୍ୱନ୍ଦ୍ୱିତା କଲେ ବିଜୟର ଆଶା ନିରର୍ଥକ ହୋଇପାରେ। ପାତର ଅନ୍ତର ନୀତିକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କାକୁ ଏଡି ହେବ ନାହିଁ। ଟେନସନ୍ କିଛି ମାତ୍ରାରେ ଲାଗିରହିବ କିନ୍ତୁ ଯାହା ଚିନ୍ତା କରୁଛନ୍ତି ଅବଶ୍ୟ ସଫଳ ହେବ। ହଠାତ୍ କୌଣସି କ୍ଷେତ୍ରରେ ଅଯଥା ବ୍ୟସ୍ତ ବିବ୍ରତ ହୁଅନ୍ତୁ ନାହିଁ।

**ତୁଳା**
ବିଶାଖା ନକ୍ଷତ୍ରର ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଖୁସିରେ ଅତିବାହିତ ହେବାର ସୂଚନା ରହିଛି। କୌଣସି ମନଭୁଲାଣିଆ କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାକୁ ବାଧ୍ୟ ହେବେ। ସଭାସମିତି, ଶିକ୍ଷା, ପରୀକ୍ଷା, ବିଦେଶ ଯାତ୍ରା ପ୍ରଭୃତି ସାଙ୍ଗକୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ବିଛା**
ଅନୁରାଧା ନକ୍ଷତ୍ର ପାରିବାରିକ ତିକ୍ତତାର ସମାପ୍ତି ଘଟାଇବା ସକାଶେ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେଇ ପାରନ୍ତି। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ, ଆଇନ ଅଦାଲତରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ଲାଗିରହୁଥିବାରୁ ସାମୟିକ ଚିନ୍ତିତ ରହିପାରନ୍ତି।

**ଧନୁ**
ନିକଟସ୍ଥ ବନ୍ଧୁଙ୍କୁ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଯେକୌଣସି କ୍ଷେତ୍ର ହେଉନା କାହିଁକି, ଆପଣ କିଛି କରନ୍ତୁ, ଚୁପଚାପ ହୋଇ ବସିରହିଲେ ବହୁ କ୍ଷତି ସହିବାକୁ ପଡିବ। ଆଜି ଉତ୍ତରାଷାଢ଼ା ନକ୍ଷତ୍ର ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବାର ସମ୍ଭାବନା ରହିଛି।

**ମକର**
କିଛି ନ ବୁଝି ନ ଶୁଝି କୌଣସି ବିବାଦ ସମ୍ପର୍କରେ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ଯଦି କହିବେ ତେବେ ଅଶାନ୍ତିକୁ ଆପଣେଇ ନେବା ଭଳି ହିଁ ପରିଣାମ ହୋଇପାରେ। ଧନିଷ୍ଠା ନକ୍ଷତ୍ର ରାସ୍ତାରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବାରେ ପଛେଇ ଯିବେ।

**କୁମ୍ଭ**
ଆଜିର କର୍ମକ୍ଷେତ୍ରରେ ମଉଜିଆ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ। ଶତଭିଷା ନକ୍ଷତ୍ର ଅଧ୍ୟୟନ ଓ ଆଧ୍ୟାତ୍ମିକତାରେ ଏକାଗ୍ରତା ଆଣିପାରିବେ। ଫେରିବା ବାଟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସାହିତ୍ୟ, କଳା, ସଙ୍ଗୀତ ଓ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହୋଇପାରନ୍ତି ।

**ମୀନ**
ରେବତୀ ନକ୍ଷତ୍ର ବିଭିନ୍ନ କାମ ହାତକୁ ନେଇ କଳ୍ପନା ରାଇଜରେ ଘୂରିବୁଲିବେ। କର୍ମକ୍ଷେତ୍ରରେ ଆପୋସ ଆଲୋଚନା ଓ ପାରିବାରିକ ସମସ୍ୟା ସମାଧାନ ଘଟିବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଯୋଜନା କାର୍ଯ୍ୟକାରୀ କରିବା ସକାଶେ ଚିନ୍ତା କରିପାରନ୍ତି।

ଆଜି ମାର୍ଚ୍ଚ ୨୩ ତାରିଖ, ବିଶ୍ୱ ପାଣିପାଗ ଦିବସ, ପବିତ୍ର ମସିହ ମଉଦ୍ ଦିବସ, ଭଗତ ସିଂହ, ସୁଖଦେବ ଏବଂ ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ଚୈତ୍ର କୃଷ୍ଣ ନବମୀ ରବିବାର। ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୧ ଗତେ ଘ.୦୯.୫୨ ମଧ୍ୟେ, ଘ.୦୧.୨୩ ଗତେ ଘ.୦୧.୫୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୪.୨୪ ଗତେ ଘ.୦୫.୫୪ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ଡିଲିମିଟେଶନ ଆଉ ...

ପାର୍ଲାମେଣ୍ଟରେ ଆମ ପ୍ରତିନିଧିତ୍ୱକୁ ହ୍ରାସ କରାଗଲେ ଆମ ରାଜନୈତିକ ସାମର୍ଥ୍ୟ ଆହୁରି ହ୍ରାସ ପାଇବ ବୋଲି ସେ କହିଛନ୍ତି। ଆମେ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣକୁ ବିରୋଧ କରୁନାହୁଁ, କିନ୍ତୁ ଏହା ଉପଯୁକ୍ତ ପଦ୍ଧତିରେ କରାଯିବାକୁ ଚାହୁଁଛୁ। ଆବଶ୍ୟକ ହେଲେ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରିବା ପାଇଁ ଏକ ବିସ୍ତୃତ ଆଇନଗତ ରଣକୌଶଳ ପ୍ରସ୍ତୁତି ନିମନ୍ତେ ଲିଗାଲ ଏକ୍ସପର୍ଟ କମିଟି ଗଠନ ପାଇଁ ଷ୍ଟାଲିନ୍ ପ୍ରସ୍ତାବ ଦେଇଥିଲେ।

ବୈଠକରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ, ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର, ଓଡ଼ିଶା କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ବିଜେଡି ନେତା ସଞ୍ଜୟ କୁମାର ଦାସବର୍ମା ପ୍ରମୁଖ ଯୋଗଦେଇଥିବାବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଭର୍ଚୁଆଲି ସାମିଲ ହୋଇଥିଲେ। କେବଳ ଜନସଂଖ୍ୟା ଆଧାରରେ ଡିଲିମିଟେଶନ କରାଗଲେ କଠୋର ପଦକ୍ଷେପ ଜରିଆରେ ଲୋକ ସଂଖ୍ୟା କମାଇଥିବା ରାଜ୍ୟଗୁଡ଼ିକ ପାଇଁ ଠିକ୍ ହେବନାହିଁ ବୋଲି ନବୀନ ତାଙ୍କ ବାର୍ତ୍ତାରେ କହିଥିଲେ। ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ ଡିଏମ୍‌କେର ଡିଲିମିଟେଶନ ଆଭିମୁଖ୍ୟକୁ ସମର୍ଥନ କରୁଥିଲେ ମଧ୍ୟ ବୈଠକରେ ଯୋଗଦେଇ ନାହିଁ।

କେରଳ ମୁଖ୍ୟମନ୍ତ୍ରୀ ବିଜୟନ ଡିଲିମିଟେଶନକୁ 'ଡେମୋକ୍ଲିସ୍‌ଙ୍କ ଖଣ୍ଡା' ସହ ତୁଳନା କରିଥିଲେ। ଏହି ଖଣ୍ଡ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଉପରେ ଝୁଲୁଥିବା ସେ କହିଥିଲେ। ଭାଜପା ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ଆଧାରରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କରିବାକୁ ଚାହୁଁଛି। ଏହା ସାମ୍ବିଧାନିକ ସିଦ୍ଧାନ୍ତ କିମ୍ବା ଗଣତାନ୍ତ୍ରିକ ଅନିବାର୍ଯ୍ୟତା ଆଧାରରେ କରାଯାଉ ନ ଥିବା ବିଜୟନ କହିଥିଲେ। ସେହିପରି ଶିବକୁମାର କହିଥିଲେ, ଦକ୍ଷିଣ ଭାରତ ଜନସଂଖ୍ୟା ନିୟନ୍ତ୍ରଣ ଏବଂ ସାକ୍ଷରତା ଉଦ୍ୟମ ପାଇଁ କଠୋର ପଦକ୍ଷେପ ନେଇ ଦୀର୍ଘବର୍ଷ ହେଲା ଜାତୀୟ ସ୍ୱାର୍ଥକୁ କାଏମ ରଖିଆସିଛି। ଆମେ ଆମ ଆସନ ସଂଖ୍ୟା କମାଇବାକୁ ଦେଇପାରିବୁ ନାହିଁ। ଅର୍ଥନୈତିକ ଏବଂ ଶିକ୍ଷାଗତ ଦୃଷ୍ଟିରୁ ଆମେ କ୍ରମାଗତ ଭାବେ ଆଗରେ ରହିଆସିଛୁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଜେଏସି ବୈଠକକୁ ଭାଜପା ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ବୈଠକ ସ୍ଥଳ ବାହାରେ ଭାଜପା କର୍ମୀମାନେ କଳାପତାକା ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିରୋଧୀ ଶାସିତ ରାଜ୍ୟଗୁଡ଼ିକ ସେମାନଙ୍କ ପ୍ରଶାସନିକ ବିଫଳତାକୁ ଲୁଚାଇବାକୁ ଯାଇ ଡିଲିମିଟେଶନକୁ ଅସ୍ତ୍ର କରୁଥିବା ଭାଜପା ଅଭିଯୋଗ କରିଛି। ତେଲଙ୍ଗାନାର ପୂର୍ବତନ ରାଜ୍ୟପାଳ ତଥା ଭାଜପା ନେତ୍ରୀ ତାମିଲିସାଇ ସୌନ୍ଦରରାଜନ ସେମାନଙ୍କ ଏଭଳି କାର୍ଯ୍ୟକୁ ଦୁର୍ନୀତି ଘୋଡାଇବା ଅଭିଯାନ ବୋଲି କହିଛନ୍ତି। ଷ୍ଟାଲିନ୍ ନିଜ ରାଜ୍ୟର ସମସ୍ୟାଠାରୁ ଦୃଷ୍ଟି ହଟାଇବା ପାଇଁ ରାଜନୈତିକ ସଙ୍କଟ ସୃଷ୍ଟି କରୁଛନ୍ତି ବୋଲି ତାମିଲନାଡୁ ଭାଜପା ସଭାପତି କେ. ଆନ୍ନାମଲାଇ କହିଛନ୍ତି।

## ଆସନ ସଂଖ୍ୟା ନିର୍ଣ୍ଣୟରେ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ନ ହେଉ: ନବୀନ

ଭୁବନେଶ୍ୱର,୨୨।୩ (ରବିନାରାୟଣ ଜେନା)

ଗୋଟିଏ ରାଷ୍ଟ୍ରର ବିକାଶ ପାଇଁ ଜନସଂଖ୍ୟା ନିୟନ୍ତ୍ରଣ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଖସଡ଼ା। ହେଲେ ଲୋକ ସଭା ଆସନ ସଂଖ୍ୟା ନିର୍ଣ୍ଣୟ ବେଳେ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେବା ଉଚିତ ନୁହେଁ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି।


ନବୀନ ପଟ୍ଟନାୟକ

ଶନିବାର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ)କୁ ନେଇ ଚେନ୍ନାଇରେ ବସିଥିବା ବୈଠକ ଉଦ୍ଦେଶ୍ୟରେ ଭିଡିଓ ବାର୍ତ୍ତା ଜାରିକରି ନବୀନ କହିଛନ୍ତି, ଜନସଂଖ୍ୟା ନିୟନ୍ତ୍ରଣ ଏବଂ ସ୍ଥିରୀକରଣ କରିବା ପାଇଁ ବହୁତ ଭଲ କାମ କରୁଥିବା ରାଜ୍ୟରେ ରହୁଥିବା ଲୋକଙ୍କ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ଏବଂ ଅଧିକାର ସୁନିଶ୍ଚିତ କରିବା ଲାଗି ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକ। ଯଦିଓ ଏହା ଏକ ସକାରାତ୍ମକ ଜାତୀୟ କାର୍ଯ୍ୟସୂଚୀ, ଏକ ଶକ୍ତିଶାଳୀ ଭାରତ ଗଠନ ପାଇଁ, କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ସେହି ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ। ରାଜ୍ୟଗୁଡ଼ିକ ଜାତୀୟ କାର୍ଯ୍ୟସୂଚୀ ସଫଳ ରୂପାୟନ କରିବାରେ ନିଜ ପକ୍ଷରୁ ବହୁତ ଗୁରୁତ୍ୱ ଦେଉଛନ୍ତି। ଏକ୍ଷେତ୍ରରେ କେରଳ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ପଞ୍ଜାବ ଓ ଓଡ଼ିଶା ଅନ୍ୟତମ।

ନବୀନ କହିଛନ୍ତି, ଯେଉଁମାନେ ଜାତୀୟ ପ୍ରାଥମିକତା ସହିତ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି, ଆସନ କମିଲେ ତାହା ତାଙ୍କ ପ୍ରତି ଅନ୍ୟାୟ ହେବ। ଆମର ମତ ହେଉଛି, ଆମ ଦେଶର ସର୍ବୋଚ୍ଚ ପ୍ରତିନିଧିତ୍ୱ ସଂସ୍ଥାରେ ଆସନ ସଂଖ୍ୟା ନିର୍ଣ୍ଣୟ କରିବା ପାଇଁ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ନ ହେଉ। ଓଡ଼ିଶା ଜନସଂଖ୍ୟା ହ୍ରାସରେ ଦୀର୍ଘବର୍ଷ ଧରି ସଫଳ ପଦକ୍ଷେପ ଗ୍ରହଣ କରି ଆସୁଛି। ଯଦି ଜନସଂଖ୍ୟା ଆଧାରରେ ଏହା ନିର୍ଣ୍ଣୟ କରାଯିବ ତେବେ ଓଡ଼ିଶା ଲୋକ ସଭା ଆସନ କମିଯିବ। ବିଜୁ ଜନତା ଦଳ ରାଜ୍ୟର ସ୍ୱାର୍ଥ ପାଇଁ ସବୁ ପ୍ରକାର ପ୍ରତିବାଦ କରିବାକୁ ପ୍ରସ୍ତୁତ। ଏହି ପରିପ୍ରେକ୍ଷୀରେ ଜନସଂଖ୍ୟାକୁ ଏକମାତ୍ର ଆଧାର ଭାବେ ଆସନ ଲାଗି ଧରା ନ ଯାଉ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ସମସ୍ତ ଦଳ ସହିତ ଏକ ବିସ୍ତୃତ ଆଲୋଚନା କରିବାର ଆବଶ୍ୟକ ରହିଛି ବୋଲି ନବୀନ କହିଛନ୍ତି; ଯଦ୍ୱାରା ଆମର ଗଣତନ୍ତ୍ର ପାଇଁ ଦୂରବର୍ତ୍ତୀ ପ୍ରଭାବ ପକାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଯେକୌଣସି ସନ୍ଦେହ ଦୂର ହୋଇପାରିବ। ଆଜିର ବୈଠକ ଆୟୋଜନ କରିଥିବାରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କୁ ନବୀନ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ନବୀନ କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏବଂ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ସମ୍ବୋଧିତ କରିଥିଲେ। ଉଲ୍ଲେଖଯୋଗ୍ୟ, ଉକ୍ତ ବୈଠକରେ ଓଡ଼ିଶା ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର କାର୍ଯ୍ୟକ୍ରମ ରୂପାୟନ କମିଟିର ଅଧକ୍ଷ ସଞ୍ଜୟ ଦାସବର୍ମା ଓ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଡ. ଅମର ପଟ୍ଟନାୟକ ଯୋଗଦେଇଥିଲେ।


## ମହାନଦୀ ବିବାଦର ...

ଲୋକସେବା ଭବନରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଅବସରରେ ଏହି ବିଷୟରେ ଆଲୋଚନା ହୋଇଛି। ଯେହେତୁ କେନ୍ଦ୍ର, ଛତିଶଗଡ଼ ଏବଂ ଓଡ଼ିଶାରେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି, ତେଣୁ ଏ ବିବାଦର ଆପୋସ ସମାଧାନ ହେବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆହୁରି କହିଛନ୍ତି, ଜଳ ବିନା ଜୀବନ ସୃଷ୍ଟିହେବା ଅସମ୍ଭବ। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଯୋଗୁ ବ୍ୟବହାରଯୋଗ୍ୟ ଜଳର ଉପଲବ୍ଧତା ନେଇ ବିଶ୍ୱ ପାଣିପାଗ ସଂଘ ଆଶଙ୍କା ପ୍ରକାଶ କରିଛି। ଗତ ୨୦ ବର୍ଷ ଧରି ମାଟିର ଆର୍ଦ୍ରତା ଏବଂ ହିମବାହ ଗଚ୍ଛିତ ଜଳର ପରିମାଣ କ୍ରମାଗତ ଭାବେ କମିବାର ଲକ୍ଷ୍ୟ କରାଯାଇଛି। ଏସବୁ ଦୃଷ୍ଟିକୋଣରୁ ଆଗାମୀ ଦିନରେ ଜଳ ସଂରକ୍ଷଣ ଓ ଜଳକୁ ପ୍ରଦୂଷଣମୁକ୍ତ ରଖିବା ଅପରିହାର୍ଯ୍ୟ। ୨୦୨୧ ତଥ୍ୟ ଅନୁଯାୟୀ, ୨୨୦ କୋଟିରୁ ଊର୍ଦ୍ଧ୍ୱ ଲୋକ ଜଳ ସଙ୍କଟ ଦେଖାଯାଉଥିବା ଦେଶରେ ବାସ କରୁଛନ୍ତି। ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ଜନସଂଖ୍ୟା ବୃଦ୍ଧି ଯୋଗୁ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ବିଶୁଦ୍ଧ ଜଳ ଯୋଗାଇଦେବା ସହ ଏହାର ଉପଯୋଗିତା ବିଷୟରେ ଜନ ସଚେତନତା ସୃଷ୍ଟିକରିବା ପାଇଁ ବିଶ୍ୱ ଜଳ ଦିବସ ପାଳନ କରାଯାଉଛି। ଏହାର ମୂଳ ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ସଷ୍ଟେନେବଲ ଡେଭଲପମେଣ୍ଟ ଗୋଲ୍ ହାସଲକରି ସମସ୍ତଙ୍କୁ ଶୁଦ୍ଧ ଜଳ ଓ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବା। କେନାଲର ତଳ ମୁଣ୍ଡରେ ରହୁଥିବା ଚାଷୀ ପାଖରେ କିଭଳି ପାଣି ପହଞ୍ଚିବ ସେଥିପ୍ରତି ଆମେ ଧ୍ୟାନଦେଉଛୁ। ଆସନ୍ତା ୫ ବର୍ଷ ଅର୍ଥାତ୍ ୨୦୨୯ ସୁଦ୍ଧା ଅତିରିକ୍ତ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ। ଜଳ ସମ୍ପଦର ସୁରକ୍ଷା ଓ ଏହାର ସୁପରିଚାଳନା ପାଇଁ ଚଳିତ ବର୍ଷ ବଜେଟରେ ୧୪ ହଜାର ୮୪୧ କୋଟି ୭୨ ଲକ୍ଷ ୯୨ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି। ଆମ ସରକାରଙ୍କ ଲକ୍ଷ୍ୟ କେବଳ ଜଳସେଚନ ଯୋଗାଇବା ନୁହେଁ, ସାମଗ୍ରିକ ଭାବେ ଜଳ ପରିଚାଳନା କରିବା, ଯାହାଦ୍ୱାରା ରାଜ୍ୟର ପ୍ରତ୍ୟେକ ଲୋକ ପରିବେଶକୁ କ୍ଷତି ନ ପହଞ୍ଚାଇ ଆବଶ୍ୟକ ଜଳ ପାନୀୟ ତଥା ଅନ୍ୟ କାର୍ଯ୍ୟ ପାଇଁ ହାତପାହାନ୍ତାରେ ପାଇପାରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୮୦ କୋଟି ଟଙ୍କା ବ୍ୟୟରେ ୨୦ଟି ଜିଲା ପାଇଁ କରାଯାଇଥିବା ୧୦୦ଟି ଚେକ୍ ଡ୍ୟାମ୍‌କୁ ଲୋକାର୍ପଣ କରିବା ସହ ୪ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଯଥା କେନ୍ଦୁଝର ଜିଲାର ଘାସିଡ଼ିହି, ଗଞ୍ଜାମ ଜିଲାର ବିଲୁଆମରା, ଗଜପତି ଜିଲାର କୁରଲଣ୍ଡା ଏବଂ ମୟୂରଭଞ୍ଜ ଜିଲାର ବାଘିଆ ଏମ୍ଆଇପିର ୬୧.୫୩ କୋଟି ଟଙ୍କା ବ୍ୟୟରେ ହୋଇଥିବା ଭୂତଳ ପାଇପଲାଇନ ନେଟ୍‌ୱର୍କର ମଧ୍ୟ ଲୋକାର୍ପିତ କରିଛନ୍ତି। ଏହା ବ୍ୟତୀତ ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, ମୟୂରଭଞ୍ଜ ଜିଲାର ୨୭,୩୩୭ ହେକ୍ଟର ଉଚ୍ଚ ଚାଷଜମିକୁ ଜଳସେଚନ କରାଯିବା ପାଇଁ ୧,୨୨୭ କୋଟି ଟଙ୍କା ମୂଲ୍ୟର ୧୮ଟି ବୃହତ୍ ଉଠା ଜଳସେଚନ ଯୋଜନାର ଶିଳାନ୍ୟାସ, 'ଗୋ-ୱାଟର' ଇଆର୍‌ପି ଆପ୍ର ଶୁଭାରମ୍ଭ କରିବା ସହ ଏ ସମ୍ପର୍କିତ ସୂଚନା ପୁସ୍ତିକା ଉନ୍ମୋଚନ କରିଛନ୍ତି।

## ବିନୋଦ ଶୁକ୍ଲାଙ୍କୁ ...

ପୁରସ୍କାର ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କମିଟିର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ମାଧବ କୌଶିକ, ଦାମୋଦର ମୌଜୋ, ପ୍ରଭା ବର୍ମା, ଅନାମିକା, ଏ. କ୍ରିଷ୍ଣା ରାଓ, ପ୍ରଫୁଲ ଶିଲେଦାର, ଜାନକୀ ପ୍ରସାଦ ଶର୍ମା ଏବଂ ଜ୍ଞାନପୀଠ ନିର୍ଦ୍ଦେଶକ ମଧୁସୂଦନ ଆନନ୍ଦ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିନୋଦ ଶୁକ୍ଲା ୧୯୯୯ରେ ତାଙ୍କ ପୁସ୍ତକ 'ଦିୱାର ମେଁ ଏକ ଖିଡ଼କୀ ରହତି ଥି' ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ।




# ନିଷ୍କ୍ରିୟ ମୋବାଇଲ ନମ୍ବରରେ ଏପ୍ରିଲ ୧ରୁ ମିଳିବନି ୟୁପିଆଇ ସେବା

ଭୁବନେଶ୍ୱର,୨୨।୩
(ଅନୁରାଧା ମହାରଣା)

ଆର୍ଥିକ ଠକେଇ ରୋକିବା ପାଇଁ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍(ୟୁପିଆଇ) ସହ ଜଡ଼ିତ ଅନେକ ନିୟମ ପରିବର୍ତ୍ତନ କରାଯାଇଛି। ଏହି କ୍ରମରେ ବ୍ୟାଙ୍କରେ ଲିଙ୍କ୍ ହୋଇଥିବା ଉପଭୋକ୍ତାଙ୍କ ମୋବାଇଲ ନମ୍ବର ଦୀର୍ଘ ସମୟ ଧରି ନିଷ୍କ୍ରିୟ ଥିଲେ, ସେମାନେ ଏପ୍ରିଲ ୧ରୁ ୟୁପିଆଇ ସେବାରୁ ବଞ୍ଚିତ ହେବେ। ନିଷ୍କ୍ରିୟ କିମ୍ବା ପରିବର୍ତ୍ତିତ ମୋବାଇଲ ନମ୍ବର ଅପସାରଣ ପାଇଁ ବ୍ୟାଙ୍କ ଏବଂ ପେମେଣ୍ଟ ସେବା ପ୍ରଦାନକାରୀ (ପିଏସପି) କମ୍ପାନୀ ମାର୍ଚ୍ଚ ୩୧ ପୂର୍ବରୁ ସେମାନଙ୍କ ଡାଟାବେସ୍ ଅପ୍‌ଡେଟ୍ କରିବାକୁ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ନିର୍ଦ୍ଦେଶ ଦେଇଛି। ଡିଜିଟାଲ ଇଣ୍ଟେଲିଜେନ୍ସ ପ୍ଲାଟ୍‌ଫର୍ମ (ଡିଆଇପି)ରେ ଉପଲବ୍ଧ ମୋବାଇଲ ନମ୍ବର ରିଭୋକେଶନ ଲିଷ୍ଟ (ଏମ୍‌ଏନ୍‌ଆର୍‌ଏଲ୍) ବ୍ୟବହାର




କରିବାକୁ କୁହାଯାଇଛି। ଫଳରେ ନିଷ୍କ୍ରିୟ ମୋବାଇଲ ନମ୍ବର ସହିତ ଲିଙ୍କ୍ ହୋଇଥିବା ୟୁପିଆଇର ବ୍ୟବହାର ବନ୍ଦ ହୋଇଯିବ। ବ୍ୟାଙ୍କ ଏବଂ ଗୁଗଲ ପେ', ଫୋନ ପେ' ଭଳି ୟୁପିଆଇ ଆପ୍ ସପ୍ତାହରେ ଅତି କମ୍‌ରେ ଥରେ ମୋବାଇଲ ନମ୍ବର ରେକର୍ଡ ଅପ୍‌ଡେଟ୍ କରିବାକୁ ବାଧ୍ୟତାମୂଳକ କରାଯାଇଛି। ୟୁପିଆଇ ସେବା ପ୍ରଦାନ କରୁଥିବା କମ୍ପାନୀଗୁଡିକ ସନ୍ଦିଗ୍ଧ ମୋବାଇଲ୍ ନମ୍ବର ଚିହ୍ନଟ ଏବଂ ଅପସାରଣ କରିବା ପାଇଁ ଏମ୍‌ଏଆର୍‌ଏଲ୍ କିମ୍ବା ଡିଆଇପିର ସହାୟତା ନେବେ। କଲ୍‌ ଓ ଏସ୍‌ଏମ୍‌ଏସ୍ ଇତ୍ୟାଦି ସେବା ପାଇଁ ବ୍ୟବହୃତ ହେଉ ନ ଥିବା ନିଷ୍କ୍ରିୟ ମୋବାଇଲ ନମ୍ବରକୁ ୟୁପିଆଇ ନେଟ୍‌ୱର୍କରୁ ଅପସାରଣ କରାଯିବ। ତେବେ ସେବା ଜାରି ରଖିବାକୁ ଚାହୁଁଥିବା ଉପଭୋକ୍ତାମାନେ ଏପ୍ରିଲ ୧ ପୂର୍ବରୁ ୟୁପିଆଇ ସହିତ ସଂଯୁକ୍ତ ବ୍ୟାଙ୍କ୍ ଆକାଉଣ୍ଟ ଓ ସେମାନଙ୍କର ନୂଆ ମୋବାଇଲ ନମ୍ବର ଅପ୍‌ଡେଟ କରାଇବା କିମ୍ବା ନିଷ୍କ୍ରିୟ ମୋବାଇଲ ନମ୍ବରକୁ ସକ୍ରିୟ କରାଇବାକୁ ପରାମର୍ଶ ଦିଆଯାଇଛି।

# ମା-ବାପାଙ୍କୁ ଡାକିବାକୁ ଯାଇ ବଜ୍ରପାତରେ ଚାଲିଗଲା ପୁଅର ଜୀବନ

ବ୍ରହ୍ମଗିରି,୨୨।୩(ସ୍ୱାଧୀନ ଚମ୍ପତିରାୟ)

ବିଲକୁ ଯାଇଥିବା ମା'ବାପାଙ୍କୁ ଡାକିବାକୁ ଯାଇ ବଜ୍ରାଘାତରେ ପୁଅର ଜୀବନ ଚାଲିଗଲା। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲା ବ୍ରହ୍ମଗିରି ବ୍ଲକରେ। ମୃତକ ହେଲେ ଉକ୍ତ ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ଗାଁର ମନୋଜ ନାୟକ (୨୩)।

ସୂଚନାଯୋଗ୍ୟ, କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଶେଷ କ୍ଷୟକ୍ଷତି ହୋଇଥିବା ବେଳେ ବ୍ରହ୍ମଗିରି ବ୍ଲକରେ ତୁହାକୁ ତୁହା ବର୍ଷା ସାଙ୍ଗକୁ ବିଜୁଳି ମାଡ଼ ହୋଇଛି। ଅନେକ ଚାଷଜମିରେ ପାଣି ହୋଇଯାଇଛି। ମନୋଜଙ୍କ ମା'ବାପା ତାଙ୍କ ପୋଟଳ ଜମିରେ କେତେ ପାଣି ହୋଇଛି ବୋଲି ଦେଖିବାକୁ ଯାଇଥିଲେ। ସେହି ସମୟରେ ବିଜୁଳି ମାରିବା ଯୋଗୁ ମନୋଜ ମା'ବାପାଙ୍କୁ ଡାକିବାକୁ ଯାଇଥିଲେ। ସେ ଯିବା ରାସ୍ତାରେ ବଜ୍ରପାତରେ ଆହତ ହୋଇ ଅଧା ଜଳିଯାଇଥିଲେ। ପୁଅର ଅବସ୍ଥା ଦେଖି ମା'ବାପା ବିକଳରେ ଚିତ୍କାର କରିଥିଲେ। ଅନ୍ୟ ଜମିରେ କାମ କରୁଥିବା ଲୋକେ ମନୋଜଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ରେବଣାନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ମନୋଜଙ୍କ ମା'ବାପା ବିଶ୍ୱାସ ନ କରିବାରୁ ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

# ବଜ୍ରପାତରେ ଛାତ୍ରଙ୍କ ମୃତ୍ୟୁ

ଦିଗପହଣ୍ଡି/ଚିକିଟି,୨୨।୩
(ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)

ଦିଗପହଣ୍ଡି ବ୍ଲକ ବମୋକେଇ ପଞ୍ଚାୟତ ନାରାୟଣପୁର ଗ୍ରାମର ଦଶମ ଶ୍ରେଣୀ ଛାତ୍ର ରାଜେଶ ଗୌଡ଼ଙ୍କ ଶନିବାର ମଧ୍ୟାହ୍ନ ୧୨ଟାରେ ବଜ୍ରପାତରେ ମୃତ୍ୟୁ ଘଟିଛି। ରାଜେଶ ଗ୍ରାମ ନିକଟସ୍ଥ ବୋମକେଇ ଗ୍ରାମ ଶିବାନନ୍ଦ ନୋଡାଲ ହାଇସ୍କୁଲରେ ପାଠ ପଢୁଥିଲେ। ଚଳିତବର୍ଷ ସେ ପଦ୍ମନାଭପୁର ଗ୍ରାମ ରାଧା ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ଖବରରୁ ଜଣାପଡିଛି, ସାଙ୍ଗମାନଙ୍କ ସହ ରାଜେଶ ନିକଟସ୍ଥ କୁମରଡ଼ା ଗ୍ରାମରେ ହେଉଥିବା କ୍ରିକେଟ ଟୁର୍ନାମେଣ୍ଟରେ ମ୍ୟାଚ ଖେଳିବାକୁ ଘରୁ ଯାଇଥିଲେ। ସେଠାରେ ରାସ୍ତା କଡର ଏକ ଚାଷଜମିକୁ ସମତୁଲ କରି ଗ୍ରାମର ଯୁବକମାନେ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ। ମ୍ୟାଚ ଚାଲିଥିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ହଠାତ୍ କାଳବୈଶାଖୀ ଝଡପବନ ସହ ବଜ୍ରପାତ ହୋଇଥିଲା। ଫଳରେ ରାଜେଶ ସେଠାରେ ଟଳି ପଡ଼ିଥିଲେ। ସମସ୍ତେ ଖେଳ ଛାଡ଼ି ଦୌଡ଼ି ପଳାଇଥିଲେ। ଗ୍ରାମବାସୀ ଖବର ପାଇ ରାଜେଶଙ୍କୁ ଉଦ୍ଧାର କରି ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରିବାର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଏନେଇ ସୂଚନା ପାଇ କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଅଧିକାରୀ ଏସ୍‌ଆଇ ଜଗବନ୍ଧୁ ବାର୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରାଜେଶଙ୍କ ମୃତଦେହ ଜବତ କରିଛନ୍ତି। କେ.ନୂଆଗାଁ ଥାନାରେ ନଂ.୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରାହ୍ନରେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର ହୋଇଛି।

# ଲଗାଣ ବର୍ଷା: ଦୁଇଦିନ ଶିମିଳିପାଳ ବନ୍ଦ

ବାରିପଦା,୨୨।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କାଳବୈଶାଖି ବର୍ଷା ଯୋଗୁ ଦୁଇ ଦିନ ଶିମିଳିପାଳ ଅଭୟାରଣ୍ୟ ବନ୍ଦ ରଖାଯାଇଛି। ଶନିବାର ଓ ରବିବାର ପର୍ଯ୍ୟଟକମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିମିଳିପାଳକୁ ପ୍ରବେଶ ବାରଣ କରାଯାଇଛି। ଶିମିଳିପାଳର ପିଠାବଟା ଓ କାଳିକାପ୍ରସାଦ ଉଭୟ ଦୁଇଟି ଗେଟ୍ ବନ୍ଦ ରହିବ ବୋଲି ବାରିପଦା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ପବନ ଘଡ଼ଘଡ଼ି ସହ କୁଆପଥର ମାଡ଼ରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଶିମିଳିପାଳ ଅଭୟାରଣ୍ୟର ଭଞ୍ଜବସା ରେଞ୍ଜରେ ସର୍ବାଧିକ ୭୩.୪୦ମି.ମି. ବର୍ଷା ରେକର୍ଡ କରାଯାଇଛି। ନଅଁଣାରେ ୩୭.୮ ମି.ମି., ଡୋଭରେ ୧୨.୮ ମି.ମି., ପିଠାବଟାରେ ୩୩.୦୨ମି.ମି., ବଡଗାଁରେ ୨୦.୫୭ମି.ମି., ବାରିପଦାରେ ୫୦.୨୯ମି.ମି., ଡୁକୁରାରେ ୩୩.୭୮ମି.ମି. ଓ ସାତକୋଶିଆରେ ୩୦.୪୮ମି.ମି. ବର୍ଷା ରେକର୍ଡ କରାଯାଇଛି। ଶିମିଳିପାଳରେ କିଛି ଦିନ ପର୍ଯ୍ୟନ୍ତ ବନାଗ୍ନିର ଆଶଙ୍କା ଦୂର ହୋଇଛି।

# ଭାଷା ଉପରେ ନିର୍ଭର କରେ ସୃଜନଶୀଳତା: ରାଜ୍ୟପାଳ

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସାହିତ୍ୟ ମହୋତ୍ସବ 'ତତ୍ତ୍ୱ'

ବାରଙ୍ଗ,୨୨।୩(ଲିଙ୍ଗରାଜ ରାଉତ)

ଭାଷା ଉପରେ ନିର୍ଭର କରେ ସୃଜନଶୀଳତା ଓ ତତ୍ ସମ୍ପର୍କିତ ଗବେଷଣା। ଯେଉଁ ଜାତିର ଭାଷା ଯେତେ ସମୃଦ୍ଧ, ସେ ଜାତି ଓ ଦେଶ ସେତିକି ସମୃଦ୍ଧ। ତେଣୁ ଭାଷାକୁ ଉନ୍ନତ ଓ ପରିମାର୍ଜିତ କରିବା ସଙ୍ଗେ ସଙ୍ଗେ ପରମ୍ପରାର ସଂରକ୍ଷଣ କରିବା ଏବଂ ଏହାକୁ ପ୍ରୋତ୍ସାହନ ଦେବା ମଧ୍ୟ ଆମର ଧ୍ୟେୟ ହେବା ଉଚିତ୍। ଭାଷା-ସାହିତ୍ୟରେ ପରମ୍ପରା ଓ ଆଧୁନିକତାର ସମ୍ମିଶ୍ରଣ ଏକ ସୁସ୍ଥ ସମାଜର ନିଦର୍ଶନ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅଧୀନ କଳା, ଯୋଗାଯୋଗ ଓ ଭାରତୀୟ ଶିକ୍ଷା ବିଭାଗ ପକ୍ଷରୁ ଶନିବାର ଆୟୋଜିତ ସାହିତ୍ୟ ମହୋତ୍ସବ 'ତତ୍ତ୍ୱ'ରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗଦେଇ ଏହା କହିଥିଲେ। 'ତତ୍ତ୍ୱ: ଦି ଏସେନ୍ସ ଅଫ୍ ଆର୍ଟ ଆଣ୍ଡ କଲ୍‌ଚର' ଶୀର୍ଷକରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଥିଲା କଳା ଓ ସଂସ୍କୃତିର ଏକ ଉତ୍କୃଷ୍ଟ ଯୁଗଳବନ୍ଦୀ। କାର୍ଯ୍ୟକ୍ରମରେ କଳା, ଯୋଗାଯୋଗ ଓ ଭାରତୀୟ ଶିକ୍ଷା ବିଭାଗର ଡିନ୍ ତଥା ବିଭାଗୀୟ ମୁଖ୍ୟ ଗୁରୁ ରତିକାନ୍ତ ମହାପାତ୍ର ରାଜ୍ୟପାଳ ଓ ଅନ୍ୟମାନଙ୍କୁ ସ୍ୱାଗତ କରିଥିଲେ।



ଆୟୋଜିତ ସାହିତ୍ୟ ପର୍ବରେ ମଞ୍ଚାସୀନ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ସମେତ ଅନ୍ୟମାନେ।

ସାହିତ୍ୟ ଓ ସଂସ୍କୃତିରେ ଏହି ଉତ୍ସବକୁ ଏକ 'ପର୍ବ' ଭାବରେ ପାଳନ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟ ଅଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ନିଜ ଅଭିଭାଷଣରେ କହିଥିଲେ ତତ୍ତ୍ୱ ହେଉଛି ସମସ୍ତ କଳାତ୍ମକ ସୃଜନଶୀଳତାର ସମାହାର ସ୍ୱୟଂ ଜୀବନ। ଉକ୍ତ କାର୍ଯ୍ୟକ୍ରମ ୫ଟି ଅଧିବେଶନରେ ବିଭକ୍ତ ହୋଇ ରାତି ପର୍ଯ୍ୟନ୍ତ ଚାଲିଥିଲା। ପ୍ରଥମ ଅଧିବେଶନରେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ରାହୁଲ ଆଚାର୍ଯ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନେକ ରହସ୍ୟ ଓ ଉପମାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଟିସିଏସ୍, ଭୁବନେଶ୍ୱରର ଅବିନାଶ ସାମଲ ଗୀତା ଅଧ୍ୟୟନ ଦ୍ୱାରା ମାନସିକ ଶାନ୍ତି ପ୍ରଦାନ ନେଇ ବ୍ୟାଖ୍ୟା କରିଥିଲେ। ତୃତୀୟ ଅଧିବେଶନରେ ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଡ. ଇଲିଆନା ଚିତାରିଷ୍ଟି ସମର ନୃତ୍ୟକଳା ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱନାମଧନ୍ୟ ସଙ୍ଗୀତଜ୍ଞ ରୂପକ ପରିଡ଼ା ଚତୁର୍ଥ ଅଧିବେଶନରେ ସଙ୍ଗୀତ ପରିବେଷଣ କରିଥିବାବେଳେ ପଞ୍ଚମ ଅଧିବେଶନରେ ସାହିତ୍ୟିକ ଚିନ୍ତନ ଓ କାହାଣୀ କହିବା କଳା ସମ୍ପର୍କରେ ବିଶିଷ୍ଟ ହିନ୍ଦୀ ସାହିତ୍ୟିକ ଆଲୋକ ଶ୍ରୀବାସ୍ତବ ବୁଝାଇଥିଲେ। ସନ୍ଧ୍ୟାରେ ହିନ୍ଦୀ ମ୍ୟୁଜିକାଲ ପ୍ଲେ 'ରାମଲାଲା କି ମାତା' ମଞ୍ଚସ୍ଥ ହୋଇଥିଲା। ଭାଷା ସାହିତ୍ୟକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି ଉତ୍ସବରେ ରାଜ୍ୟପାଳଙ୍କ ସମେତ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।






# ଆମେରିକା ସହିପାରୁନି



ଆକାର ପଟେଲ

ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ୨୦୦୯ ପର୍ଯ୍ୟନ୍ତ ବିଶ୍ୱ ଅର୍ଥ ବ୍ୟବସ୍ଥାରେ ଆମେରିକା ଓ ୟୁରୋପର ଅଂଶ ୫୦%କୁ ଟପିଯାଇଥିଲା। ୨୦୦୯ରେ ଏହା ୫୧% ଥିଲା ଓ ଏହା ପରେ ହ୍ରାସ ପାଇବାରେ ଲାଗିଛି। ଗତବର୍ଷ ଅର୍ଥାତ୍ ୨୦୨୪ରେ ଏହା ୪୩% ଥିଲା ଏବଂ ଆଗକୁ ହ୍ରାସ ପାଇବ। ଆର୍ଥିକ କ୍ଷେତ୍ରରେ ହ୍ରାସ ପାଇବା ମାତ୍ରା ପଡ଼ିଯାଇଛି। ଗତ ବର୍ଷ ଏବଂ ଏହାର ପୂର୍ବ ବର୍ଷ ପ୍ରତ୍ୟେକରେ ସାମଗ୍ରିକ ଭାବେ ୟୁରୋପୀୟ ସଂଘ(ଇୟୁ)ର ଜିଡିପି ୧ ପ୍ରତିଶତରୁ କମ୍ ଅଭିବୃଦ୍ଧି ହୋଇଥିଲା। ଚଳିତ ବର୍ଷ ଏହା ୧ ପ୍ରତିଶତ ବୃଦ୍ଧି ଘଟିପାରେ ବୋଲି ଆକଳନ କରାଯାଉଛି। କିନ୍ତୁ ଦୀର୍ଘମିଆଦୀ ସୂତ୍ରରେ ଏହା ଅଧିକ ବୃଦ୍ଧି ଘଟିବା ସମ୍ଭାବନା ନାହିଁ। ବ୍ରିଟେନ୍‌ର ଜିଡିପି ୨୦୨୩ରେ ୧ ପ୍ରତିଶତରୁ କମ୍, ୨୦୨୪ରେ ବି ୧ %ରୁ କମ୍ ଅଭିବୃଦ୍ଧି ହୋଇଥିଲା ଏବଂ ଚଳିତ ବର୍ଷ ୧ ପ୍ରତିଶତ ବୃଦ୍ଧି ହୋଇପାରେ। ଗତବର୍ଷ ଆମେରିକାର ଅଭିବୃଦ୍ଧି ୨% ହୋଇଥିଲାବେଳେ ଚଳିତ ବର୍ଷ ଏହା ମାନ୍ଦା ଅବସ୍ଥାର ସମ୍ମୁଖୀନ ହୋଇଛି ଏବଂ ଦୁଃଖପ୍ରଦ ଯେ, ଏହାର ଅର୍ଥ ବ୍ୟବସ୍ଥା ସଙ୍କୁଚିତ ହୋଇଛି। ଆମେରିକା, ବ୍ରିଟେନ, ୟୁରୋପୀୟ ସଂଘ, କାନାଡା, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ମୋଟ ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ୧୦%। ଅର୍ଥାତ୍ ୨୦୦୯ରେ ପାଶ୍ଚାତ୍ୟ ତୁଳନାରେ ଅର୍ଥ ବ୍ୟବସ୍ଥାରେ ୯୦ ପ୍ରତିଶତ ଲୋକ ରହୁଥିବା ବିଶ୍ୱର ଅବଶିଷ୍ଟ ଦେଶଗୁଡ଼ିକର ଏକ କ୍ଷୁଦ୍ର ଅଂଶ ଥିଲା। କିନ୍ତୁ ଏଥିରେ ଶୀଘ୍ର ପରିବର୍ତ୍ତନ ଘଟୁଛି। ଏହିସବୁ ଦେଶ ମଧ୍ୟରେ ଅଭିବୃଦ୍ଧିରେ ସବୁଠୁ ଆଗରେ ଅଛି ଚାଇନା। ୧୯୯୦ରେ ବୈଶ୍ୱିକ ଜିଡିପିରେ ଏହାର ଅଂଶ ଥିଲା ୧%, ୨୦୦୦ରେ ୩%, ୨୦୧୦ରେ ୯% ଏବଂ ଏବେ ଏହା ୧୭%ରେ ପହଞ୍ଚିଛି। ୧୯୯୦ରେ ଅଭିବୃଦ୍ଧି କ୍ଷେତ୍ରରେ ଚାଇନା ସହ ଭାରତ ସମାନ ଥିଲା, କିନ୍ତୁ ବର୍ତ୍ତମାନ ବୈଶ୍ୱିକ ଜିଡିପି (ପାଖାପାଖି ୧୦୮ ଟ୍ରିଲିୟନ ଡଲାର)ରେ ଭାରତର ଅଂଶ ୩.୬%। ଭାରତ ଆପାତତଃ ଭଲ କରିଛି, କିନ୍ତୁ ବିଗତ ୩୦ ବର୍ଷ ହେଲା ବୈଶ୍ୱିକ ଅଭିବୃଦ୍ଧିର ପ୍ରକୃତ ଇଞ୍ଜିନ ଭାବେ ଚାଇନା ରହିଆସିଛି। ଚାଇନାର ଆଖିଦୃଶିଆ ଅଭିବୃଦ୍ଧି ପାଶ୍ଚାତ୍ୟ ପାଇଁ ଚିନ୍ତାର କାରଣ ହୋଇଛି। ଆଫ୍ରିକା, ଲାଟିନ୍ ଆମେରିକା ଏବଂ ଦକ୍ଷିଣ ପୂର୍ବ ଏସିଆରେ ଚାଲିଥିବା ଚାଇନାର ଭିତ୍ତିଭୂମି ପ୍ରୋଜେକ୍ଟଗୁଡ଼ିକ ଉପରେ ପାଶ୍ଚାତ୍ୟର ଗଣମାଧ୍ୟମଗୁଡ଼ିକର ଲଗାତର ଆକ୍ରମଣରୁ ଏହା ସ୍ପଷ୍ଟ ହେଉଛି। ଏହିସବୁ ଭୟ ବା ଚିନ୍ତା ଆମେରିକା ଏବଂ ୟୁରୋପର ରାଜନୀତିରେ ମଧ୍ୟ ପ୍ରକାଶ ପାଉଛି। ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି ଭୋଟ ପାଇବା ବିଶେଷକରି ଦୁଇଟି ବିଷୟ ଉପରେ ଆଧାରିତ। ଗୋଟିଏ ହେଉଛି ଅଣଶ୍ୱେତାଙ୍ଗ ଦେଶଗୁଡ଼ିକରୁ ପ୍ରବାସୀଙ୍କୁ ବନ୍ଦ କରିବା ଏବଂ ଯେଉଁମାନେ ଏବେ ଆମେରିକାରେ ଅଛନ୍ତି ସେମାନଙ୍କୁ ଦେଶାନ୍ତର କରିବା। ଅନ୍ୟ ବିଷୟଟି ହେଉଛି ଆମେରିକାକୁ ରପ୍ତାନି କରୁଥିବା ଦେଶଗୁଡ଼ିକର ଠକାମିକୁ ବନ୍ଦକରିବାର ଇଚ୍ଛା। ଆମେରିକାର ମୁଣ୍ଡ ପିଛା ଜିଡିପି ମେକ୍ସିକୋଠାରୁ ୬ଗୁଣ ବେଶି ଏବଂ ବାର୍ଷିକ କାନାଡାଠାରୁ ଏହା ୩୦ ହଜାର ଡଲାର ଅଧିକ ରହୁଛି, କିନ୍ତୁ ସେମାନେ ଏଥିରେ ଅସନ୍ତୁଷ୍ଟ ହେଉଛନ୍ତି।

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଅନୁଯାୟୀ ଆମେରିକାର ମୁଣ୍ଡ ପିଛା ଜିଡିପି ୯୦,୦୦୦ ଡଲାରରୁ କମ୍ ରହିବା ସମ୍ଭାବନା ରହିଛି। ଭାରତର ବାର୍ଷିକ ମୁଣ୍ଡ ପିଛା ଜିଡିପି ୩,୦୦୦ ଡଲାରରୁ କମ୍ ରହିବ। ଯାହା ଆକଳନ କରାଯାଉଛି, ବିଶ୍ୱରେ ଆମେରିକୀୟମାନେ ସବୁଠୁ ଅଧିକ ସଫଳ ହେଉଛନ୍ତି ଓ ସୁଯୋଗ ପାଉଛନ୍ତି, ତଥାପି ସେମାନେ ଅନ୍ୟମାନଙ୍କ ଉତ୍ଥାନକୁ ସହିପାରୁନାହାନ୍ତି। ସେମାନଙ୍କ ମୁଖ୍ୟ ଟାର୍ଗେଟ ହେଉଛି ଚାଇନା। ମାନୁଫାକ୍ଚରିଂରେ ଚାଇନିଜ୍‌ମାନେ ଯେଉଁଭଳି କାମ କରୁଛନ୍ତି ଆମେରିକାରେ ଟ୍ରମ୍ପ ତାହା କରିବାକୁ ଚାହୁଁଛନ୍ତି। ୧୯୯୦ରେ ମାନୁଫାକ୍ଚରିଂରେ ଆମେରିକା ଅର୍ଥ ବ୍ୟବସ୍ଥାର ଅଂଶ ୧୭% ଥିଲା, ଏବେ ଏହା ୧୦%। ମାନୁଫାକ୍ଚରିଂ ଉତ୍ପାଦନ ୧୯୯୦ରେ ୧ ଟ୍ରିଲିୟନ ଡଲାର ଥିବାବେଳେ ଏବେ ଏହା ୩ ଟ୍ରିଲିୟନ ଡଲାର। ଏଣୁ ଅନ୍ୟ ଅର୍ଥ ବ୍ୟବସ୍ଥା ତୁଳନାରେ ଆମେରିକାର ମାନୁଫାକ୍ଚରିଂରେ ଅଭିବୃଦ୍ଧି ଘଟିଛି, କିନ୍ତୁ ମନ୍ଥର ଗତିରେ। ମାନୁଫାକ୍ଚରିଂ କ୍ଷେତ୍ରରେ ଚାକିରି ପ୍ରାୟ ୧୮ ମିଲିୟନରୁ ହ୍ରାସପାଇ ପାଖାପାଖି ୧୨ ମିଲିୟନ ରହିଛି। ଏଣୁ ଆମେରିକାର ଅଳ୍ପ ସଂଖ୍ୟକ ମାନୁଫାକ୍ଚରିଂ କର୍ମଚାରୀ ୧୯୯୦ ତୁଳନାରେ ଏବେ ୩ ଗୁଣ ଅଧିକ ଉତ୍ପାଦନ କରୁଛନ୍ତି। ଏହାର ପ୍ରମୁଖ କାରଣ ହେଉଛି ସ୍ୱୟଂଚାଳିତ ପଦ୍ଧତି ଓ ଦକ୍ଷତାର ବିକାଶ। ୧୯୯୦ରେ ଆମେରିକା ୮୦ ମିଲିୟନ ଟନ୍ ଷ୍ଟିଲ୍ ଉତ୍ପାଦନ କରୁଥିଲା, ବର୍ତ୍ତମାନ ପ୍ରାୟ ସେତିକି କରୁଛି। ଷ୍ଟିଲ୍ ପ୍ଲାଣ୍ଟଗୁଡ଼ିକରେ କାମ କରୁଥିବା ଆମେରିକୀୟଙ୍କ ସଂଖ୍ୟା ୧୯୮୦ରେ ୫,୧୨,୦୦୦ ଥିଲାବେଳେ ୧୯୯୦ରେ ୨,୭୦,୦୦୦ ଓ ୨୦୨୪ରେ ୭୦,୦୦୦ ଥିଲା। ମାନୁଫାକ୍ଚରିଂରେ ଏବଂ ଅନ୍ୟତ୍ର ଆମେରିକା ତାହାର କାର୍ଯ୍ୟରତ କର୍ମଚାରୀଙ୍କୁ ସ୍ଥାନାନ୍ତର କରିବା ପାଇଁ ଚାଇନାର ଏବକାର କାର୍ଯ୍ୟ ଯଦି ଗ୍ରହଣ କରେ ତେବେ ଆର୍ଥିକ ଉତ୍ପାଦନ ହ୍ରାସପାଇବ।

ତଥାପି ଏ ବିଷୟରେ ଟ୍ରମ୍ପ ପ୍ରଶାସନ ଚେଷ୍ଟା କରୁଛି। ଏହା ଦୁଇଟି ଉପାୟରେ କରାଯାଉଛି। ପ୍ରଥମଟିରେ ସବୁ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବନ୍ଦ କରାଯାଉଛି। ଚାଇନାର ବୈଦ୍ୟୁତିକ କାରଗୁଡ଼ିକ ଆମେରିକାକୁ ଆମଦାନୀ ହେଲେ ୧୦୦% ଟିକସ ଲାଗିବ ଅର୍ଥାତ୍ ସେସବୁର ମୂଲ୍ୟ ୨ଗୁଣରୁ ଅଧିକ ହୋଇଯିବ। ଯଦି ବି ଜଣେ ଆମେରିକୀୟ ସେହି ଟିକସ ଦେଇପାରେ ତେବେ ସେମାନେ ଚାଇନାର କାର୍ ଚଳାଇପାରିବେ ନାହିଁ, କାରଣ ଚାଇନିଜ କାର୍ ସଫ୍ଟୱେର ଉପରେ ପ୍ରତିବନ୍ଧକ ରହିଛି। ପ୍ରତିବନ୍ଧକର ଉଦ୍ଦେଶ୍ୟ ହେଉଛି ଉଭୟ ଆମେରିକାର କମ୍ପାନୀଗୁଡ଼ିକର ସୁରକ୍ଷା କରିବା ଏବଂ ଚାଇନାକୁ ବନ୍ଦ କରିବା। ଦ୍ୱିତୀୟ ଉପାୟ ହେଉଛି, ବିଶ୍ୱସ୍ତରରେ ଟାରିଫ୍ ମାଧ୍ୟମରେ, ଯାହା ଏପ୍ରିଲ ୨ରେ ସାମ୍ନାକୁ ଆସିବ। ଏହା ୟୁରୋପରେ ଥିବା ଆମେରିକାର ମିତ୍ର ଦେଶ, କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ସମଗ୍ର ବିଶ୍ୱକୁ ପ୍ରଭାବିତ କରିବ। ଚଳିତ ଜାନୁଆରୀ ପର୍ଯ୍ୟନ୍ତ ଆମେରିକାର ବାଣିଜ୍ୟ ଅଂଶୀଦାର ରହିଥିବା ଏହିସବୁ ଦେଶ ଏବେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଆମେରିକାର ଏହି ପ୍ରତିକ୍ରିୟା ଆଗକୁ ଗରିବ ଦେଶଗୁଡ଼ିକ ତୁଳନାରେ ତାଙ୍କୁ ଖସିବନି ବୋଲି ନିଶ୍ଚିତ କରିବ ତ? ଅବଶ୍ୟ ନୁହେଁ। ଚାଇନା, ଭାରତ, ଆଫ୍ରିକା ଓ ଲାଟିନ ଆମେରିକାର ଅଭିବୃଦ୍ଧି ଜାରି ରହିବ। ଆମେ ମାନବ ଇତିହାସରେ ଏକ ନୂଆ ଯୁଗରେ ପ୍ରବେଶ କରିଛୁ। ଆମେରିକା ଓ ୟୁରୋପର ପ୍ରଭୁତ୍ୱ ଏବଂ ସେମାନଙ୍କ ପ୍ରଭାବ ଧୀରେ ଧୀରେ ହ୍ରାସ ପାଇବ। ପାଶ୍ଚାତ୍ୟ ୧୦୦ ବର୍ଷ ପୂର୍ବେ ଯାହା କରିପାରିଥିଲା ତାହା ଆଉ କରିପାରିବ ନାହିଁ।

Email:aakar.patel@gmail.com

# ବୁଢ଼ା ହେଲେ ଜାଣିବ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପ୍ରାୟ ଦୁଇବର୍ଷ ତଳେ ଅଶୀବର୍ଷ ବୟସରେ ପାଦଥାପିଲା ବେଳେ ସିନେମା ଜଗତର ମହାନାୟକ ଅମିତାଭ ବଚ୍ଚନଙ୍କୁ ସାମାଜିକ ଗଣମାଧ୍ୟମରେ ଜନ୍ମଦିନ ଶୁଭେଚ୍ଛା ଜଣାଇଥିବା ଲକ୍ଷ ଲକ୍ଷ ପ୍ରଶଂସକଙ୍କ ମଧ୍ୟରୁ ଜଣେ ଯୁବକ ଲେଖିଥିଲେ- ''ଏତେ ବୁଢ଼ା ହେଲା ପରେ ମଧ୍ୟ ଆପଣଙ୍କ ତେଜସ୍ୱୀ ବ୍ୟକ୍ତିତ୍ୱ ଓ ଯୁବସୁଲଭ ଉଦ୍ଦାମତା ପାଇଁ ଆପଣ ଅନନ୍ୟ, ଅସାଧାରଣ।'' ଅଗଣିତ ପ୍ରଶଂସକଙ୍କ ଶୁଭେଚ୍ଛା ବାର୍ତ୍ତାର ପ୍ରତିବେଦନରେ ଜଣ ଜଣ କରି ସମସ୍ତଙ୍କୁ ଉତ୍ତର ଦେବାକୁ ସମ୍ଭବ ନ ଥିଲେ ବିଗ୍ ବି ବଚ୍ଚନ ସାହେବ । ସେଇ ଯୁବକଙ୍କୁ ଉତ୍ତର ଦେଇଥିଲେ- ''ହେ ମୋର ପଚାଶ ବର୍ଷ ପରେ ଏଇ ସଂସାରକୁ ଆସିଥିବା ନବଯୁବକ! ବୁଢ଼ାଙ୍କୁ ବୁଢ଼ା କହିଲେ କେମିତି ଲାଗେ ତୁମେ ବୁଢ଼ା ହେଲେ ଜାଣିବ।''

ଅମିତାଭଙ୍କ ଏଇ ମନ୍ତବ୍ୟ ଏକ ହାଲୁକା ପରିହାସ ପରି ଉପରକୁ ପ୍ରତୀୟମାନ ହେଉଥିଲେ ମଧ୍ୟ ତାହା ମଧ୍ୟରେ ଲୁଚିରହିଥିବା ବାସ୍ତବତାର ଏକ କରୁଣ ସତ୍ୟ ଥିଲା ବେଶ୍ ଭାବୋଦ୍ଦୀପକ ଓ ଗମ୍ଭୀର। ସଂସାରର ସବୁ ବୁଢ଼ାଙ୍କ ଅଭିଶପ୍ତ ତଥା ଅବହେଳିତ ବାର୍ଦ୍ଧକ୍ୟର ବିକଳ ପ୍ରତିଧ୍ୱନି ଗୁଞ୍ଜରିତ ହେଉଥିଲା ଯେମିତି ବଚ୍ଚନଙ୍କ ସେଇ କଥା ପଦକରେ! ଅନୁରଣିତ ହେଉଥିଲା ଯେମିତି ପୀଡ଼ାଦାୟୀ ହତାଶାର ଅବରୁଦ୍ଧ ହାହାକାର। ପ୍ରକୃତରେ ବାର୍ଦ୍ଧକ୍ୟର ବେଦନା ବୁଝିବା ପାଇଁ ଯୌବନର ଜୟଗାନ କରୁଥିବା ଯୁବାବର୍ଗଙ୍କ ପାଖରେ ନା ଥାଏ ସମୟ ନା ସ୍ପୃହା। ଜୋତା ପିନ୍ଧିଥିବା ଲୋକଟି ସିନା ଜାଣେ ଜୋତା କେଞ୍ଚିବାର ଯନ୍ତ୍ରଣା, ତେଣିକି ସେ ନିପଟ ପଲ୍ଲୀର ଅଜଣା ଅଶୁଣା ବୁଢ଼ାଟିଏ ହେଉ ଅବା ଯଶ, ଖ୍ୟାତି, ପ୍ରତିଷ୍ଠା ପ୍ରତିପତ୍ତିର ପାହାଡ଼ ଉପରେ ବସିଥିବା ମହାନାୟକ ଅମିତାଭ ବଚ୍ଚନ!

ସରକାରୀ ଯୋଜନା ବା ପ୍ରଶାସନିକ ବ୍ୟବସ୍ଥାରେ ବରିଷ୍ଠ ନାଗରିକ ଭାବେ ନାମିତ ବୁଢ଼ାଙ୍କ ପାଇଁ କିଛି ସୁବିଧା ସୁଯୋଗ ଉପଲବ୍ଧ ବୋଲି ଉପରକୁ ଯେତେ ପ୍ରତୀୟମାନ ହେଉଥିଲେ ମଧ୍ୟ ପ୍ରକୃତରେ ସମାଜର ବେଶ୍ ଭାଗ ଲୋକଙ୍କ ଆଚରଣ ଓ ଉଚ୍ଚାରଣରେ ପ୍ରତିଫଳିତ ହେଉଥାଏ ବାର୍ଦ୍ଧକ୍ୟର ବିଡ଼ମ୍ବନା। ବୃଦ୍ଧମାନେ ଯେମିତି ଏ ସଂସାରରେ ଅବାଞ୍ଛିତ ଅତିଥି, ସମାଜର ବୋଝ, ଏମିତି ଏକ ଅବଧାରଣା ସୃଷ୍ଟି ହୋଇଥାଏ ବିଭିନ୍ନ କ୍ଷେତ୍ରରେ। କେଇ ବର୍ଷ ପୂର୍ବରୁ କରୋନା ଯେତେବେଳେ ଆବାଳ ବୃଦ୍ଧବନିତାଙ୍କୁ ସନ୍ତ୍ରସ୍ତ କରିରଖିଥିଲା, ସେତେବେଳେ ଆମ ଦେଶରେ କରୋନା ଆକ୍ରାନ୍ତ ଅତି ବୟସ୍କ ବୃଦ୍ଧଙ୍କଠୁଁ ଅଳ୍ପବୟସ୍କ ରୋଗୀଙ୍କ ଚିକିତ୍ସା ଉପରେ ଗୁରୁତ୍ୱ ଦେବାକୁ



ଡାକ୍ତରଙ୍କ ଉପରେ ଏକ ଅଲିଖିତ ନିର୍ଦ୍ଦେଶ ଜାରି କରାଯାଇଥିଲା। ଲାଗୁଥିଲା, ସତେଯେମିତି ବୁଢ଼ା ରୋଗୀଙ୍କୁ ସ୍ପଷ୍ଟ ଭାବେ ଶୁଣାଇ ଦିଆଯାଉଥିଲା- ''ଢେର ଦିନ ବଞ୍ଚିଲଣି। ଏବେ ଟୋକାମାନଙ୍କୁ ବାଟ ଛାଡ଼ି ଆରପୁରକୁ ଲେଉଟିଯାଅ!'' ସେଇ କରୋନା କାଳରେ ଜଣେ ବୃଦ୍ଧ ଭାବେ ଏଇ ଲେଖକଙ୍କୁ ମିଳିଥିବା ଏକ ବୁକୁବିନ୍ଧକାରୀ ମନ୍ତବ୍ୟ ଏଯାଏ ବି ସ୍ମୃତିପଟ୍ଟରେ ସଂଜୀବିତ ହୋଇ ରହିଛି। ବିପଜ୍ଜନକ ସଂକ୍ରମଣ ଏଡ଼ାଇବା ପାଇଁ ଯେତେବେଳେ ଭିଡ଼ଭାଡ଼, ହାଟବଜାର, ଏପରିକି ସାଧାରଣ ଚଳପ୍ରଚଳ ଉପରେ ଅଙ୍କୁଶ ଲାଗିଥିଲା, ସେତେବେଳେ ଦିନେ ସନ୍ଧ୍ୟାରେ କ୍ଷୀର ଆଣିବାକୁ ଗଲାବେଳେ ଦୁଇଟି ବାଇକ୍ ଉପରେ ଲଗାଲଗି ହୋଇ ଚାରିଜଣ ଯୁବକଙ୍କୁ ବିନା ମାସ୍କରେ ଆଳାପ କରୁଥିବା ଦେଖି ଏ ଲେଖକ ଅଭିଭାବକୀୟ ଆକଟ କରି ଏମିତି ନ କରିବାକୁ ଚେତାଇ ଦେଇଥିଲା। ସେ ଆଶା କରୁଥିଲା, ନିରାପତ୍ତାକୁ ଦୃଷ୍ଟିରେ ରଖି ସେମାନେ ପରସ୍ପରଠୁଁ ବିଚ୍ଛିନ୍ନ ହୋଇ ବସିବେ। ମାତ୍ର କରୋନାର ଭୟାବହତାକୁ ଗୋଟିଏ ଫୁତ୍କାରରେ ଉଡ଼ାଇ ଦେଇ ଯୁବକଙ୍କ ମଧ୍ୟରୁ ଜଣେ କହିଲା, ''ତୁମେ ତୁମ ବାଟରେ ଯାଉ ନ ମଉସା! ବୁଢ଼ା ହେଲଣି, ତଥାପି ଏ ମାଷ୍ଟ୍ରିଆ ଗୁଣ ଯାଉନାହିଁ''! ଚାରିଙ୍କ ମଧ୍ୟରୁ କେହି ଜଣେ ବୋଧହୁଏ ମୁଁ ଜଣେ ଅବସରପ୍ରାପ୍ତ କଲେଜ ମାଷ୍ଟର ବୋଲି ଅବଗତ ଥିଲେ।

ବାର୍ଦ୍ଧକ୍ୟର ବିଡ଼ମ୍ବନା ପ୍ରସଙ୍ଗରେ ଆଉ ଏକ ଆଖିଦେଖା ଘଟଣା । ଅଳ୍ପଦିନ ତଳେ ରାଜଧାନୀର ଏକ ଏଟିଏମ୍ କାଉଣ୍ଟର ଆଗରେ ଟଙ୍କା ଉଠାଇବା ପାଇଁ ଏ ଲେଖକ ଧାଡ଼ିରେ ଛିଡ଼ା ହୋଇଥିଲାବେଳେ ଜଣେ ଯୁବକ ମେଶିନ ଆଡ଼କୁ ମାଡ଼ି ଚାଲିଲେ। ଧାଡ଼ିରେ ଛିଡ଼ା ହୋଇଥିବା ପ୍ରାୟ ଦଶଜଣ ଅସନ୍ତୁଷ୍ଟ ହେଲେ ବି କେହି ପ୍ରତିବାଦ କରିବାକୁ ଉଚିତ ମଣିଲେ ନାହିଁ। ମାତ୍ର ଏଇ ଲେଖକ ଯେତେବେଳେ ସେଇ ଯୁବକ ଜଣଙ୍କୁ ଧାଡ଼ିରେ ଛିଡ଼ା ହେବା ପାଇଁ ତାଗିଦ କଲେ, ସେତେବେଳେ ଯୁବକଟି ଗର୍ଜିଉଠିଲେ- ''ଉପରକୁ ଯିବା ବୟସ ହେଲାଣି! ଏମିତି ରାଗୁଚୁ କାହିଁକି?''

ବୁଢ଼ାମାନେ ତାଙ୍କ ଗଡ଼ିଯାଉଥିବା ବୟସକୁ ନେଇ କ'ଣ ଏଡ଼େ ଅବାଞ୍ଛିତ? ତାଙ୍କ ପରିପକ୍ୱ ଚେତନାର ଆହ୍ୱାନରେ ଯୁବପିଢ଼ିଙ୍କୁ ନିୟମ ମାନି ଚଳିବା ପାଇଁ ଚେତାଇ ଦେବାକୁ କ'ଣ ଏଡ଼େ ଅଯୋଗ୍ୟ? ଭୁଲ୍‌କୁ ଭୁଲ୍ ବୋଲି ଚିହ୍ନାଇଦେବା ବା ସ୍ଥଳ ବିଶେଷରେ ଖରାପ ବିରୋଧରେ ସ୍ୱର ଉଠାଇ ସାମାନ୍ୟ କ୍ରୋଧ ପ୍ରକଟ କରିବାକୁ ସେମାନେ ସ୍ୱାଧୀନ ନୁହନ୍ତି? କେବଳ ଏଇଥିପାଇଁ ଯେ ସେମାନଙ୍କ ବୟସ ଅତିକ୍ରାନ୍ତ! ସେମାନେ ବୁଢ଼ା!

କେବଳ ବାହାରେ ନୁହେଁ, ଘର ଭିତରେ ବି ବାର୍ଦ୍ଧକ୍ୟର ଅପମାନ ହେଉଛି। ଏବେ ତ ପରିଣତ ବୟସର ଅନେକ ବାପାମା' ପରିତ୍ୟକ୍ତ ଜୀବନ ଜିଇବାକୁ ବିବଶ ହେଉଛନ୍ତି। ପୁଅମାନେ ନିଜ ନିଜର ସଂସାର ନେଇ ବାହାରେ। ବୁଢ଼ା ମା'ବାପା ଏକା ଏକା, କେଉଁଠି ଭାଗ୍ୟ ସାହାରାରେ ତ ଅନ୍ୟ କେଉଁଠି ନିଜ ଘରର ଭଡ଼ାଟିଆଙ୍କ ହେପାଜତରେ! ଯେଉଁଠି ବି ନିଜ ଅସାମର୍ଥ୍ୟ ଅବା ବାଧ୍ୟବାଧକତାରୁ ପୁଅଟିଏ ମା'ବାପାଙ୍କ ପାଖରେ ରହୁଛି, ସେଠି ବହୁ କ୍ଷେତ୍ରରେ ବାର୍ଦ୍ଧକ୍ୟ ଏକ ଅଭିଶାପରେ ପରିଣତ ହେଉଛି। ସେଦିନ କାନକୁ ଭଲ ଶୁଭୁ ନ ଥିବା ବୁଢ଼ା ବାପା ଜଣେ ତାଙ୍କ ପୁଅକୁ କ'ଣ ପଚାରିଦେଲେ। ପୁଅଟି ବି ଉତ୍ତର ଦେଲା। ମାତ୍ର ଶୁଣି ନ ପାରିବାରୁ ବାପା ଆଉଥରେ ପଚାରିଦେଲେ। ବାସ୍ ଏତିକିରେ ପୁଅ ପାଟି କରିଉଠିଲା, ''କାନକୁ ଯଦି ଶୁଭୁ ନାହିଁ, ସବୁ କଥା ଜାଣିବାକୁ ଏତେ ଆଗ୍ରହ କାହିଁକି?''

ଏ କେବଳ ଜଣେ ବୁଢ଼ାବାପାର ଦୁର୍ଭାଗ୍ୟ ନୁହେଁ। ସଂସାରର ସବୁ ବୁଢ଼ାବାପାଙ୍କ ଦୁର୍ଦ୍ଦଶା ଊଣା ଅଧିକେ ବୋଧହୁଏ ଏହିଭଳି। ଅଥଚ ଏଇ ବାପାମାନେ ଯେତେବେଳେ ଯୁବା ବୟସରେ ଥିଲେ, ପୁଅଟିର ବୟସ ଯେତେବେଳେ ଥିଲା ଚାରିବର୍ଷ; ସେତେବେଳେ ଅଗଣାରେ ବସିଥିବା ଗୋଟିଏ କାଉକୁ ଦେଖାଇ 'ଏଇଟା କ'ଣ' ବୋଲି ବାପାକୁ ପଚାରିଥିଲା। ବାପା କହୁଥିଲେ 'କାଉ'। ପୁଅ ପୁଣି ପଚାରୁଥିଲା ସେଇ ଗୋଟିଏ ପ୍ରଶ୍ନ। ଥରେ ନୁହେଁ, ବାରମ୍ବାର। ବାପା ସାମାନ୍ୟ ବିରକ୍ତି ପ୍ରକାଶ ନ କରି ବାରମ୍ବାର କହି ଚାଲିଥିଲେ- 'କାଉ'। ମାତ୍ର ଆଜି ସେଇ ପୁଅ ବଡ଼ ହେଲାପରେ ତା' ବୁଢ଼ା ବାପାଙ୍କ ଶୁଣିବାର ଅସାମର୍ଥ୍ୟକୁ ନେଇ ପୁଣି ଏତେ ବିରକ୍ତ! ବାର୍ଦ୍ଧକ୍ୟର ବିଡ଼ମ୍ବନା ଆଉ କାହାକୁ କହନ୍ତି କି!

ବୁଢ଼ାଙ୍କୁ 'ବୁଢ଼ା' କହି ହତାଦର କଲେ ତାଙ୍କର କେବଳ ଅସମ୍ମାନ ହେବନି,ବରଂ ଅପମାନ ହେବ । ସଂସାରର ବିଧାନ ଅନୁଯାୟୀ ପୁଅଟିଏ କାଳକ୍ରମେ ବାର୍ଦ୍ଧକ୍ୟରେ ପହଞ୍ଚିବ। ସେଇ ବୃଦ୍ଧାବସ୍ଥାରେ ତାକୁ ଆହତ କଲାଭଳି ବାକ୍ୟବାଣ ପ୍ରୟୋଗ କରାଗଲେ, ସେ ପୁଅ ହେଉ ଅବା ଅନ୍ୟ କେହି ଉଦ୍ଦାମ ଯୁବକ; ବୟସ ଭାରରେ ନଇଁ ପଡ଼ିଥିବା ଅସହାୟ ବୁଢ଼ାଟିର ଅନ୍ତରରୁ ବାହାରି ଆସିବ ସେଇ ଯୁବକମାନଙ୍କ ଉଦ୍ଦେଶ୍ୟରେ ଏକ ଅପ୍ରକାଶ୍ୟ ଚେତାବନୀ- ''ମୋ ବେଳକାଳ ସରୁଛି, ତୋ ବୁଢ଼ାକାଳ ଆସୁଛି!'' ଏହି ଅବ୍ୟକ୍ତ ଚେତାବନୀର ଅଶ୍ରୁତ ପ୍ରତିଧ୍ୱନି ସଂସାରର ସବୁ ଯୁବା ପୁଅଙ୍କ କାନରେ ପଡ଼ନ୍ତା ସିନା!

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,**
**ଚକେଇଶିଆଣୀ, ଭୁବନେଶ୍ୱର**
**ମୋ: ୮୮୯୫୬୭୪୧୦୫**

# ବିଜ୍ଞାନ ଓ ମଣିଷ



ଡ. ନରେନ୍ଦ୍ର ସେଠୀ

ଆମର ନିତ୍ୟ ବ୍ୟବହୃତ ଟିଭି, ଶୀତତାପ ନିୟନ୍ତ୍ରିତ ମେଶିନ, ଲାଇଟ ବଲ୍‌ବ, ମାଇକ୍ରୋଓ୍ୱେଭ ଓଭନ ଏବଂ ଫ୍ୟାନ୍ ପ୍ରଭୃତି ସବୁ ବିଜ୍ଞାନର ଗୋଟେ ଗୋଟେ ଉପହାର। ଅଜାଣତରେ ବିଜ୍ଞାନ ପ୍ରତିଟି ମୁହୂର୍ତ୍ତରେ ଆମ ଜୀବନ ସହିତ ଜଡ଼ିତ ଅଛି। ତେବେ ମଣିଷ ସହିତ ବିଜ୍ଞାନର ପରିଚୟ ଆବଶ୍ୟକତା ଥିଲା ଓ ତାହା ପ୍ରସ୍ତର ଯୁଗରୁ ଆରମ୍ଭ ହୋଇଥିଲା । ସମ୍ଭବତଃ ମଣିଷର ବିଜ୍ଞାନ ସହିତ ପ୍ରଥମ ପରିଚୟ ସେହିଦିନ ହୋଇଥିଲା, ଯେଉଁଦିନ ସେ ପଥରକୁ ମୁନିଆ କରି ପଶୁ ଶିକାର କରିବାର କୌଶଳ ପ୍ରସ୍ତର ଯୁଗରେ ଜାଣିଲା । ତା'ପରେ ଚକର ଆବିଷ୍କାର ମଣିଷ ଜୀବନକୁ ଆହୁରି ସୁଗମ କରିଦେଲା। ନିଆଁକୁ ଆୟତ୍ତ କରି ରଖିବାର କୌଶଳ ମଧ୍ୟ ମଣିଷର ପ୍ରାରମ୍ଭିକ ବିଜ୍ଞାନ ସଫଳତା ଭିତରେ ଅନ୍ୟତମ ।

କୌଣସି ଦେଶର ଆର୍ଥିକ ଅଭିବୃଦ୍ଧି ଏହାର ବୈଜ୍ଞାନିକ ଗବେଷଣା ଉପରେ ନିର୍ଭର କରେ ବୋଲି କହିଲେ ସାଧାରଣ ଜନମାନସରେ ସନ୍ଦେହ ସୃଷ୍ଟି ହୁଏ । ଯେତେବେଳେ ଭାରତର ବୁଣାକାର ହସ୍ତତନ୍ତରେ ଲୁଗା ବୁଣି ସାରା ବିଶ୍ୱରେ ଚହଳ ସୃଷ୍ଟି କରୁଥିଲେ ଠିକ୍ ସେତିକିବେଳେ ଆଧୁନିକ ସ୍ପିନିଂ ମିଲ୍ ୟୁରୋପରେ ଭାରତୀୟ ହସ୍ତତନ୍ତକୁ ରସାତଳକୁ ଠେଲି ଦେଇଥିଲା। ଊନବିଂଶ ଶତାବ୍ଦୀରେ ଜେମ୍ସ ୱାଟ୍‌ଙ୍କ ଦ୍ୱାରା ବାଷ୍ପୀୟ ଇଞ୍ଜିନ୍‌ର ଉଦ୍ଭାବନ ହେଲା, ଏହା ସମଗ୍ର ବିଶ୍ୱରେ ଏକ ବିପ୍ଳବ ଆଣିଲା। ବ୍ରିଟିଶ ବୈଜ୍ଞାନିକ ମାଇକେଲ ଫାରାଡେ ଊନବିଂଶ ଶତାବ୍ଦୀରେ ଚୁମ୍ବକୀୟ ଓ ବିଦ୍ୟୁତ୍ ଶକ୍ତି ଉପରେ ଫାରାଡେ ନିୟମ ଆବିଷ୍କାର କରି ସମଗ୍ର ପୃଥିବୀରେ ଦ୍ୱିତୀୟ ବଡ଼ ବିଜ୍ଞାନ ବିପ୍ଳବ ଆଣିଥିଲେ; ଯାହା ସମଗ୍ର ମାନବ ସମାଜକୁ ପ୍ରଭାବିତ କରିଥିଲା। ଯଦି ଏକ ଧାତବ ତାରକୁ ଚୁମ୍ବକୀୟ କ୍ଷେତ୍ରରେ ଗତି କରାଯାଏ ତାହାଲେ, ଇଲେକ୍ଟ୍ରୋନଗୁଡ଼ିକ ଗତି କରନ୍ତି ଓ ଫଳରେ ଏକ ବୈଦ୍ୟୁତିକ ତରଙ୍ଗ ସୃଷ୍ଟି କରେ । ଏହି ସରଳ ଆବିଷ୍କାର ସମଗ୍ର ଦୁନିଆରେ ବୈଦ୍ୟୁତିକ ବିପ୍ଳବକୁ ଜନ୍ମ ଦେଲା; ଯାହାର ଫଳ ସ୍ୱରୂପ ଜେନେରେଟର ତିଆରି ହେଲା, ବଡ଼ ବଡ଼ ଡ୍ୟାମ୍ ନିର୍ମାଣ ହେଲା, ତାପଜ ଓ ଜଳବିଦ୍ୟୁତ୍ ବିଜୁଳି କେନ୍ଦ୍ରଗୁଡ଼ିକ ଗଢ଼ି ଉଠିଲା। ଚୁମ୍ବକୀୟ କ୍ଷେତ୍ରରେ ଏକ ଚଳନ୍ତା ତାରର କରାମତିରେ ସୃଷ୍ଟି ହେଉଥିବା ବିଦ୍ୟୁତ୍ ତରଙ୍ଗ ମଣିଷ ଜୀବନକୁ ଏତେ ପ୍ରଭାବିତ କଲା ଯେ ଯାହା ବିନା ଏବେ ନିମିଷେ ରହିବା କାଠିକରପାଠ। ତେଣୁ ୟୁରୋପର ଶିଳ୍ପ ବିପ୍ଳବ ଓ ଆର୍ଥିକ ଅଗ୍ରଗତିର ପଛରେ ବିଜ୍ଞାନର ଚମତ୍କାର ହିଁ ଥିଲା।

ମଣିଷ ଯେ ଦିନେ ଉଡ଼ିପାରିବ ତାହା ୧୭୯୯ରେ ବ୍ରିଟିଶ ବୈଜ୍ଞାନିକ ଜର୍ଜ କାଲେ ଆଧୁନିକ ବିଜ୍ଞାନ ତଥ୍ୟରେ ପ୍ରମାଣିତ କଲାପରେ ୧୯୦୩ରେ ରାଇଟ ଭ୍ରାତା ଦ୍ୱୟ ପ୍ରଥମ ଉଡ଼ାଜାହାଜ ନିର୍ମାଣ କରି ମାତ୍ର ୧୨୦୦ ମିଟର ପର୍ଯ୍ୟନ୍ତ ଉଡ଼ାଇଥିଲେ।



ବିଜ୍ଞାନର ଏହି ଚମତ୍କାରକୁ ମଣିଷ ସଭ୍ୟତା ଥିବା ଯାଏ ଉପଯୋଗ କରୁଥିବ। ୧୮୬୭ରେ ସ୍ୱିଡେନ ଦେଶର ବୈଜ୍ଞାନିକ ଆଲ୍‌ଫ୍ରେଡ୍ ନୋବେଲ ନାଇଟ୍ରୋଗ୍ଲିସେରିନ ସହିତ କିସେଲଗୁହର ସହିତ ମିଶର ଡିନାମାଇଟ ନାମକ ବିସ୍ଫୋଟକ ଆବିଷ୍କାର କଲେ ଓ ଏହାର ସଫଳ ନିୟନ୍ତ୍ରିତ ବିସ୍ଫୋରଣ କରି ସମଗ୍ର ଦୁନିଆରେ ଚହଳ ସୃଷ୍ଟିକଲେ । ଏହି ଡିନାମାଇଟ୍‌ର ବ୍ୟବହାର ନିର୍ମାଣ, ଖଣି ଏବଂ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ବିପ୍ଳବ ଆଣିଥିଲା; ଯାହା ଦ୍ରୁତ ଏବଂ ଅଧିକ ଦକ୍ଷ କାର୍ଯ୍ୟକୁ ସକ୍ଷମ କରିଥିଲା ଏବଂ ଶେଷରେ ନୋବେଲ ପୁରସ୍କାର ସୃଷ୍ଟିକୁ ପ୍ରେରଣା ଦେଇଥିଲା। ଡିନାମାଇଟ ନ ଥିଲେ ଏତେ ଦ୍ରୁତ ଗତିରେ ପାହାଡ଼ ପଥର କାଟି ରାସ୍ତା କିମ୍ବା ଅନ୍ୟ ନିର୍ମାଣ ସମ୍ଭବ ହୋଇ ନ ଥା'ନ୍ତା।

ସ୍ମାର୍ଟ ଫୋନ ମଣିଷ ସମାଜରେ ଏତେ ବୈପ୍ଳବିକ ପରିବର୍ତ୍ତନ ଆଣି ସାରିଛି, ଏହା ବିନା ଆମର ଦୈନନ୍ଦିନ ଜୀବନ ଅଧୁରା । ଆଧୁନିକ କମ୍ପ୍ୟୁଟରର ମୂଳଦୁଆ ଊନବିଂଶ ଶତାବ୍ଦୀରେ ଚାର୍ଲସ କ୍ୟାବେଜଙ୍କ ଦ୍ୱାରା ପଡ଼ିଥିଲା । ୧୯୪୦ ବେଳକୁ ଭାକ୍ୟୁମ୍ ଟ୍ୟୁବ୍ ଆଧାରିତ ପ୍ରଥମ ପିଢ଼ିର କମ୍ପ୍ୟୁଟର, ୧୯୫୦ ଦଶକରେ ଟ୍ରାଞ୍ଜିଷ୍ଟର ଆଧାରିତ ଦ୍ୱିତୀୟ ପିଢ଼ିର କମ୍ପ୍ୟୁଟର ଓ ପରେ ପରେ ଚିପ୍ସ ମାଇକ୍ରୋଚିପ୍ସ ଆଧାରିତ ଆଧୁନିକ କମ୍ପ୍ୟୁଟର ପଦାର୍ପଣ କରି ଦୁନିଆରେ ଚହଳ ସୃଷ୍ଟି କଲା । ଭାରତର ଆର୍ଥିକ ଅଭିବୃଦ୍ଧିରେ କମ୍ପ୍ୟୁଟର ଶିଳ୍ପର ଅନନ୍ୟ ଯୋଗଦାନ ରହିଛି । ୨୦୧୩ରେ ବିଶ୍ୱର ସ୍ମାର୍ଟ ଫୋନ କାରବାର ୬୦୨ ବିଲିୟନ ଡଲାର ଥିଲା । ୧୯୮୩ରେ ଆମେରିକାର ନାସାର ଗବେଷଣାଗାରଗୁଡ଼ିକରେ ଥିବା ବୈଜ୍ଞାନିକଙ୍କ ମଧ୍ୟରେ ତଥ୍ୟ ଆଦାନ ପ୍ରଦାନ ପାଇଁ ହୋଇଥିବା ଏକ ଛୋଟ ପ୍ରୟାସ ଇଣ୍ଟରନେଟ୍‌କୁ ଜନ୍ମ ଦେଇଥିଲା। ସେତେବେଳେ କେହି କଳ୍ପନା କରି ନ ଥିଲେ ଏହି ଇଣ୍ଟରନେଟ୍ ସମଗ୍ର ବିଶ୍ୱକୁ ବଦଳାଇ ଦେବ ଓ ସମଗ୍ର ବିଶ୍ୱକୁ ପରସ୍ପର ସହିତ ସଂଯୋଗ କରିବ । ବିଜ୍ଞାନର ଏହି କେତୋଟି ବୈଜ୍ଞାନିକ ଅବଦାନ ଉପରେ ସମଗ୍ର ବିଶ୍ୱର ଅର୍ଥନୀତି ନିର୍ଭରଶୀଳ। ଏବେ ବିଶ୍ୱରେ ବିଜ୍ଞାନର ଅନ୍ୟତମ ଆବିଷ୍କାର କୃତ୍ରିମ ବୁଦ୍ଧିମତ୍ତା ମଧ୍ୟ ବିଶ୍ୱର ଆର୍ଥିକ ମେରୁଦଣ୍ଡ ହେବାକୁ ଯାଉଛି । କୃତ୍ରିମ ବୁଦ୍ଧିମତ୍ତା ଉତ୍ପାଦନ ବଢ଼ାଇବାରେ ସାହାଯ୍ୟ କରିବ ।

କରୋନା ସମୟରେ ଟିକା ଓ ଔଷଧ ଭାରତରେ ନିର୍ମାଣ ହୋଇ ସମଗ୍ର ବିଶ୍ୱକୁ ରପ୍ତାନି ହେଲା । ଜର୍ମାନୀର ବର୍ଲିନ ସହରରେ ହାନ୍ ଓ ଷ୍ଟ୍ରାସମାନ୍ ନାମକ ଦୁଇ ବୈଜ୍ଞାନିକ ଏକ ସୂକ୍ଷ୍ମ ପରମାଣୁକୁ ବିଖଣ୍ଡନ କରି ବିପୁଳ ନାଭିକୀୟ ଶକ୍ତିର ସନ୍ଧାନ କଲେ । ଯଦିଓ ଏହାର ବିଭୀଷିକା ହିରୋସୀମା ଓ ନାଗାସାକିରେ ମଣିଷ ଦେଖିବାକୁ ପାଇଲା। ଏହି ବିପୁଳ ଶକ୍ତିର ବିନିଯୋଗ କରି ମଣିଷ ତା'ର ବୈଦ୍ୟୁତିକ ଶକ୍ତି ଚାହିଦା ମେଣ୍ଟାଇବାରେ ସଫଳ ହୋଇଛି । ବିଶ୍ୱର ପ୍ରାୟ ୯ ପ୍ରତିଶତ ବିଦ୍ୟୁତ ୪୪୦ରୁ ଅଧିକ ପରମାଣୁ ବିଜୁଳି ଘରେ ଉତ୍ପାଦନ ହୋଇଥାଏ । ତେଣୁ ବିଜ୍ଞାନ ଗବେଷଣା ସର୍ବଦା ମଣିଷର ଆବଶ୍ୟକତାକୁ ମେଣ୍ଟାଇବାର ଏକମାତ୍ର ଉପାୟ କହିଲେ ଭୁଲ୍ ହେବ ନାହିଁ ।

**ମୋ: ୭୦୦୪୦୬୮୧୧୦**

## ଏଇ ଭାରତରେ

ଭାରତର ଅନେକ ଦୁର୍ଗମ ଗାଁ ଏବେ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସରକାର ଏହି ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରୁଥିଲା ବେଳେ ବେସରକାରୀ ସ୍ତରରେ ଅନେକ ବ୍ୟକ୍ତି ସେମାନଙ୍କ ପ୍ରୟାସ ଜାରି ରଖିଛନ୍ତି। ଏଭଳି ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ମହିଳା ହେଉଛନ୍ତି ମେଘାଳୟର ଲାକମେନ ମ୍ୟାରି ନଙ୍ଗଖାଲ। ସେ ତାଙ୍କ ଗାଁ କିର୍‌ଦେମାଖ୍‌ଲାର ଜଳ ସଙ୍କଟ ଦୂର କରିବାରେ ସକ୍ଷମ ହୋଇପାରିଛନ୍ତି। ଲାକମେନ ଏହି ଗାଁର ପ୍ରାଥମିକ ସ୍କୁଲରେ ୧୫ ବର୍ଷ ହେଲା ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ସେଥିରୁ ସମୟ ବାହାର କରି ଲୋକଙ୍କ ସହଯୋଗରେ ସେ ଚେକ୍ ଡ୍ୟାମ୍ ଓ ପାଣିଟାଙ୍କି ନିର୍ମାଣ କରିଛନ୍ତି। ଏହା ସହ ୬ଟି ଝରଣା କୁଣ୍ଡର ପୁନରୁଦ୍ଧାର କରିଛନ୍ତି। କେବଳ ଏତିକି ନୁହେଁ, ତାଙ୍କ ନେତୃତ୍ୱରେ ଗ୍ରାମବାସୀ ୧୬,୦୦୦ ଗଛ ଲଗାଇଛନ୍ତି। ଏହି ଗାଁର ମହିଳାମାନେ ପାଣି ପାଇଁ ଦିନକୁ ଦୁଇବେଳା ପାହାଡ଼ ଚଢ଼ି ଝରଣାକୁ ଯାଉଥିଲେ। ଏବେ ଲାକମେନ୍ ଜଳ ସଂରକ୍ଷଣ ପଦ୍ଧତି ଯୋଗୁ ସେମାନେ ଏଥିରୁ ମୁକ୍ତ ହୋଇଛନ୍ତି। ଯେଉଁ ସମୟରେ ସେମାନେ ମାଠିଆ ନେଇ ପାଣି ଆଣିବାକୁ ଯାଉଥିଲେ, ସେହି ସମୟକୁ ସେମାନେ ଏବେ ଉତ୍ପାଦକତା କାର୍ଯ୍ୟ, ଶିକ୍ଷା କିମ୍ବା ମନୋରଞ୍ଜନରେ କଟାଇପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୩ ମାର୍ଚ୍ଚ ୧୯୭୬

- ଟେଲିଫୋନ ଭବନ ହତାରେ କଟକ ଟ୍ରଙ୍କ୍ ଟେଲିଫୋନ ଏକ୍ସଚେଞ୍ଜ ରାଧାନାଥ ରଥଙ୍କ ଦ୍ୱାରା ଉଦ୍‌ଘାଟିତ।
- ନାଗାଲାଣ୍ଡର କୋନିଆ ଓ ଛଙ୍କି ଅଞ୍ଚଳରେ ୫୫ ନିୟୁତ ଟନ କୋଇଲା ଖଣି ଆବିଷ୍କୃତ।
- ଲୋକସଭା ସଭ୍ୟ ପଦରୁ ସୋସିଆଲିଷ୍ଟ ନେତା ମଧୁଲିମାୟେଙ୍କ ଇସ୍ତଫା ପ୍ରଦାନ।
- ଚବିଶପ୍ରଗଣା ଜିଲା ଅନ୍ତର୍ଗତ ସୁନ୍ଦରବନର ଉତ୍ତରପୂର୍ବ ଭାଗରେ ଅବସ୍ଥିତ 'ନାଜାତ'ଠାରେ ଭାରତର ସର୍ବପ୍ରଥମ ଭାସମାନ ବ୍ୟାଙ୍କ ଉଦ୍‌ଘାଟିତ।

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 5 | | | | |
| 7 | | 3 | | 4 | | 1 | | |
| | | 4 | | 8 | | 2 | | |
| | 2 | | | | 7 | | 3 | |
| 1 | | | | | | | | 8 |
| | | | | | 2 | 4 | | |
| | 7 | | 1 | | 9 | | 4 | 6 |
| 6 | | 2 | | | 4 | | 8 | |
| | | | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 9 | 4 | 3 | 6 | 2 | 5 | 1 |
| 5 | 1 | 6 | 7 | 2 | 8 | 9 | 3 | 4 |
| 3 | 2 | 4 | 1 | 5 | 9 | 8 | 7 | 6 |
| 1 | 3 | 2 | 8 | 6 | 5 | 7 | 4 | 9 |
| 6 | 8 | 7 | 9 | 4 | 1 | 5 | 2 | 3 |
| 9 | 4 | 5 | 2 | 7 | 3 | 6 | 1 | 8 |
| 7 | 9 | 8 | 3 | 1 | 2 | 4 | 6 | 5 |
| 2 | 5 | 1 | 6 | 8 | 4 | 3 | 9 | 7 |
| 4 | 6 | 3 | 5 | 9 | 7 | 1 | 8 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## 'ଉଡାନ ଯାତ୍ରୀ କାଫେ' ର ଆବଶ୍ୟକତା

ମହାଶୟ,

ସାଧାରଣତଃ ବିମାନବନ୍ଦରଗୁଡ଼ିକରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ବହୁତ ମହଙ୍ଗା ହୋଇଥାଏ । ଯେପରି କି ପାଣି ବୋତଲର ମୂଲ୍ୟ ଶହେ ଟଙ୍କା, ଚାହା/କଫିର ମୂଲ୍ୟ ୨୫୦ ଟଙ୍କାରୁ ଅଧିକ ଇତ୍ୟାଦି । ଅନେକ ଯାତ୍ରୀ ଉକ୍ତ ମହଙ୍ଗା ଖାଦ୍ୟ କିଣିବା ପାଇଁ ଅସମର୍ଥ ହୋଇଥାନ୍ତି ଏବଂ ଅନେକ ସମୟରେ ଭୋକିଲା ଅବସ୍ଥାରେ ଯାତ୍ରା କରିଥାଆନ୍ତି । ଏହି ସମସ୍ୟାର କିଛିଟା ସମାଧାନ ହେଉଛି ଉଡାନ ଯାତ୍ରୀ କାଫେ, ଯାହା ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆ ଦ୍ୱାରା ପରିଚାଳିତ । ନିକଟରେ କୋଲକୋତା ଓ ଚେନ୍ନାଇ ବିମାନବନ୍ଦରରେ ଉଡାନ ଯାତ୍ରୀ କାଫେ କାର୍ଯ୍ୟକାରୀ ହୋଇଛି । ଉକ୍ତ କାଫେରେ ସୁଲଭ ମୂଲ୍ୟରେ ଖାଦ୍ୟ ସାମଗ୍ରୀ ଉପଲବ୍ଧ ହୋଇଥାଏ। ଯେପରି କି ପାଣିବୋତଲ, ଚାହା ପ୍ରତ୍ୟେକର ମୂଲ୍ୟ ୧୦ ଟଙ୍କା, କଫି, ସମୋସା, ବରା, ମିଠା ଇତ୍ୟାଦି ପ୍ରତ୍ୟେକ ୨୦ ଟଙ୍କାରେ ବିକ୍ରି ହୋଇଥାଏ। ଏହି ପରିପ୍ରେକ୍ଷୀରେ ଦେଶର ଅନ୍ୟାନ୍ୟ ବିମାନବନ୍ଦରଗୁଡ଼ିକରେ ଉଡାନ ଯାତ୍ରୀ କାଫେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି ।

**-ନବନିତ ପାଣିଗ୍ରାହୀ, ରାୟଗଡ଼ା**

## ଚିରନ୍ତନୀ

ମୂକର ମୁଖେ ଫୁଟାଇ ରବ
ଅନ୍ଧ ଚକ୍ଷେ ଛବି ବିଭବ
ପାଷାଣ ପଥେ ବୁହାଇ ନବ ନିର୍ଝର
ଜଡ଼ର ଦେହେ ଜୀବନ ତୁମେ ସଞ୍ଚର।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରେଳ ବିଭାଗରେ ଚାକିରି ନାଁରେ ୧୩ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର,୨୨।୩(ସୂର୍ଯ୍ୟକାନ୍ତ ବେହେରା): ରେଳ ବିଭାଗରେ ଚାକିରି କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ୧୩ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବଡ଼ଗଡ଼ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଟାଉନ ଥାନା ଅଞ୍ଚଳର ଅଜୟ କୁମାର ନାୟକ(୬୦)। ତାଙ୍କଠାରୁ ଟଙ୍କା କାରବାର ହୋଇଥିବା ବ୍ୟାଙ୍କ ଟ୍ରାଞ୍ଜାକ୍ସନ ରିସିପ୍ଟ ସହ ଅଭିଯୋଗକାରୀଙ୍କ ଆଧାରକାର୍ଡ ଓ ଅନ୍ୟାନ୍ୟ ଜିନିଷ ଜବତ ହୋଇଛି। ଜାମିନ ନ ମିଳିବାରୁ ଅଜୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକାମିରେ ପଡ଼ିଥିବା ବିକାଶ ଚନ୍ଦ୍ର ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛି।

# ସ୍ତ୍ରୀଙ୍କୁ ସନ୍ଦେହ କରି ୩ବର୍ଷ ପୁଅର ଗଳାକାଟି ହତ୍ୟା

ପୁଣେ(ମହାରାଷ୍ଟ୍ର),୨୨।୩




ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ପରିବାରରେ ଅଶାନ୍ତି ସୃଷ୍ଟି କରିବା ଏବଂ ଶେଷରେ କ୍ରୋଧ ସମ୍ଭାଳି ନ ପାରି ନିଜର ୩ବର୍ଷୀୟ ଏକମାତ୍ର ଶିଶୁପୁତ୍ରର ଗଳାକାଟି ହତ୍ୟା କଲେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମହାରାଷ୍ଟ୍ର ପୁଣେ ଅଞ୍ଚଳରେ। ମାଧବ ଟିକେତି ନାମକ ଜଣେ ୩୮ବର୍ଷୀୟ ଇଞ୍ଜିନିୟର ଏହି ବର୍ବର କାଣ୍ଡ ଘଟାଇଥିବାବେଳେ ପୋଲିସ ତାଙ୍କୁ ପୁଣେ ଚନ୍ଦନ ନଗରରେ ଥିବା ଏକ ଲଜ୍‌ରେ ମଦ୍ୟପାନ କରୁଥିବା ସମୟରେ ଗିରଫ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନାନୁସାରେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ମୂଳ ବାସିନ୍ଦା ମାଧବ ପୁଣେରେ ସ୍ତ୍ରୀ ସ୍ୱରୂପା ଏବଂ ୩ ବର୍ଷର ଶିଶୁପୁତ୍ର ହିମ୍ମତଙ୍କ ସହ ରୁହନ୍ତି। ମାଧବ ଜଣେ ଇଞ୍ଜିନିୟର ହୋଇଥିବାବେଳେ ଅଧିକାଂଶ ସମୟରେ ଘରେ ଅନୁପସ୍ଥିତ ରହୁଥିଲେ। ତେବେ ସ୍ତ୍ରୀ ସ୍ୱରୂପାଙ୍କ ଅନ୍ୟ ଜଣେ ପୁରୁଷଙ୍କ ସହ ସମ୍ପର୍କ ଥିବାନେଇ ମାଧବ ବହୁ ଦିନ ହେବ ସନ୍ଦେହ କରି ଆସୁଥିଲେ। ଏହି ସନ୍ଦେହକୁ ନେଇ ଗତ ଗୁରୁବାର ସ୍ତ୍ରୀ ଏବଂ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ଝଗଡ଼ା ଉଗ୍ରରୂପ ନେବା ପରେ ମାଧବ ତାଙ୍କ ପୁଅ ହିମ୍ମତଙ୍କୁ ଧରି ଘରୁ କୁଆଡ଼େ ଚାଲି ଯାଇଥିଲେ। ଘରୁ ଯିବା ପରେ ସେ ଏକ ବାର୍‌ରେ କିଛି ସମୟ ଧରି ମଦ୍ୟପାନ କରିଥିଲେ। ପରେ ସେ ପୁଅକୁ ଧରି ସୁପରମାର୍କେଟ ଆଡ଼କୁ ଯାଇଥିଲେ। ଏହାପରେ ଚନ୍ଦନ ନଗର ପାର୍ଶ୍ୱରେ ଥିବା ଏକ ଜଙ୍ଗଲକୁ ଯାଇଥିଲେ। ବହୁ ସମୟ ଧରି ମାଧବ ପୁଅକୁ ଧରି ଘରକୁ ନ ଫେରିବା ଏବଂ ତାଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ସ୍ୱରୂପା ବ୍ୟସ୍ତବିବ୍ରତ ହୋଇପଡ଼ିଥିଲେ। ବିଳମ୍ବିତ ରାତିରେ ସେ ନିକଟସ୍ଥ ଥାନାରେ ଏକ ନିଖୋଜ ଏତଲା ଦେଇଥିଲେ। ପୋଲିସ ଅଭିଯୋଗକୁ ଆଧାର କରି ସ୍ଥାନୀୟ ଅଞ୍ଚଳର ସିସିଟିଭି ଯାଞ୍ଚ କରିଥିଲା। ଗୁରୁବାର ଅପରାହ୍ନ ୨ଟା୩୦ମିନଟରେ ଶେଷ ଥର ପାଇଁ ପୁଅକୁ ଧରି ଯାଉଥିବା ଏକ ସିସିଟିଭି ଫୁଟେଜରୁ ଜଣାପଡ଼ିଥିବାବେଳେ ୫ଟା ବେଳେ ଏକାକୀ କପଡ଼ା କିଣୁଥିବାର ଅନ୍ୟ ଏକ ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଥିଲା। ପରେ ପୋଲିସ ମାଧବଙ୍କ ମୋବାଇଲ ଫୋନ ଲୋକେଶନକୁ ଟ୍ରାକିଂ କରି ତାଙ୍କୁ ଚନ୍ଦନ ନଗରର ଏକ ଲଜ୍ ନିକଟରୁ ଚେତାଶୂନ୍ୟ ଅବସ୍ଥାରେ ଠାବ କରିଥିଲା। ଚେତା ଫେରିବା ପରେ ତାଙ୍କୁ ପୋଲିସ ଜେରା କରିଥିଲା। ଜେରା ସମୟରେ ପୁଅର ଗଳାକାଟି ହତ୍ୟା କରିଥିବା ମାଧବ ସ୍ୱୀକାର କରିଥିଲେ। ପୋଲିସ ମାଧବଙ୍କୁ ଧରି ମୃତଦେହ ଫିଙ୍ଗାଯାଇଥିବା ସ୍ଥାନକୁ ଯାଇ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମାଧବଙ୍କ ନାମରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ମୁଖ୍ୟ ସାକ୍ଷୀ ସରୋଜ, ଆହତ ଜୀବନଙ୍କ ପୁନଃ ବୟାନ ରେକର୍ଡ

ଝାରସୁଗୁଡ଼ା,୨୨।୩
ଆଶିଷ ରଞ୍ଜନ ଦାଶ)

**ନବ ଦାସ ହତ୍ୟା ମାମଲା**

**ମୁଖ୍ୟ ଡାକ୍ତରଖାନାରେ ମିଳୁନି ଇସିଜି ରିପୋର୍ଟ**

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାରେ ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ୨ଜଣିଆ ଟିମ୍ ଶନିବାର ୫ମ ଦିନରେ ମଧ୍ୟ ତନାଘନା ଜାରି ରଖିଛି। କ୍ରାଇମବ୍ରାଞ୍ଚ ଟିମ୍ ସକାଳ ପ୍ରାୟ ୯ଟାରେ ବ୍ରଜରାଜନଗର ଓରିଏଣ୍ଟ ଥାନାରେ ପହଞ୍ଚିଥିଲା। ସେଠାରେ ମୁଖ୍ୟ ସାକ୍ଷୀ ସରୋଜ ସାଙ୍କୁ ପ୍ରଥମେ ପଚରାଉଚରା କରିଥିଲେ। ନବଙ୍କୁ ପ୍ରଥମେ ସରୋଜ ଫୁଲମାଳ ପିନ୍ଧାଇଥିଲେ, ଗୁଳିକାଣ୍ଡ ପରେ ତତ୍କାଳୀନ ବ୍ରଜରାଜନଗର ଆଇଆଇସିଙ୍କ ବନ୍ଧୁକ ନେଇ ଉପରକୁ ଟେକି ଧରିଥିଲେ ଏବଂ ଗୋପାଳ ଦାସ ଗୁଳି କରିବା ସମୟରେ ତାଙ୍କ ପାଖରେ ଥିବା ସରୋଜଙ୍କ ପୁନଃ ବୟାନ ରେକର୍ଡ କରିଛି କ୍ରାଇମବ୍ରାଞ୍ଚ ଟିମ୍। କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକ କହିଛନ୍ତି, ସରୋଜ ପୂର୍ବରୁ ଯାହା ବୟାନ ଦେଇଛନ୍ତି, ତାହା ପ୍ରାୟ ସମାନ ରହିଛି। କିଛି ନୂଆ ତଥ୍ୟ ପାଇଁ ଆମେ ସରୋଜଙ୍କ ଧାରା ୧୬୧ରେ ବୟାନ ରେକର୍ଡ କରିଛୁ। ଏହାପରେ ଅପରାହ୍ନରେ ଗୋପାଳ ଦାସ ନବଙ୍କୁ ଗୁଳି କରିବା ସମୟରେ ଗୁଳି ଜୀବନ ନାୟକଙ୍କ ବେକରେ ଲାଗି ଯାଇ ନବଙ୍କ ବାମ ପାର୍ଶ୍ୱ ଛାତିରେ ବାଜିଥିଲା ଓ ନବ ପ୍ରାଣ ହରାଇଥିଲେ। ଜୀବନ ମଧ୍ୟ ଗୁରୁତର ହୋଇ ବୁର୍ଲାରେ ଚିକିତ୍ସିତ ହୋଇଥିଲେ। କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ କହିବା ଅନୁଯାୟୀ, ଜୀବନ ମଧ୍ୟ ପୂର୍ବରୁ ଯାହା କହିଥିଲେ, ଏବେ ମଧ୍ୟ ତାହା କହିଛନ୍ତି। ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ମଲ୍ଲିକ କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ୧୫ରୁ ଊର୍ଦ୍ଧ୍ୱ ସାକ୍ଷୀମାନଙ୍କ ଧାରା ୧୬୧ରେ ବୟାନ ରେକର୍ଡ ହୋଇସାରିଛି। ଆଗକୁ ମଧ୍ୟ କେତେଜଣ ଲୋକଙ୍କ ବୟାନ ରେକର୍ଡ କରାଯାଇପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ଇସିଜି ରିପୋର୍ଟରେ କୌଣସି କାଗଜାତ ପତ୍ର ତଥା ପ୍ରମାଣ ହସ୍ତଗତ ହୋଇ ନ ଥିବା କହିଛି କ୍ରାଇମବ୍ରାଞ୍ଚ ଟିମ୍।

# ସରକାରୀ ଅର୍ଥରେ ବେଟିଂ

## ୩.୨୬କୋଟି ଟଙ୍କା ଆତ୍ମସାତ୍ ଅଭିଯୋଗରେ ପିଇଓ ଗିରଫ

ଭବାନୀପାଟଣା,୨୨।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଥୁଆମୁଳ-ରାମପୁର ବ୍ଲକ ପୋଡ଼ାପଦର ଓ ତଳନାଗି ପଞ୍ଚାୟତରେ ସରକାରୀ ଅନୁଦାନ ୩କୋଟି ୨୬ଲକ୍ଷ ୮୭ହଜାର ୧୦୦ ଟଙ୍କା ଆତ୍ମସାତ୍ କଲେ। ପରେ ଉକ୍ତ ଟଙ୍କାକୁ କ୍ରିକେଟରେ ବେଟିଂ କରିବା ଅଭିଯୋଗରେ ପୂର୍ବତନ ପିଇଓ ଦେବାନନ୍ଦ ସାଗରଙ୍କୁ ଭିଜିଲାନ୍ସ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ କୋରାପୁଟ ଭିଜିଲାନ୍ସରେ ୨ଟି ପୃଥକ୍ ମାମଲା (ନଂ.୧୨/୨୫ ଏବଂ ନଂ. ୧୩/୨୫) ରୁଜୁ ହୋଇଥିବା ଶନିବାର ଅପରାହ୍ନରେ ଭବାନୀପାଟଣାସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କୋରାପୁଟ ଏସ୍‌ପି ଆର. କେ. ପଣ୍ଡା ସୂଚନା ଦେଇଛନ୍ତି।

ସରକାରୀ ଆକାଉଣ୍ଟରୁ ଦେବାନନ୍ଦ ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରି ଏହି ଟଙ୍କାକୁ ଆତ୍ମସାତ୍ କରିଛନ୍ତି। ଚେକ୍ ଓ ସ୍ଥାନୀୟ ସରପଞ୍ଚଙ୍କ ଡିଜିଟାଲ ଦସ୍ତଖତ ବ୍ୟବହାର କରି ଏହି ଟଙ୍କାକୁ ସେ ଆତ୍ମସାତ୍ କରିଥିଲେ। ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଆସିବାପରେ ସେ ଏକ ଆପ୍ ଜରିଆରେ କ୍ରିକେଟ ବେଟିଂ କରି ଏହି ଟଙ୍କାକୁ ଆତ୍ମସାତ୍ କରି ଦେଇଥିଲେ।


ଗିରଫ ପିଇଓ ଦେବାନନ୍ଦ ସାଗର।

ଏଥିରେ ପୋଡ଼ାପଦର ପଞ୍ଚାୟତର ୧କୋଟି ୫୫ଲକ୍ଷ ୭୫୮ ଟଙ୍କା ରହିଥିବାବେଳେ ତଳନାଗି ପଞ୍ଚାୟତର ୧କୋଟି ୭୧ଲକ୍ଷ ୮୬ହଜାର ୩୪୨ ଟଙ୍କା ରହିଛି। ପଞ୍ଚାୟତର ଏହା ପଞ୍ଚଦଶ କେନ୍ଦ୍ର ଅର୍ଥ କମିଶନ(ସିଏଫ୍‌ସି) ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନ(ଏସ୍‌ଏଫସି)ର ଟଙ୍କା ହୋଇଥିବାବେଳେ ଏହା ଆର୍ଥିକ ବର୍ଷ ୫।୫।୨୦୧୮ ରୁ ୧୭।୩।୨୦୨୨ ମଧ୍ୟରେ ହୋଇଥିବା ଜଣାପଡିଛି। ବିଭିନ୍ନ ଦିଗକୁ ନେଇ ଏହି ଘଟଣାର ତଦନ୍ତ ଚାଲିଛି। ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ପଣ୍ଡା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଭିଜିଲାନ୍ସ ଡିଏସ୍‌ପି ପ୍ରମୋଦ କୁମାର ଆଇନ୍ଦଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୩ରେ ଥୁଆମୂଳ- ରାମପୁର ବ୍ଲକର ବଡଛତ୍ରଙ୍ଗ, ବିରିକୋଟ ଓ ଲାଞ୍ଜିଗଡ ବ୍ଲକର ପାହାଡ଼ପଦର ପଞ୍ଚାୟତରେ ସମ୍ପୃକ୍ତ ପିଇଓ ଦେବାନନ୍ଦ କାର୍ଯ୍ୟରତ ଥିବାବେଳେ ୧କୋଟି ୪ଲକ୍ଷ ସରକାରୀ ଟଙ୍କା ଆତ୍ମସାତ୍ କରିବା ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଥିଲା। ଏହାପରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏବେ ପୁଣି ଟଙ୍କା ଆତ୍ମସାତ୍ କରି ଜେଲ ଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ଟାଙ୍ଗିଆରେ ହାଣି ୨ ମହିଳାଙ୍କୁ ହତ୍ୟା

ହେମଗିର,୨୨।୩(ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିର ଥାନାସ୍ଥିତ ଡୁମୁଲିଆରେ ଶନିବାର ସନ୍ଧ୍ୟାରେ ୨ ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ସେମାନେ ହେଲେ ବିଳାସିନୀ ସୁଏର(୪୫) ଓ ରୁକ୍ମଣୀ ଭୈଶାଳ(୬୫)। ହେମଗିର ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିବା ସହ ଘଟଣାର ଅଧିକ ତଦନ୍ତ କରୁଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ହୋଇନାହିଁ। ମିଳିଥିବା ସୂଚନାନୁଯାୟୀ, କୌଣସି କଥାକୁ କେନ୍ଦ୍ରକରି ଖୁଡ଼ୀ ବିଳାସିନୀ ଓ ତାଙ୍କ ମା' ରୁକ୍ମଣୀଙ୍କ ସହ ଅଭିଯୁକ୍ତଙ୍କ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ଜଣକ ୨ ଜଣଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଘଟଣା ସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା।

# ବସ୍ ଷ୍ଟପରୁ ଗଞ୍ଜେଇ ବେପାରୀ ଗିରଫ

ଭୁବନେଶ୍ୱର,୨୨।୩ (ସୂର୍ଯ୍ୟକାନ୍ତ ବେହେରା) : ବସ୍‌ରେ ଗଞ୍ଜେଇ ଚୋରା ଚାଲାଣ କରିବା ପୂର୍ବରୁ ଅବକାରୀ ଟିମ୍ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ମାର୍ଶାଘାଇ ଥାନା ଅଞ୍ଚଳର ମାନସ ବେହେରା। ତାଙ୍କଠାରୁ ୭କେଜି ଗଞ୍ଜେଇ ଜବତ ହୋଇଛି। ଏନେଇ ଅବକାରୀ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଶହୀଦନଗର ଥାନା ଅନ୍ତର୍ଗତ ସତ୍‌ସଙ୍ଗ ବିହାର ନିକଟସ୍ଥ ବସ୍ ଷ୍ଟପରେ ଅପେକ୍ଷା କରିଥିବାବେଳେ ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ଟିମ ତାଙ୍କୁ କାବୁ କରିଥିଲା।

# ସମୁଦୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା


ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।


ଗିରଫ ଅଭିଯୁକ୍ତ ଗିରିଧାରୀ ସାହୁ।

ନାକଟିଦେଉଳ,୨୨।୩(ବୈକୁଣ୍ଠନାଥ ସାହୁ): ସମ୍ପର୍କ ଡୋରିରେ ଲାଗିଲା ରକ୍ତର ଛିଟା। ଟାଙ୍ଗିଆ ଚୋଟରେ ଚାଲିଯାଇଛି ସମୁଦୀଙ୍କ ଜୀବନ। ଶନିବାର ଏପରି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ଗଞ୍ଜାବାହାଲ ଗ୍ରାମରେ। ପାରିବାରିକ ବିବାଦରୁ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ ଗଞ୍ଜାବାହାଲ ଗ୍ରାମର ମୁରଲୀଧର ଧଳ(୫୦)। ଅଭିଯୁକ୍ତ କିସିଣ୍ଡା ଥାନା କେଲୋ ଗ୍ରାମର ଗିରିଧାରୀ ସାହୁ(୫୬)ଙ୍କୁ ପୋଲିସ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି।

ସୂଚନା ଅନୁସାରେ, ଗଞ୍ଜାବାହାଲ ଗ୍ରାମର ମୁରଲୀଙ୍କ ପୁଅର କିସିଣ୍ଡା ଥାନା କେଲୋ ଗ୍ରାମର ଗିରିଧାରୀ ସାହୁଙ୍କ ଝିଅ ସହିତ ପ୍ରେମ ସମ୍ପର୍କ ଥିଲା। ଏସମ୍ପର୍କରେ ଜାଣିବା ପରେ ମୁରଲୀ ଝିଅର ବାପା ଗିରିଧାରୀଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଉଭୟ ପରିବାର ସହମତିରେ ବାହାଘର କରିବାକୁ ପ୍ରସ୍ତାବ ଦେଇଥିଲେ। ତେବେ ଏହି ପ୍ରସ୍ତାବକୁ ଗିରିଧାରୀ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏହାର କିଛିଦିନ ପରେ ଉଭୟ ପୁଅଝିଅ କୋର୍ଟରେ ବିବାହ କରିଥିଲେ। ଏଥିପାଇଁ ଗିରିଧାରୀ ସବୁବେଳେ ମୁରଲୀଙ୍କୁ ଦୋଷଦେଇ ଆସୁଥିଲେ। ଇତିମଧ୍ୟରେ ବିବାହକୁ ୩ବର୍ଷ ବିତି ଯାଇଥିବାବେଳେ ସେମାନଙ୍କ ଏକ ୨ବର୍ଷର ପୁଅ ରହିଛି। ଏହାସତ୍ତ୍ୱେ ବି ଗିରିଧାରୀଙ୍କ ରାଗ କମି ନ ଥିଲା। ମୁରଲୀଙ୍କୁ ଜୀବନରେ ମାରିଦେବାକୁ ସେ ବିଭିନ୍ନ ସମୟରେ ଧମକଚମକ ଦେଇଆସୁଥିଲେ। ଏପରିକି ପୂର୍ବରୁ ଥରେ ସେ ଗିରିଧାରୀଙ୍କୁ ଆକ୍ରମଣ ଉଦ୍ୟମ ମଧ୍ୟ କରିଥିଲେ। ହେଲେ ମୁରଲୀ କୌଶଳକ୍ରମେ ଖସି ଯାଇଥିଲେ। ତେବେ ଶନିବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ମୁରଲୀ ଏକାକୀ ବାଇକ୍‌ରେ କିସିଣ୍ଡାରୁ ନିଜ ଗାଁକୁ ଫେରୁଥିବା ବେଳେ ଗାଁମୁଣ୍ଡ ନୂତନ ଗଞ୍ଜାବାହାଲ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଗିରିଧାରୀ ତାଙ୍କ ବାଟ ଓଗାଳିଥିଲେ। ପୂର୍ବରୁ ପ୍ରସ୍ତୁତ ରହିଥିବା ଗିରିଧାରୀ ଏକ ଟାଙ୍ଗିଆରେ ମୁରଲୀଙ୍କୁ ଚୋଟ ପରେ ଚୋଟ ମାରିଥିଲେ। ଘଟଣାସ୍ଥଳରେ ହିଁ ମୁରଲୀ ଟଳି ପଡ଼ିଥିଲେ। ଖବରପାଇ ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ନାକଟିଦେଉଳ ଥାନା ଅଧିକାରୀ ଅମୃନସେନ କିରୋ, ରେଢ଼ାଖୋଲ ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ, କିସିଣ୍ଡା ଥାନା ଏସଆଇ ଗୋଲକ ବିହାରୀ ପ୍ରଧାନ ସଦଳବଳ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ପୂର୍ବ ରାଗରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଏକ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ରେଢ଼ାଖୋଲ ଏସ୍‌ଡିପିଓ ମେହେର କହିଛନ୍ତି।


**कार्यालय मुख्य अभियंता**

लोक स्वास्थ्य यांत्रिक विभाग, रायपुर परिक्षेत्र, रायपुर (छ.ग.)

ई-प्रोक्यूरमेंट निविदा आमंत्रण सूचना शुद्धि पत्रक - 1

इस कार्यालय द्वारा आमंत्रित निविदा क्रं. 34/दिनांक 07.03.2025, सिस्टम निविदा क्रं. 165191 की तिथियों में निम्नानुसार संशोधन किया जाता है -

Revised Important Events and Time Schedule - Bid Start Date: 24.03.2025, Pre Bid Meeting Date: 01.04.2025, Bid Due Date: 15.04.2025, PHY Doc. Submission Last Date: 17.04.2025, PQ Document Download Date: 17.04.2025.

स्वा./- अधीक्षण अभियंता (प्रकोष्ठ प्रभारी)
राज्य स्तरीय निविदा प्रकोष्ठ
कार्यालय मुख्य अभियंता,
लो.स्वा.यां विभाग, परिक्षेत्र, रायपुर (छ.ग.)

G-242506099/3



**झारखण्ड सरकार**
**पेयजल एवं स्वच्छता प्रमंडल, सरायकेला**

"शुद्धि पत्र"

P.R. No-346656 Drinking Water and Sanitation (24-25): D
एतद द्वारा सर्वसाधारण को सूचित किया जाता है कि ई० निविदा सूचना संख्या– DWSD/SKL/MVS/29/2024-25 दिनांक:–18.02.2025 को निम्नवत् तिथि को इस हद तक संशोधित समझा जाय।

| | पूर्व में | संशोधित |
|---|---|---|
| बीड प्राप्त की अंतिम तिथि एवं समय | दिनांक 20.03.2025 03.00 बजे तक। | दिनांक 28.03.2025 03.00 बजे तक। |
| सरकार के सचिव, सूचना प्रोधोगिकी एवं ई–गवर्नेस, झारखण्ड मंत्रालय, के ज्ञापांक–120 दिनांक–03.10. 2023 के आलोक में विपत्र का मूल्य एवं अग्रधन की राशि ऑनलाईन जमा करने की अन्तिम तिथि एवं समय | दिनांक 21.03.2025, 03.00 बजे अपराहन तक | दिनांक 29.03.2025, 03.00 बजे अपराहन तक |
| निविदा खोलने की तिथि एवं समय | दिनांक 22.03.2025, 03.00 बजे तक। | दिनांक 29.03.2025, 03.00 बजे तक। |

पढ़ा जाय। शेष यथावत रहेगी।

कार्यपालक अभियन्ता
पेयजल एवं स्वच्छता प्रमण्डल,सरायकेला

PR 349002 Drinking Water and Sanitation(24-25).D



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-238

କାର୍ଯ୍ୟର ନାମ: ସମ୍ବଲପୁର ରେଳ ଷ୍ଟେସନ ଠାରେ ରୁଟ୍ ସଂଖ୍ୟା 1 ଏବଂ 3 ରେ କମ୍ ବାଲାଷ୍ଟ (Ballast) ବ୍ୟବସ୍ଥା ସହିତ ଜଡିତ ବିଦ୍ୟୁତ୍ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 10,23,195.50, EMD/ବିଡ୍ ସିକ୍ୟୁରିଟି (ଟଙ୍କାରେ): 20,500/-, କାର୍ଯ୍ୟ ଶେଷ ହେବା ଅବଧି: ସ୍ୱୀକୃତିପତ୍ର ଜାରୀ ହେବା ତାରିଖ ଠାରୁ ଛଅ ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.16.04.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G)/ ସମ୍ବଲପୁର

PR-1115/P/24-25



**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** Union Bank of India — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ - ୭୫୩୦୦୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଅବଗତ କରାଇଦିଆଯାଉଛି କି, ସେମାନେ ସେମାନଙ୍କର ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବାରେ ଖିଲାପ କରିଛନ୍ତି। ବ୍ୟାଙ୍କ ଦ୍ୱାରା ସେମାନଙ୍କ ନିକଟକୁ ରେଜିଷ୍ଟ୍ରି ଡାକ ଯୋଗେ ନୋଟିସ୍‌ମାନ ପଠାଯାଇଥିଲେ ମଧ୍ୟ ତାହା ପ୍ରଦାନ କରାଯାଇନପାରିଫେରସ୍ତ ଆସିଛି। ତେଣୁ ସେମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ ତା.୨୪.୦୩.୨୦୨୫ରିଖ ପୂର୍ବରୁ ସେମାନଙ୍କର ବକେୟା ଦେୟଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ ଅନ୍ୟଥା ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୫.୦୩.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କିମ୍ବା ପରେ ଅନ୍ୟ ସୁବିଧାଜନକ ତାରିଖରେ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତାବଳରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କନାମ ଏବଂ ଠିକଣା / ଋଣ ନଂ | ଋଣ ତାରିଖ |
|---|---|---|
| | **ପାରାଦୀପଗଡ଼ ଶାଖା** | |
| ୧ | ମନୋରଞ୍ଜନ ଜେନା, ପିତା: ନେତ୍ରାନନ୍ଦ ଜେନା, ସା: ସିଗଡାଳି, ପାରାଦୀପ ଲକ୍, ଜଗତସିଂହପୁର/ ୧୫୮୧୨୬୬୦୦୦୦୦୮୯ | ୧୩.୧୧.୨୦୨୧ |

ସ୍ଥାନ: କଟକ
ତାରିଖ: ୨୧.୦୩.୨୦୨୫

ସ୍ୱା/- ଶାଖା ପ୍ରବନ୍ଧକ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**OFFICE OF THE EXECUTIVE ENGINEER**
**BUILDING CONSTRUCTION DEPARTMENT**
**BUILDING DIVISION, HAZARIBAG**

e-Procurement Cell
e-Procurement Notice

Tender Reference No:-BCD/EE/HAZARIBAG/ 74 /2024-25 Date:- 21-03-2025

| Sl. No | Name of Work | Estimated Cost | Earnest Money | B.O.Q Rate | Time of completion |
|---|---|---|---|---|---|
| 1 | Proposed Construction of 50 Beded S.T. Girl's Hostel in Picchdi Jati Balika Awasiya Uccha Vidyalaya, Matwari, Dist- Hazaribagh For The Year 2024-2025 | 20712825/- | 414300/- | 10000/- | 9 Month |

| | | |
|---|---|---|
| A. | Date of Publication of Tender on website | 26-03-2025 |
| B. | Last date/Time for receipt of bids | 11-04-2025 03.00 PM |
| C. | Name & address of office Inviting tender | Office of the Executive Engineer, Building Construction Department, Building Division,Hazaribag |
| D. | Contact no. of Procurement officer | 9348952485 |
| E. | Helpline number of e-Procurement cell | 06546-225723 |

*Further details and subsequent amendments can be seen on website* http://jharkhandtenders.gov.in

Nodal Officer,
e-Procurement Cell,
Office of the Executive Engineer,
Building Construction Department,
Building Division, Hazaribag

PR 349010 (Building) 24-25 (D)



**Government of Odisha**
**Higher Education Department**

**Important notice for the applicants seeking admission into B.Ed./ B.H.Ed./M.Ed. Courses at State Public Universities and Colleges (Teacher Education Courses) participating under SAMS for the Academic Session 2025-26**

No. N-: It is for information of all concerned that admission into 2 year B.Ed./B.H.Ed./M.Ed. Courses for the HEIs participating under SAMS shall be done through on Entrance Test. Accordingly, the candidates are hereby instructed to fill-up the Common Application Form by visiting the SAMS portal as per the timeline mentioned below.
**N.B.:** Information Brochure for the said course is available on the SAMS portal. Please refer to the Information Brochure before filling up the CAF. The key points of e-Admission for the Academic Year 2025-26 are as follows.

1. In the current academic session, Phase-I admission will be conducted initially. Based on the availability of vacant seats, the Higher Education Department may consider conducting Phase-II or SPOT admissions later only for left out students.
2. The Phase-I admission will consists of 4 rounds of selection. In the 3rd round, the de-reservation of seats will be carried out in absence of the eligible applicants of a specific category. In the last round (4th round), if vacancy arises, a waiting list admission round will be conducted.
3. From the AY: 2025-26, counselling based online admission will be implemented in the aforementioned T.E. Courses. For applicants who got a seat in a round are advised to choose one of the following options.
   **Freeze:** If an applicant is satisfied with the allotted HEI, S/he can choose this option. After selecting the "Freeze" option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. The applicants who will choose the "Freeze" option can download the Intimation Letter and have to visit the selected HEIs to complete the admission formalities.
   **Slide:** If an applicant has accepted the allotted seat but also wants for his/her higher preferences, s/he can choose this option. After selecting the "Slide" option, applicants have to pay the admission fees for that seat allocated. The required fees will be shown in the screen and s/he has to pay the fees in online mode only. However, such applicants need not have to visit the allocated HEIs, as they will not get the Intimation Letter and they will wiat for the subsequent round of selection.
4. Whenever a seat is allocated, applicants are compulsorily required to choose one of the option - Freeze or Slide - carefully. If the applicant will not choose any of the option that implies the applicant is rejecting the offered/allocated seat and s/he will be out of the counselling process for the subsequent rounds of that Phase. The detail proces of "Freeze" & "Slide' is mentioned in the Information Brochure available on the SAMS portal.
5. While applying for the CAF for 2 years B.Ed., B.H.Ed. & M.Ed. Courses, applicants are advised to check the eligibility criteria for each course mentioned in the Information Brochure available on the SAMS portal.
6. The candidates, whose final U.G. results are awaited (not published), can also apply online in the CAF to appear the Entrance Examination. But they must upload their marks and provide their preference of HEIs (Choice Locking) by logging into the "Existing Students Login" as per the timeline fixed by the Higher Education Department.
7. For this academic year, applicants wish to be considered for scholarship from the Higher Education Department must upload the Residence, Income & Caste Certificates while filling up the CAF. Hence, they are advised to keep ready the required certificates in well advance before filling up the CAF. If the applicants fail to upload the certificates during filling up the CAF, another chance will be given to upload the certificates during choice filling timeline and updation of graduation marks.
8. For the academic session 2025-26, the admission process for 2 years B.Ed., B.H.Ed. and M.Ed. courses will start early, irrespective of the declaration of final results. However, applicants whose results are not declared during the admission period must submit their graduation or equivalent certificate to their respective institutions within two months of admission. If students fail to provide the required certificates within two months from the date of admission or their final marks do not meet the eligibility criteria specified in the Information Brochure, their admission will be cancelled by the concerned University/ College. Further, those seat can be allotted to others eligible applicants.

**Timeline for admission into 2 year B.Ed., B.H.Ed., M.Ed. Courses for the Academic Session 2025-26 under SAMS**

The timeline for 2 year B.Ed., B.H.Ed., M.Ed. Courses e-Admission for the year 2025-26 under 'Student Academic Management System (SAMS)' is given below. Any changes in the timeline will be published on the website **https://te.samsodisha.gov.in/**. The applicants are advised to read the Information Brochure carefully.

| Sl # | Activities | Timeline |
|---|---|---|
| 1 | Availability of online Common Application Form (CAF) in the website **www.samsodisha.gov.in** | 24 Mar 2025 (12.00 Noon) (Monday) |
| 2 | Last date of applying online CAF through **www.samsodisha.gov.in** | 10 April 2025 (11.45 P.M.) (Thursday) |
| 3 | Editing of the CAF (if required) for the CAF submitted earlier (No fresh CAF will be allowed during this period) | 11 April 2025 (10.00 A.M.) to (11.45 P.M.) (Friday) |
| 4 | Submission of applicant's data to State Selection Board (SSB) by OCAC to conduct the Entrance Examination | 18 April 2025 (Friday) |
| 5 | Availability of Hall Ticket on the website of the State Selection Board (SSB) i.e. **https://ssbodisha.ac.in** and on SAMS portal for downloading the Admit Card | 23 May 2025 (12.00 Noon onwards) (Friday) |
| 6 | Conduct of Entrance Test - 2025 for B.Ed. & B.H.Ed. | 01 Jun 2025 (Sunday) |
| 7 | Conduct of Entrance Test - 2025 for M.Ed. | 04 Jun 2025 (Wednesday) |
| 8 | Handing Over Entrance Marks to OCAC by SSB, Odisha | 10 June 2025 (Tuesday) |
| 9 | Publication of Entrance Test Score on SAMS TE Portal, Updation of Graduation/Equivalent marks, Choice Filling of HEIs and Publication of provisional Allotment of Seats for different rounds | Dates will be notified by the Higher Education Department later |

**For more details please Contact: e-Admission Helpline (Toll Free) Number 155335 / 1800-345-6770**

**N.B.:** • The candidates, whose final U.G. results are awaited (not published), can also apply Online in the CAF to appear the Entrance Examination. But they must upload their marks and provide their preference of HEIs (Choice Locking) by logging into the "Existing Students Login" later as per the timeline fixed by the Higher Education Department.

OIPR-11001/11/0044/2425 Sd./- Deputy Director, PTC Section

## ସଂକ୍ଷେପରେ

### ଗୁପ୍ତ ସନ୍ତାନ ଥିବା ପ୍ରଘଟ କରି ଆଇସ୍‌ଲାଣ୍ଡ ମନ୍ତ୍ରୀଙ୍କ ଇସ୍ତଫା


ଆସ୍ଥିଲଦୁର ଲୋଆ ଥୋର୍ସଦୋତିର

**ରେକ୍‌ଜାଭିକ, ୨୨।୩**

ଆଇସ୍‌ଲାଣ୍ଡର ଶିକ୍ଷା ଏବଂ ଶିଶୁ ବ୍ୟାପାର ମନ୍ତ୍ରୀ ଆସ୍ଥିଲଦୁର ଲୋଆ ଥୋର୍ସଦୋତିର(୫୮) ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହା ପୂର୍ବରୁ ଏକ ସାକ୍ଷାତ୍‌କାରରେ ଏହି ମହିଳା ମନ୍ତ୍ରୀ ତାଙ୍କର ଜଣେ ଗୁପ୍ତ ସନ୍ତାନ ଥିବା ପ୍ରଘଟ କରିଥିଲେ। ୩୬ ବର୍ଷ ତଳେ ଯେତେବେଳେ ସେ ୨୨ ବର୍ଷର ହୋଇଥିଲେ, ସେତେବେଳେ ଜଣେ ୧୫ ବର୍ଷୀୟ ବାଳକଙ୍କ ସହ ଯୌନ ସମ୍ପର୍କ ରଖିଥିଲେ । ବର୍ଷେ ପରେ ତାଙ୍କର ଏକ ପିଲା ହୋଇଥିଲା। ଆଇସ୍‌ଲାଣ୍ଡରେ ଏଭଳି ସମ୍ପର୍କ ବେଆଇନ ହୋଇଥିବାରୁ ବିରୋଧୀ ଦଳ ପକ୍ଷରୁ ଆସ୍ଥିଲଦୁରଙ୍କୁ ଟାର୍ଗେଟ କରାଯାଇଥିଲା। ଫଳରେ ସେ ଶନିବାର ଇସ୍ତଫା ଦେଇଛନ୍ତି।

### ଲେବାନନ୍ ଆକ୍ରମଣର କଡ଼ା ଜବାବ ଦିଆଯିବ: ଇସ୍ରାଏଲ୍

**ବେରୁଟ୍, ୨୨।୩**

ଗାଜାରେ ଇସ୍ରାଏଲୀ ସେନା ଆକ୍ରମଣକୁ ଜୋର୍‌ଦାର କରିବା ପରେ ଶନିବାର ସକାଳେ ଲେବାନନ୍‌ରୁ ଉତ୍ତର ଇସ୍ରାଏଲ୍‌ରେ ରକେଟ ମାଡ଼ କରାଯାଇଥିଲା। ଏହାର କଠୋର ଜବାବ ଦିଆଯିବ ବୋଲି ଇସ୍ରାଏଲ୍ ଚେତାବନୀ ଦେଇଛି। ଇସ୍ରାଏଲ୍‌ର ମେଟୁଲା ସହରକୁ ଟାର୍ଗେଟ କରି ଛଡ଼ାଯାଇଥିବା ରକେଟଗୁଡ଼ିକୁ ପ୍ରତିହତ କରାଯାଇଛି। ଇସ୍ରାଏଲ୍‌ର ଆକ୍ରମଣ ଦେଶକୁ ଏକ ନୂଆ ଯୁଦ୍ଧ ଆଡ଼କୁ ନେଇଯିବ ବୋଲି ଲେବାନନ୍ ପ୍ରଧାନମନ୍ତ୍ରୀ ନୱାଫ୍ ସଲାମ୍ କହିଛନ୍ତି। ରକେଟ ମାଡ଼ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।

# ବ୍ୟାଙ୍କ ଠକେଇ ସିବିଆଇ ଏତଲାରେ ବର୍ମାଙ୍କ ନାଁ ଥିଲା

**ନୂଆଦିଲ୍ଲୀ, ୨୨।୩**

### ବିଚାରପତିଙ୍କ ଘରୁ ୧୫ କୋଟି ମିଳିବା ଘଟଣା


ଜଷ୍ଟିସ୍ ଯଶୱନ୍ତ ବର୍ମା

## ତଦନ୍ତ କରିବ ୩ ଜଣିଆ ବିଚାରପତି କମିଟି

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ଲୁଟିଏନ୍ସସ୍ଥିତ ସରକାରୀ ବାସଭବନରେ ଗତ ୧୪ ତାରିଖ ରାତିରେ ନିଆଁ ଲାଗିବାରୁ ଏହାକୁ ଲିଭାଇବା ପାଇଁ ଆସିଥିବା ଦମକଳ କର୍ମଚାରୀମାନେ ଷ୍ଟୋର୍ ରୁମ୍‌ରୁ ୧୫ କୋଟି ଟଙ୍କା ପାଇଥିଲେ। ଏନେଇ ଥାନାରେ ରିପୋର୍ଟ କରାଯିବା ସହ ସିଜେଆଇ ସଞ୍ଜୀବ ଖାନ୍ନାଙ୍କୁ ଅବଗତ କରାଯାଇଥିଲା। ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଡି.କେ. ଉପାଧ୍ୟାୟ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନାଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ମାମଲାର ତଦନ୍ତ ପାଇଁ ସେ ଏକ ୩ ଜଣିଆ ବିଚାରପତି କମିଟି ଗଠନ କରିଛନ୍ତି। ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଶୀଲ ନାଗୁଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ହିମାଚଳପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଜି.ଏସ୍. ସନ୍ଧାୱାଲିଆ ଏବଂ କର୍ନାଟକ ହାଇକୋର୍ଟ ବିଚାରପତି ଅନୁ ଶିବରାମନ ରହିଛନ୍ତି।

୨୦୧୮ର ଏକ ଚିନିକଳ ବ୍ୟାଙ୍କ ଜାଲିଆତି ମାମଲା ସହ ଜଡ଼ିତ ସିବିଆଇ ଏତଲାରେ ଯଶୱନ୍ତ ବର୍ମାଙ୍କ ନାଁ ଥିଲା। ସିବିଆଇ ପକ୍ଷରୁ ସିମ୍ଭାଓଲି ସୁଗାର ମିଲ୍ସ, ଏହାର ନିର୍ଦ୍ଦେଶକ ଓ ଅନ୍ୟମାନଙ୍କ ସମେତ ଯଶୱନ୍ତ ବର୍ମାଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ବର୍ମା ସେତେବେଳେ ଉକ୍ତ କମ୍ପାନୀର ଅଣକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରହିଥିଲେ। ଉକ୍ତ ଚିନିକଳ ଏକ ଜାଲିଆତି ଋଣ ଯୋଜନାରେ ସମ୍ପୃକ୍ତ ଥିବା ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ (ଓବିସି) ପକ୍ଷରୁ ଅଭିଯୋଗ ପରେ ମାମଲା ରୁଜୁ ହୋଇଥିଲା। ବ୍ୟାଙ୍କ ଅଭିଯୋଗ ଅନୁଯାୟୀ, ସାର ଓ ମଞ୍ଜି କିଣିବା ପାଇଁ ୫,୭୬୨ ଚାଷୀଙ୍କୁ ଓବିସିର ହାପୁର ଶାଖା ପକ୍ଷରୁ ୨୦୧୨ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ୧୪୮.୫୯ କୋଟି ଟଙ୍କା ଋଣ ଦିଆଯାଇଥିଲା। ଚୁକ୍ତିନାମା ଅନୁଯାୟୀ, ଚାଷୀଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ଯିବା ପୂର୍ବରୁ ଏକ ଥାର୍ଡପାର୍ଟି ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ସିମ୍ଭାଓଲି ସୁଗାର ମିଲ୍ ଋଣ ପରିଶୋଧ କରିବ ବୋଲି ଗ୍ୟାରେଣ୍ଟି ଦେଇଥିଲା। ତେବେ କମ୍ପାନୀ ଜାଲ୍ କେୱାଇସି କାଗଜପତ୍ର ଦେଇ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଋଣରେ ଜାଲିଆତି ହୋଇଥିବା ୨୦୧୫ ମାର୍ଚ୍ଚରେ ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଋଣ ଅର୍ଥରୁ ୯୭.୮୫ କୋଟି କ୍ଷତି ହୋଇଥିବାବେଳେ ୧୦୯.୦୮ କୋଟି ବକେୟା ଥିଲା। କମ୍ପାନୀର ଉପପରିଚାଳନା ନିର୍ଦ୍ଦେଶକ ତଥା ତତ୍କାଳୀନ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ଜ୍ୱାଇଁ ଗୁରପାଲ ସିଂଙ୍କ ବିରୋଧରେ ମଧ୍ୟ ଏତଲା ହୋଇଥିଲା। ପରେ ସିବିଆଇ ଏତଲା ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରିଥିଲା। ଋଣ ଜାଲିଆତି ସହ ସମ୍ପୃକ୍ତ ୭ଟି ବ୍ୟାଙ୍କର ସାନି ସିବିଆଇ ତଦନ୍ତ ପାଇଁ ୨୦୨୩ରେ ଆଲ୍ଲାହାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଋଣ ଜାଲିଆତିରେ ସୁଗାର ମିଲ୍ସ ସହ ଅନେକ ବ୍ୟାଙ୍କ ଅଧିକାରୀ ସମ୍ପୃକ୍ତ ଥିବା କୋର୍ଟ ଜାଣିବାକୁ ପାଇଥିଲେ। ୨୦୨୪ ମାର୍ଚ୍ଚରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରି ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟ ଉପରେ ସ୍ଥଗିତାଦେଶ ଲଗାଇଥିଲେ।

### ବିଚାରପତିଙ୍କ ଘରୁ ଟଙ୍କା ମିଳିନି କଦାପି କହିନାହିଁ: ଅଗ୍ନିଶମ ମୁଖ୍ୟ

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କ ବାସଭବନରେ ନିଆଁ ଲିଭାଇବା ବେଳେ ଟଙ୍କା ମିଳିନାହିଁ ବୋଲି କହିଥିବା ଖବରକୁ ଦିଲ୍ଲୀ ଅଗ୍ନିଶମ ବିଭାଗ ମୁଖ୍ୟ ଅତୁଲ ଗର୍ଗ ଖଣ୍ଡନ କରିଛନ୍ତି। ନିଆଁ ଲିଭାଇବା ବେଳେ ଦମକଳ କର୍ମଚାରୀ ଟଙ୍କା ପାଇନାହାନ୍ତି ବୋଲି ଗର୍ଗ କହିଥିବା କେତେକ ଗଣମାଧ୍ୟମ ଏବଂ ଏକ ନ୍ୟୁଜ୍ ଏଜେନ୍ସି ପ୍ରକାଶ କରିଥିଲେ। ଫଳରେ ଗର୍ଗ ସ୍ପଷ୍ଟୀକରଣ ଦେଇ ଟଙ୍କା ମିଳି ନ ଥିବା କହିଥିବା ଖବରକୁ ଖଣ୍ଡନ କରିଛନ୍ତି।

### ମଣିପୁରରେ ସୁପ୍ରିମକୋର୍ଟ ବିଚାରପତିଙ୍କ ପ୍ରତିନିଧି ଦଳ

**ଶାନ୍ତି ଫେରାଇ ଆଣିବାକୁ ଆହ୍ୱାନ**

**ଇମ୍ଫାଲ, ୨୨।୩**

ସୁପ୍ରିମକୋର୍ଟ ବିଚାରପତିଙ୍କ ଏକ ଟିମ୍ ଶନିବାର ମଣିପୁର ଗସ୍ତ କରିଛି। ଚୁରାଚାନ୍ଦପୁର ଜିଲାରେ ସୁପ୍ରିମକୋର୍ଟ ଜଜ୍ ଜଷ୍ଟିସ୍ ବି. ଆର୍. ଗଭାଇଙ୍କ ନେତୃତ୍ୱରେ ୬ ଜଣିଆ ପ୍ରତିନିଧି ଦଳ ଜାତିଆଣ ହିଂସାରେ ବିସ୍ଥାପିତ ଲୋକଙ୍କୁ ଭେଟି ସ୍ଥିତି ଅନୁଧ୍ୟାନ କରିଛି। ପ୍ରତିନିଧି ଦଳରେ ଥିବା ଜଷ୍ଟିସ କୋଟିଶ୍ୱର ସିଂ ମେତେଇ ସମୁଦାୟର ହୋଇଥିବାରୁ ଚୁରାଚାନ୍ଦପୁର ଜିଲାକୁ ଗସ୍ତ କରି ନ ଥିଲେ। ଶାନ୍ତି ଭଙ୍ଗ ନ ହେଉ ସେଥିପାଇଁ ସେ ଚୁରାଚାନ୍ଦପୁର ଗସ୍ତ କରିନାହାନ୍ତି ବୋଲି ଜଷ୍ଟିସ୍ କୋଟିଶ୍ୱର କହିଛନ୍ତି। ମଣିପୁରରେ ଶାନ୍ତି ଏବଂ ସଦ୍‌ଭାବ ଫେରାଇ ଆଣିବାକୁ ରାଜ୍ୟବାସୀ ମିଳିତ ଭାବେ ପ୍ରୟାସ କରନ୍ତୁ ବୋଲି ଜଷ୍ଟିସ୍ ବି. ଆର୍. ଗଭାଇ କହିଛନ୍ତି। ତେବେ ସୁପ୍ରିମକୋର୍ଟ ଜଜ୍‌ଙ୍କ ପ୍ରତିନିଧି ଦଳର ମଣିପୁର ଗସ୍ତକୁ ନେଇ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରାଯାଇଛି। ସୁପ୍ରିମକୋର୍ଟ ଜଜ୍‌ଙ୍କ ମଣିପୁର ଗସ୍ତକୁ ପ୍ରଶଂସା କରି ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଏବେଯାଏ ପ୍ରଧାନମନ୍ତ୍ରୀ ମଣିପୁର ଗସ୍ତ କରିନାହାନ୍ତି, ଯାହା ଦୁର୍ଭାଗ୍ୟଜନକ।



କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଲୋକ ସଭା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣକୁ ବିରୋଧ କରି ଶନିବାର ଚେନ୍ନାଇରେ ବସିଥିବା ପ୍ରଥମ ମିଳିତ କ୍ରିୟାନୁଷ୍ଠାନ କମିଟି (ଜେଏସି) ବୈଠକରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍, କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ପ୍ରମୁଖ ଯୋଗ ଦେଇଛନ୍ତି।

## ୫ ଲକ୍ଷ ଆପ୍ରବାସୀଙ୍କ ଲିଗାଲ ଷ୍ଟାଟସ୍ ରଦ୍ଦକଲା ଆମେରିକା

**ୱାଶିଂଟନ, ୨୨।୩**

**ତୁରନ୍ତ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ**

ଆମେରିକା ସରକାର ଶୁକ୍ରବାର ୫ ଲକ୍ଷରୁ ଊର୍ଦ୍ଧ୍ୱ ଆପ୍ରବାସୀଙ୍କ ଆଇନଗତ ସ୍ଥିତିକୁ ରଦ୍ଦ କରିଛନ୍ତି। ସେମାନଙ୍କୁ ଆଗାମୀ କିଛି ସପ୍ତାହ ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ଏହି ନିଷ୍ପତ୍ତି ଫଳରେ କ୍ୟୁବା, ହାଇତି, ନିକାରାଗୁଆ, ଏବଂ ଭେନେଜୁଏଲାର ୫,୩୨,୦୦୦ ଲୋକ ପ୍ରଭାବିତ ହେବେ। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍ ୨୦୨୨ ଅକ୍ଟୋବରରେ ଆରମ୍ଭ କରିଥିବା ସିଏଚ୍‌ଏନ୍‌ଭି ଯୋଜନାରେ ସେମାନେ ଆମେରିକା ଆସିଥିଲେ। ଆମେରିକା ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗର ନିର୍ଦ୍ଦେଶନାମା ସଂଘୀୟ ରେଜିଷ୍ଟରରେ ପ୍ରକାଶ ପାଇବାର ୩୦ ଦିନ ପରେ ସେମାନେ ଆଇନଗତ ସୁରକ୍ଷା ହରାଇବେ। ଫଳରେ ସେମାନଙ୍କୁ ଏପ୍ରିଲ ୨୪ ସୁଦ୍ଧା ଆମେରିକା ଛାଡ଼ିବାକୁ ପଡ଼ିବ। ବାଇଡେନ୍ ଆରମ୍ଭ କରିଥିବା ଯୋଜନା ଅସ୍ଥାୟୀ ଥିଲା ବୋଲି ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ କହିଛି। ଆମେରିକା ଇତିହାସରେ ସର୍ବବୃହତ୍ ବହିଷ୍କାର ଅଭିଯାନ କାର୍ଯ୍ୟକାରୀ କରିବା ଏବଂ ବିଶେଷ କରି ଦକ୍ଷିଣ ଆମେରିକୀୟ ରାଷ୍ଟ୍ରଗୁଡ଼ିକରୁ ଆପ୍ରବାସନ ବନ୍ଦ ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିଶ୍ରୁତିବଦ୍ଧ ବୋଲି ତାଙ୍କ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଧମକ ଦେଲେ ଫଡ୍‌ନବିସ

**ନାଗପୁର, ୨୨।୩(ପି.ଟି.)**


ଦେବେନ୍ଦ୍ର ଫଡ୍‌ନବିସ

**ନାଗପୁର ହିଂସା କ୍ଷୟକ୍ଷତି ଦଙ୍ଗାକାରୀଙ୍କଠାରୁ ଭରଣା କରାଯିବ**

ମୋଗଲ ସମ୍ରାଟ୍ ଔରଙ୍ଗଜେବ୍‌ଙ୍କ କବରସ୍ଥଳକୁ ନେଇ ବିବାଦରୁ ନାଗପୁରରେ ଘଟିଥିବା ସାମ୍ପ୍ରଦାୟିକ ହିଂସ ଘଟଣାର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଶନିବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ହିଂସାକାଣ୍ଡରେ ହୋଇଥିବା କ୍ଷୟକ୍ଷତି ଦଙ୍ଗାକାରୀମାନଙ୍କଠାରୁ ଆଦାୟ କରାଯିବ ବୋଲି ବୈଠକ ପରେ ଫଡ୍‌ନବିସ ଗଣମାଧ୍ୟମକୁ କହିଛନ୍ତି। ସେମାନେ ଯଦି କ୍ଷତି ଭରଣା ନ କରନ୍ତି, ତେବେ ସେମାନଙ୍କ ସମ୍ପତ୍ତି ଜବତ କରାଯାଇ ବିକ୍ରିକରି କ୍ଷତି ଭରଣା କରାଯିବ। ହିଂସା ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ ଉତ୍ତରପ୍ରଦେଶ ଷ୍ଟାଇଲ୍‌ର କାର୍ଯ୍ୟାନୁଷ୍ଠାନ ହେବ କି ବୋଲି ପ୍ରଶ୍ନ ହେବାରୁ ସେ କହିଥିଲେ, ଆବଶ୍ୟକ ହେଲେ ବୁଲ୍‌ଡୋଜର ଚାଲିବ ବୋଲି ଫଡ୍‌ନବିସ କହିଛନ୍ତି। ଆନ୍ଦୋଳନ ବେଳେ ପୋଲିସ ଉପରେ ଆକ୍ରମଣ କରିଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। କୌଣସି ଅପରାଧୀଙ୍କୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଦେଇଛନ୍ତି।

ଛତ୍ରପତି ସମ୍ଭାଜୀନଗରରେ ଔରଙ୍ଗଜେବ୍‌ଙ୍କ କବରସ୍ଥଳ ହଟାଇବା ଦାବିରେ ଗତ ୧୭ ତାରିଖରେ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ ଚାଲିଥିବାବେଳେ ମୁସଲମାନଙ୍କ ଧର୍ମୀୟ ପୁସ୍ତକର ପୃଷ୍ଠା ପୋଡ଼ିଦିଆଯାଇଥିବା ଗୁଜବ ପ୍ରଚାରରୁ ହିଂସାକାଣ୍ଡ ଘଟିଥିଲା। ଦଙ୍ଗାକାରୀମାନେ ଟେକାମାଡ଼ କରିବା ସହ କେତେକ ଗାଡ଼ି ଓ ଘର ପୋଡ଼ି ଦେଇଥିଲେ। ହିଂସାରେ ୩୩ ପୋଲିସ ଆହତ ହୋଇଥିଲେ। ସିସିଟିଭି ଫୁଟେଜ୍ ଏବଂ ଭିଡିଓ ରେକର୍ଡିଂରୁ ହିଂସାକାଣ୍ଡରେ ସମ୍ପୃକ୍ତ ଥିବା ୧୦୪ ଜଣଙ୍କୁ ଚିହ୍ନଟ କରାଯାଇଛି। ଆଇନ ଅନୁଯାୟୀ ୧୨ ନାବାଳକଙ୍କ ସମେତ ୯୨ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

## ୧୮ ମାସ ପରେ ଘରକୁ ଫେରିଲେ 'ମୃତ' ମହିଳା

**ଭୋପାଳ, ୨୨।୩**


ଲଳିତା ବାଇ

**ହତ୍ୟା ଅଭିଯୋଗରେ ୪ ଜଣ ଜେଲରେ ଦଣ୍ଡ ଭୋଗୁଛନ୍ତି**

ମଧ୍ୟପ୍ରଦେଶର ମନ୍ଦସୌର ଜିଲା ଗାନ୍ଧୀସାଗର ଥାନା ଅଞ୍ଚଳର ନାୱଲୀ ଗ୍ରାମ ନିବାସୀ ଲଳିତା ବାଈଙ୍କୁ ଦେଢ଼ ବର୍ଷ ତଳେ ମୃତ ଘୋଷିତ କରାଯାଇଥିଲା। ପରିବାର ପକ୍ଷରୁ ତାଙ୍କର ଅନ୍ତିମ ସଂସ୍କାର ମଧ୍ୟ କରାଯାଇଥିଲା। ତେବେ ଶନିବାର ଲଳିତା ପୁଣିଥରେ ନିଜ ଘରକୁ ଫେରି ଆସିଛନ୍ତି, ଯାହା ତାଙ୍କ ପରିବାର, ଗ୍ରାମବାସୀ, ସ୍ଥାନୀୟ ଲୋକ ଏବଂ ପୋଲିସକୁ ଆଶ୍ଚର୍ଯ୍ୟ କରିଛି। ଲଳିତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ସମ୍ପ୍ରତି ୪ ଜଣ ଝାବୁଆ ଜିଲାର ଥାନ୍ଦଲା ଜେଲରେ ଦଣ୍ଡ ଭୋଗୁଛନ୍ତି।

ଶନିବାର ଲଳିତା ହଠାତ ଆସି ତାଙ୍କ ଘରେ ପହଞ୍ଚିଥିଲେ। ଫଳରେ ତାଙ୍କ ବାପା ରମେଶ ନାନୁରାମ ବାଞ୍ଛଡ଼ା ତୁରନ୍ତ ତାଙ୍କୁ ଗାନ୍ଧୀସାଗର ଥାନାକୁ ନେଇଯାଇ ଲଳିତା ଜୀବିତ ଥିବା ନେଇ ସୂଚନା ଦେଇଥିଲେ। ଘଟଣାକୁ ନେଇ ଗାନ୍ଧୀ ସାଗର ଥାନା ଏସ୍‌ଆଇ ତରୁଣା ଭରଦ୍ୱାଜ କହିଛନ୍ତି, ଲଳିତା ପୋଲିସକୁ ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ମନସୌର ଜିଲା ଭାନପୁରା ଗ୍ରାମର ଶାହରୁଖ ନାମକ ଜଣେ ଯୁବକ ଲଳିତାଙ୍କୁ ୨୦୨୩ ଅଗଷ୍ଟରେ ଅପହରଣ କରି ରାଜସ୍ଥାନର କୋଟାକୁ ନେଇ ଯାଇଥିଲେ। ଏହାର ୨ ଦିନ ପରେ ଶାହରୁଖ ୫ ଲକ୍ଷ ଟଙ୍କାରେ ଲଳିତାଙ୍କୁ ଆଉ ଜଣେ ବ୍ୟକ୍ତିଙ୍କ ନିକଟରେ ବିକ୍ରି କରି ଦେଇଥିଲେ। କୋଟାରେ ତାଙ୍କୁ ନିର୍ଯ୍ୟାତନା ଦିଆଯାଉଥିବା କହିବା ସହ ସେଠାରୁ ସେ ଖସି ପଳାଇ ଆସିବାକୁ ସକ୍ଷମ ହୋଇଛନ୍ତି ବୋଲି ଲଳିତା ପୋଲିସ ସମ୍ମୁଖରେ ପ୍ରକାଶ କରିଛନ୍ତି। ଲଳିତାଙ୍କ ୨ ପିଲା ଥିବା ବେଳେ ତାଙ୍କ ପ୍ରତ୍ୟାବର୍ତ୍ତନ ପରେ ଘରେ ଏବେ ଖୁସିର ମାହୋଲ ରହିଛି ବୋଲି ତାଙ୍କ ବାପା ରମେଶ କହିଛନ୍ତି। ଲଳିତା ଅପହୃତ ହେବା ପରେ ରମେଶ ଥାନାରେ ଅଭିଯୋଗ କରିଥିଲେ। ତେବେ ୨୦୨୩ ସେପ୍ଟେମ୍ବରରେ ଝାବୁଆ ଅଞ୍ଚଳରେ ହୋଇଥିବା ଏକ ହତ୍ୟାକାଣ୍ଡରେ ପୋଲିସ ଜଣେ ମହିଳାଙ୍କ ମୃତଦେହକୁ ଜବତ କରିଥିଲା। ଗାନ୍ଧୀସାଗର ଥାନାରେ ରମେଶ ଉକ୍ତ ମୃତଦେହକୁ ଦେଖିଥିଲେ। ମୃତ ମହିଳାଙ୍କ ଶରୀରରେ ଲଳିତା ନାମରେ ଏକ ଟାଟୁ ଥିଲା ଏବଂ ତାଙ୍କ ଗୋଡ଼ରେ ଏକ କଳା ସୂତା ବନ୍ଧା ହୋଇଥିଲା, ଯାହାଫଳରେ ଏହା ତାଙ୍କ ଝିଅର ମୃତଦେହ ବୋଲି ରମେଶ ଅନୁମାନ କରିଥିଲେ। ଏହାପରେ ସେ ଉକ୍ତ ମୃତଦେହର ଅନ୍ତିମ ସଂସ୍କାର କରିଥିଲେ ଏବଂ ଲଳିତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ତୁରନ୍ତ ଇମ୍ରାନ, ଶାହରୁଖ, ସୋନୁ ଏବଂ ଏଜାଜ ନାମକ ୪ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ସେବେଠାରୁ ଏହି ୪ ବ୍ୟକ୍ତି ଜେଲରେ ଦଣ୍ଡ ଭୋଗୁଛନ୍ତି।

## ପାଣିପାଗର ଠିକ୍ ପୂର୍ବାନୁମାନ ବିପର୍ଯ୍ୟୟ କ୍ଷୟକ୍ଷତି ରୋକିପାରିବ



**ଆଜି ବିଶ୍ୱ ପାଣିପାଗ ବିଜ୍ଞାନ ଦିବସ**

ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍‌ଓ) ପ୍ରତିଷ୍ଠାର ୭୫ ତମ ବାର୍ଷିକୀ ପାଳନ ଅବସରରେ ରବିବାର ବିଶ୍ୱ ପାଣିପାଗ ବିଜ୍ଞାନ ଦିବସ ପାଳନ କରାଯିବ। ଚଳିତବର୍ଷର ବିଷୟବସ୍ତୁ ରହିଛି 'କ୍ଲୋଜିଂ ଦ ଅର୍ଲି ୱାର୍ନିଂ ଗ୍ୟାପ୍ ଟୁଗେଦର'। ଜଳବାୟୁ ପରିବର୍ତ୍ତନ ଦ୍ୱାରା ହେଉଥିବା ବିପର୍ଯ୍ୟୟ ସମ୍ପର୍କିତ ପୂର୍ବାନୁମାନ ଓ ମୁକାବିଲା ମଧ୍ୟରେ ଥିବା ବ୍ୟବଧାନ ଦୂର କରିବା ଦିଗରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ ରହିଛି। ପରିବର୍ତ୍ତିତ ଜଳବାୟୁ ଦ୍ୱାରା ଋତୁ ଅନୁସାରେ ଖରା, ବର୍ଷା କିମ୍ବା ଶୀତ ହେଉନାହିଁ। ଅସ୍ୱାଭାବିକ ପାଣିପାଗ ଅନୁଭୂତ ହେଉଥିବାବେଳେ ଏହାର ମୁକାବିଲା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ପ୍ରଶାସନ ଏବଂ ବିପର୍ଯ୍ୟୟ ପରିଚାଳନା ସଂଗଠନ ଜନସଚେତନତା ସୃଷ୍ଟି ପାଇଁ ମିଳିତ ଭାବେ ଉଦ୍ୟମ କରିବା ଦରକାର। ଏନେଇ ଭାରତୀୟ ପାଣିପାଗ ବିଭାଗର ବିଶେଷଜ୍ଞ ଉମାଶଙ୍କର ଦାସ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଆମ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ପାଣିପାଗ ବିଜ୍ଞାନ କେନ୍ଦ୍ର ଶୀଘ୍ର ଓ ଠିକ୍ ସୂଚନା ପ୍ରଦାନ କଲେ, ତାହା ବିପର୍ଯ୍ୟୟ କ୍ଷୟକ୍ଷତି ରୋକିବାରେ ବିଶେଷ ସହାୟକ ହୋଇପାରିବେ। ଓଡ଼ିଶା କଥା ବିଚାରକୁ ନେଲେ, ପଣା ସଂକ୍ରାନ୍ତି ବା ବିଷୁବ ସଂକ୍ରାନ୍ତି ପରେ ବିଭିନ୍ନ ସ୍ଥାନରେ ଜଳଛତ୍ର ଆଦି ଖୋଲାଯାଇଥାଏ, ଯାହାକି ପ୍ରାୟତଃ ଏପ୍ରିଲ ମାସ ଅଧାରେ ପଡ଼ିଥାଏ। ତେବେ ବର୍ତ୍ତମାନ ଜଳବାୟୁ କାରଣରୁ ମାର୍ଚ୍ଚ ମାସରୁ ଏପ୍ରିଲ ଭଳି ଖରା ହେଉଛି। ଯଦି ଏନେଇ ଆବଶ୍ୟକ ମୁତାବକ ଜନସଚେତନତା ସୃଷ୍ଟି ହୋଇଥା'ନ୍ତା, ତେବେ ବର୍ତ୍ତମାନ ଜଳଛତ୍ର ଖୋଲାଯାଇ ସାରିଥା'ନ୍ତା। ସେହିପରି ବିଜୁଳି ଓ ଘଡ଼ଘଡ଼ିରେ ଓଡ଼ିଶାରେ ରେକର୍ଡ ସଂଖ୍ୟକ ମୃତ୍ୟୁ ଘଟୁଛି। ଯଦି କେଉଁସ୍ଥାନରେ ଓ କେଉଁ ସମୟରେ ଘଡ଼ଘଡ଼ି ବା ବିଜୁଳିର ସମ୍ଭାବନା ରହିଛି, ତାହାର ଠିକ୍ ଆକଳନ ସହ ସେହି ସୂଚନା ଲୋକଙ୍କ ପାଖରେ ପହଞ୍ଚିପାରନ୍ତା, ତେବେ ଉକ୍ତ ସମୟରେ ଲୋକମାନେ ନିଜକୁ ସୁରକ୍ଷିତ ସ୍ଥାନରେ ରଖିପାରନ୍ତେ। ପୂର୍ବାପେକ୍ଷା ଏସବୁ ପ୍ରକ୍ରିୟାରେ ଅନେକ ପରିବର୍ତ୍ତନ ଆସିଛି। ମାତ୍ର ନୂତନ ଜ୍ଞାନ କୌଶଳ ପ୍ରୟୋଗରେ ଏହାକୁ ଆହୁରି ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି। ଦେଶରେ ୧୨୬ଟି ରାଡାର ସ୍ଥାପନ ହେବାକୁ ଥିବାବେଳେ ଓଡ଼ିଶାରେ ୫ଟି ରାଡାର ରହିବ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨ଟି ରାଡ଼ାର କାର୍ଯ୍ୟ କରୁଥିବାବେଳେ ଅନ୍ୟ ୩ ରାଡାର ସ୍ଥାପନ ଦ୍ୱାରା ପାଣିପାଗ ଆକଳନ ଆହୁରି ସଠିକ୍ ହୋଇପାରିବ। ତେବେ ଲୋକଙ୍କ ପାଖରେ ଠିକ୍ ସୂଚନା ଶୀଘ୍ର ପହଞ୍ଚାଇବା ପାଇଁ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି।

**–ଅନୁରାଧା ମହାରଣା, ଭୁବନେଶ୍ୱର**

**ଫୁରସତ୍**

## ଜାଲିଆନାୱାଲାବାଗ୍ ନରସଂହାରକୁ ନେଇ 'କେଶରୀ ଚାପ୍ଟର-୨'

**ମୁମ୍ବାଇ**


ଅକ୍ଷୟ କୁମାର

ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଆଗାମୀ ଫିଲ୍ମ 'କେଶରୀ ଚାପ୍ଟର-୨: ଦି ଅନଟୋଲ୍ଡ ଷ୍ଟୋରି ଅଫ୍ ଜଲିଆନାୱାଲାବାଗ୍'ର ରିଲିଜ୍ ତାରିଖ ଉପରୁ ପରଦା ହଟିଛି। ଆସନ୍ତା ମାସ ୧୮ ତାରିଖରେ ଏହି ଫିଲ୍ମ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଏନେଇ ଫିଲ୍ମ ନିର୍ମାତା କରନ୍ ଜୋହର ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି। କ୍ୟାପ୍‌ଶନରେ ସେ ଲେଖିଛନ୍ତି, କିଛି ଯୁଦ୍ଧରେ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଏ ନାହିଁ। ମାର୍ଚ୍ଚ ୨୪ରେ 'କେଶରୀ ଚାପ୍ଟର-୨'ର ଟିଜର ଏବଂ ଏପ୍ରିଲ୍ ୧୮ରେ ଏହି ଫିଲ୍ମ ରିଲିଜ୍ ହେବ। 'କେଶରୀ ଚାପ୍ଟର-୨' ଫିଲ୍ମରେ ଅକ୍ଷୟଙ୍କ ସହ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଓ ଅଭିନେତା ଆର୍ ମାଧବନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ରଘୁ ପାଲଟ ଏବଂ ପୁଷ୍ପା ପାଲଟଙ୍କ ପୁସ୍ତକ 'ଦି କେସ୍ ଦାଟ୍ ସୁକ୍ ଦି ଏମ୍ପାୟର'କୁ ନେଇ ଏହି ଫିଲ୍ମ ଆଧାରିତ। ଜାଲିଆନାୱାଲାବାଗ ନରସଂହାରର ସତ୍ୟତାକୁ ପ୍ରକାଶ କରିବା ପାଇଁ ବ୍ରିଟିଶ୍‌ରାଜ୍ ବିରୋଧରେ ଲଢେଇ କରିଥିବା ବାରିଷ୍ଟର ସି ଶଙ୍କରନ୍ ନାୟାରଙ୍କ ଜୀବନ କାହାଣୀକୁ ନେଇ ଏହି ଫିଲ୍ମ ପର୍ଯ୍ୟବସିତ ରହିଛି। ପୂର୍ବରୁ ମାର୍ଚ୍ଚ ୧୪ରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ କୌଣସି କାରଣବଶତଃ ଉକ୍ତ ରିଲିଜ୍ ତାରିଖକୁ ସ୍ଥଗିତ ରଖାଯାଇଥିଲା। କରନ ଜୋହରଙ୍କ ଧର୍ମା ପ୍ରଡକ୍ସନ ଦ୍ୱାରା ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା କରନ୍ ସିଂ ତ୍ୟାଗୀ ଦେଇଛନ୍ତି।

# ପ୍ରଥମ ବିମାନଯାତ୍ରା



**ଦୂର ସ୍ଥାନ ଯାତ୍ରା କରିବାକୁ ଅଧିକାଂଶ ଯୁବପିଢ଼ିଙ୍କୁ ବେଶ୍ ପସନ୍ଦ। ଆଉ ଯଦି ଏହି ଯାତ୍ରାର ସୁଯୋଗ ମିଳେ ଏରୋପ୍ଲେନ୍‌ରେ ତେବେ ଖୁସି କହିଲେ ନ ସରେ। ବିଶେଷକରି ପ୍ରଥମଥର ବିମାନଯାତ୍ରାର ଅନୁଭୂତି କାହାପାଇଁ ଥାଏ ବେଶ୍ ରୋମାଞ୍ଚକର ତ ଆଉ କାହାପାଇଁ ଥାଏ ଭୟପୂର୍ଣ୍ଣ...**

ପାଠପଢ଼ା, ଜବ୍ କିମ୍ବା ବୁଲିବା ଲାଗି ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ବାହାରକୁ ଯାଉଥିବା ଦେଖିବାକୁ ମିଳୁଛି। ଯେଉଁଥିପାଇଁ ଅନେକେ ଫ୍ଲାଇଟ୍‌ରେ ଯିବାକୁ ଅଧିକ ପସନ୍ଦ କରୁଛନ୍ତି। ତେବେ ପ୍ରଥମଥର ଏଥିରେ ଯାତ୍ରା କରିବା କେତେକଙ୍କ ପାଇଁ ଉତ୍ସାହପୂର୍ଣ୍ଣ ହୋଇଥିବା ବେଳେ କେହି କେହି ଏହାକୁ ନେଇ ଭୟ ମଧ୍ୟ କରିଥାନ୍ତି। ତେଣୁ ନିଜ ପ୍ରଥମ ଯାତ୍ରାର ଭରପୁର ମଜା ନେବା ସହ ଏହାକୁ ସୁରକ୍ଷିତ କରିବା ଲାଗି କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ...

■ ପ୍ରଥମ ଥର ଏରୋପ୍ଲେନ୍‌ରେ ଯାତ୍ରା କରିବା ସମୟରେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସର୍ବପ୍ରଥମେ ବାହାରିବା ପୂର୍ବରୁ ସମସ୍ତ କାଗଜପତ୍ର ଯଥା: ଟିକେଟ୍, ପାସ୍‌ପୋର୍ଟ ଆଦି ସାଙ୍ଗରେ ନିଅନ୍ତୁ।

■ ଫ୍ଲାଇଟ୍ ଟେକ୍‌ଅପ୍‌ର ଠିକ୍ ସମୟ ଜାଣନ୍ତୁ। ଏହି ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିଯିବି ଭାବି ବିଳମ୍ବ କରନ୍ତୁନି କିମ୍ବା ତରତର ହୋଇ ବାହାରନ୍ତୁ ନାହିଁ। ବରଂ ହାତରେ ଯଥେଷ୍ଟ ସମୟ ରଖି ବାହାରନ୍ତୁ। ଏହାଦ୍ୱାରା ଆପଣ ଠିକ୍ ସମୟରେ ପହଞ୍ଚିପାରିବେ ଏବଂ ଏୟାରପୋର୍ଟ ସିକ୍ୟୁରିଟି ଚେକ୍ ଲାଗି ଅଧିକ ସମୟ ଲାଗିଲେ ବି ପ୍ଲେନ୍ ମିସ୍ ହେବ ନାହିଁ।

■ ଯଦି ପ୍ରଥମ ଥର ଅଧିକ ଦୂର ଟ୍ରାଭେଲ କରୁଛନ୍ତି ତେବେ ସାଙ୍ଗରେ ଏକ ସ୍ଲିପ୍ ଟ୍ରାଭେଲ୍ କିଟ୍ ନେଇଯିବା ଭଲ।

■ ଏରୋପ୍ଲେନ୍ ଭିତରେ ଅଧିକ ସମୟ ବସିବା ପରେ ନାସାରନ୍ଧ୍ର ଶୁଖିଯିବା ସମସ୍ୟା ଦେଖାଦିଏ। କେତେକଙ୍କଠାରେ ରକ୍ତଚାପ ବଢ଼ିବା ସମସ୍ୟା ବି ଦେଖାଦେଇଥାଏ। ଏହାକୁ ଦୂରକରିବା ଲାଗି ପ୍ରଚୁର ପାଣି ପିଅନ୍ତୁ।

■ ଯଦିଓ ଏୟାର ଟ୍ରାଭେଲ ଅନ୍ୟ ସବୁ ତୁଳନାରେ ସୁରକ୍ଷିତ ତଥାପି ଫ୍ଲାଇଟ୍ ଆଟେଣ୍ଡାଣ୍ଟମାନଙ୍କ ଦ୍ୱାରା ଦିଆଯାଉଥିବା ସେଫ୍ଟି ଇନ୍‌ଫର୍ମେଶନ ଶୁଣନ୍ତୁ ଏବଂ ସେଥିପ୍ରତି ଗୁରୁତ୍ୱ ଦିଅନ୍ତୁ। ଆବଶ୍ୟକ ହେଲେ ଫ୍ଲାଇଟ୍ କ୍ରୁ ମେମ୍ବରଙ୍କ ସହାୟତା ନିଅନ୍ତୁ।

■ ସାଙ୍ଗରେ ଆବଶ୍ୟକ ସାମଗ୍ରୀ ହିଁ ନିଅନ୍ତୁ ଏବଂ ଲଗେଜ୍‌ର ଓଜନ ଯେପରି ଅଧିକ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ନ ହେଲେ ଏଥିପାଇଁ ଆପଣଙ୍କୁ ଫାଇନ୍ କିମ୍ବା ଅଧିକ ଟଙ୍କା ଦେବାକୁ ପଡ଼ିପାରେ।

■ ବ୍ୟାଗ୍‌ରେ ଛୁରି କିମ୍ବା ଅନ୍ୟ କୌଣସି ଆପତ୍ତିଜନକ ସାମଗ୍ରୀ ରଖନ୍ତୁ ନାହିଁ। କାରଣ ଏକ୍ସ–ରେ ମେଶିନରେ ଏହା ଜଣାପଡ଼ିଯାଇଥାଏ। ତେବେ କେଉଁ ସାମଗ୍ରୀ ସାଙ୍ଗରେ ନେବେ ନାହିଁ ଏହାର ଲିଷ୍ଟ ଜାଣିବା ଲାଗି ଟ୍ରାନ୍ସପୋର୍ଟେଶନ ସିକ୍ୟୁରିଟି ଆଡ୍‌ମିନିଷ୍ଟ୍ରେଶନ ୱେବ୍‌ସାଇଟ୍ ଚେକ୍ କରି ନିଅନ୍ତୁ।

## କ'ଣ କୁହନ୍ତି ଏମାନେ..



**ସୋଫିଆ ଯାସ୍ମିନ୍(ଛାତ୍ରୀ, ଧଉଳି ଚାରୁକଳା ମହାବିଦ୍ୟାଳୟ, ଭୁବନେଶ୍ୱର)**– ଗତବର୍ଷ ମୁମ୍ବାଇରେ ଆୟୋଜିତ ଏକ ଆର୍ଟ ଏକ୍‌ଜିବିଶନ୍‌ରେ ଯୋଗ ଦେବାକୁ ଯାଇଥିଲି। ହଠାତ୍ ଏକ ଜରୁରୀ କାମ ପଡ଼ିବାରୁ ଘରକୁ ଫେରିବାକୁ ପଡ଼ିଲା। ତେଣୁ ଇଣ୍ଡିଗୋ ଫ୍ଲାଇଟ୍‌ରେ ମୁମ୍ବାଇରୁ ଭୁବନେଶ୍ୱର ଟିକେଟ୍ କଲି। ତାହାଥିଲା ମୋର ପ୍ରଥମ ବିମାନଯାତ୍ରା। ଏକା କିଭଳି ଯିବି, ଏତେ ଉଚ୍ଚତାରେ ଫ୍ଲାଇଟ୍ ଉଡ଼ିଲେ ଭୟ ଲାଗିବନି ତ ଏଭଳି ଅନେକ କଥା ମନକୁ ଆସୁଥିଲା। କିନ୍ତୁ ଫ୍ଲାଇଟ୍‌ରେ ବସିବା ପରେ ଏସବୁ ଚିନ୍ତା ଦୂର ହୋଇଗଲା। ଓହ୍ଲାଇବା ପରେ କେବଳ କିଛି ସମୟ ପାଇଁ କାନରେ ଟିକେ ସମସ୍ୟା ହୋଇଥିଲା। ଯାତ୍ରା ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ନିରାପଦ ଥିଲା। ସେବେଠୁ ଫ୍ଲାଇଟ୍ ଫୋବିଆ ସମ୍ପୂର୍ଣ୍ଣ ଦୂର ହୋଇଯାଇଛି।



**ପ୍ରକାଶ ମହାପାତ୍ର**(କର୍ମଜୀବୀ, ଖୋର୍ଦ୍ଧା)– ମୋ ପାଇଁ ପ୍ରଥମ ଫ୍ଲାଇଟ୍ ଯାତ୍ରା ବେଶ୍ ରୋମାଞ୍ଚକର ଥିଲା। ଆମେ କେତେଜଣ ସାଙ୍ଗ ପୁଣେରୁ ଦୁବାଇ ଯାଉଥିଲୁ। ଫ୍ଲାଇଟ୍ ଟେକ୍‌ଅପ୍ ବେଳେ ମଜା ଲାଗିଲା, ହେଲେ ଏକ ରୁ ଦେଢ଼ଘଣ୍ଟା ପରେ ପ୍ଲେନ୍ ହଠାତ୍ ଥରିବାକୁ ଲାଗିଲା। ସମସ୍ତ ଯାତ୍ରୀ ଭୟରେ ପାଟି କରିବା ଆରମ୍ଭ କରିଦେଲେ। ଏହା କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ଅସୁବିଧା ନୁହେଁ ବୋଲି ସୂଚନା ମିଳିବା ପରେ ଆମେ ଆଶ୍ୱସ୍ତ ହେଲୁ। ହେଲେ ସେଠାରେ ପହଞ୍ଚିବା ପରେ କାନ ତାବ୍‌ଦା ହୋଇଯାଇଥିଲା। ସମସ୍ତେ କଥା ହେଉଥିଲୁ ସତ ହେଲେ କେହି କାହା କଥା ଭଲରେ ଶୁଣି ପାରୁ ନ ଥିଲୁ। ଦୁଇ ଦିନ ପରେ ସମସ୍ତଙ୍କ କାନର ଅବସ୍ଥା ଏପରି ହୋଇଥିଲା ଏବଂ କେହି କାହାକୁ ଜଣାଇ ନ ଥିଲୁ ବୋଲି ଖୁବ୍ ହସ ଲାଗିଥିଲା।

## ଫ୍ଲାଇଟ୍ ଫୋବିଆ

**ଅନେକଙ୍କୁ ବିମାନଯାତ୍ରାକୁ ନେଇ ଡର ଥାଏ, ଯାହାକୁ ଫ୍ଲାଇଟ୍ ଫୋବିଆ ବୋଲି କୁହାଯାଏ। ଯଦି ଆପଣଙ୍କର ବି ଏଭଳି ସମସ୍ୟା ରହିଛି ତେବେ କେତୋଟି କଥା ପ୍ରତି ଧ୍ୟାନ ଦେଲେ ଏହି ଡର ଦୂର ହୋଇପାରିବ ଏବଂ ଆରାମରେ ଯାତ୍ରା କରିପାରିବେ...**



⏭ବିମାନଯାତ୍ରା ଅନ୍ୟ ସମସ୍ତ ପରିବହନ ବ୍ୟବସ୍ଥା ମଧ୍ୟରେ ସବୁଠୁ ସୁରକ୍ଷିତ ଯାତ୍ରା ବୋଲି ଅନେକ ରିସର୍ଚ୍ଚରୁ ଜଣାପଡ଼ିଛି। ଏହି କଥାକୁ ମନରେ ରଖି ଆରାମରେ ବସନ୍ତୁ। ଟେକ୍‌ଅପ୍ ପୂର୍ବରୁ ଦୀର୍ଘ ନିଃଶ୍ୱାସ ନିଅନ୍ତୁ ଏବଂ ଡର ବଦଳରେ ଉଡ଼ାଣର ରୋମାଞ୍ଚକର ସମୟ ପ୍ରତି ଧ୍ୟାନ ଦିଅନ୍ତୁ ଦେଖିବେ ଫୋବିଆ ଦୂର ହୋଇଯିବ।


⏭ଫ୍ଲାଇଟ୍ ଟେକ୍‌ଅପ୍ କିମ୍ବା ଲ୍ୟାଣ୍ଡିଂ ବେଳେ ଅନେକଙ୍କୁ ଖୁବ୍ ଡର ଲାଗିଥାଏ। ହେଲେ ଏହି ସମୟରେ ମ୍ୟୁଜିକ୍ ଶୁଣିଲେ କିମ୍ବା ନିଜ ପସନ୍ଦର କୌଣସି ସାମଗ୍ରୀ ଧରି ନିଜକୁ ଅନ୍ୟମନସ୍କ ରଖିଲେ ଆଦୌ ଡର ଲାଗି ନ ଥାଏ।

⏭ଜଣେ ଜଣେ ଉଚ୍ଚ ସ୍ଥାନକୁ ଭୟ କରିଥାନ୍ତି। ତେଣୁ ଏରୋପ୍ଲେନ୍ ଯାହାକୁ ନେଇ ଆପଣଙ୍କ ମନରେ ଫୋବିଆ ଥିଲେ ଦୂର କରନ୍ତୁ। ନଚେତ୍ ଉଡ଼ାଣ ମାତ୍ରେ ଆପଣ ରକ୍ତଚାପ ବଢ଼ିବା କିମ୍ବା ଅସୁସ୍ଥ ହେବା ଭଳି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

⏭ଝରକା ବାହାରକୁ ଦେଖିଲେ ଆକାଶ, ବାଦଲ ଆଦି ଦେଖାଯିବା ଦ୍ୱାରା ଅନେକେ ପୃଥିବୀରୁ ଏତେ ଉପରେ ଅଛି ଭାବି ଡରି ଯାଆନ୍ତି। ତେଣୁ ୱିଣ୍ଡୋ ସ୍କ୍ରିନ୍ ପକାଇ ରଖନ୍ତୁ। ହେଡ୍‌ଫୋନ୍ ଏବଂ ଆଇ ମାସ୍କ ବି ବ୍ୟବହାର କରିପାରିବେ।

⏭ନିଜ ଫୋନ୍, ଟ୍ୟାବ୍, ଲାପ୍‌ଟପ୍ ଆଦିରେ ପସନ୍ଦର ଫିଲ୍ମ, ମ୍ୟୁଜିକ୍ ଆଦି ଡାଉନ୍‌ଲୋଡ୍ କରିରଖନ୍ତୁ। ଫ୍ଲାଇଟ୍‌ରେ ବସି ଏହାକୁ ଦେଖିଲେ କିମ୍ବା କିଛି ବହି ପଢ଼ିଲେ ବି ଡର କମିଯିବ।

⏭ଯଦି ଫ୍ଲାଇଟ୍ ଫୋବିଆ ଅଛି ତେବେ ଫ୍ଲାଇଟ୍‌ରେ ବସିବାର କିଛି ସମୟ ପୂର୍ବରୁ କଫି, ଏନର୍ଜି ଡ୍ରିଙ୍କ୍ କିମ୍ବା ଅନ୍ୟ କୌଣସି ମିଠା ଜୁସ୍ ପିଅନ୍ତୁ ନାହିଁ କିମ୍ବା ମିଠା ଖାଦ୍ୟ ଖାଆନ୍ତୁ ନାହିଁ, ନ ଚେତ୍ ପ୍ଲେନ୍ ଭିତରେ ବାନ୍ତି ହୋଇପାରେ।





## ଏ ସପ୍ତାହର ପ୍ରଶ୍ନ

୧– ସଜ୍ଜନଗଡ଼ ୱାଇଲ୍ଡ ଲାଇଫ୍ ସାଙ୍କ୍ଚୁଆରି ......... ଠାରେ ଅବସ୍ଥିତ ?
୨– ନ୍ୟାଶନାଲ୍ ଭ୍ୟାକ୍ସିନେଶନ୍ ଡେ' ............. ତାରିଖରେ ପାଳନ କରାଯାଏ ?
୩– ଫୁଏଗୋ ଆଗ୍ନେୟଗିରି .......... ଦେଶରେ ଅବସ୍ଥିତ ?
୪– ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ......... ଜିଲାରେ ଛତ୍ରପତି ଶିବାଜୀ ମନ୍ଦିର ସ୍ଥାପନା କରାଯାଇଛି ?
୫– ଇଣ୍ଟରନ୍ୟାଶନାଲ୍ ଆଟମିକ୍ ଏନର୍ଜି ଏଜେନ୍ସିର ହେଡ୍‌କ୍ୱାର୍ଟର .......... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ତୁହିନକାନ୍ତ ପାଣ୍ଡେ
୨ କେରଳ
୩ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ
୪ ଜମ୍ମୁ ଏବଂ କଶ୍ମୀର
୫ ନାଗାଲାଣ୍ଡ

## ଉତ୍ତରଦାତା



ଶକ୍ତିପ୍ରସାଦ ସିଂ
ଭୁବନେଶ୍ୱର



ସୁନୀଲ କୁମାର ବେହେରା
ବ୍ରହ୍ମପୁର

## ଟପ୍ ୧୦

### ସର୍ବାଧିକ ଉଲ୍ ଉତ୍ପାଦନକାରୀ ଦେଶ



୧– ଚାଇନା ..................... ୩୫୬,୨୧୬ ଟନ୍
୨– ଅଷ୍ଟ୍ରେଲିଆ ..................... ୩୪୮,୬୦୮ ଟନ୍
୩– ନ୍ୟୁଜିଲାଣ୍ଡ ..................... ୧୨୫,୭୭୨.୧୭ ଟନ୍
୪– ତୁର୍କି ..................... ୭୯,୭୫୪ ଟନ୍
୫– ୟୁନାଇଟେଡ୍ କିଙ୍ଗଡମ୍..................... ୭୦,୪୪୭.୫୬ ଟନ୍
୬– ମରକ୍କୋ ..................... ୬୨,୬୭୦.୧୬ ଟନ୍
୭– ଇରାନ୍ ..................... ୫୨,୫୦୪ ଟନ୍
୮– ରୁଷିଆ ..................... ୪୭,୮୩୮ ଟନ୍
୯– ସାଉଥ୍ ଆଫ୍ରିକା ..................... ୪୨,୪୦୬.୩୪ ଟନ୍
୧୦– ପାକିସ୍ତାନ ..................... ୪୩,୩୨୮ ଟନ୍


## ଜାଣନ୍ତୁ ଦୁନିଆ

### ଅଜବ ବିଶ୍ୱ ରେକର୍ଡ

**ବିଭିନ୍ନ ଅଜବ କାରନାମା ଦେଖାଇ ଅନେକେ ବିଶ୍ୱ ରେକର୍ଡ କରିଥାନ୍ତି। ହେଲେ ଏମିତି ବି କେତେଜଣ ଅଛନ୍ତି ଯେଉଁମାନେ ନିଜର ଅଜବ ଶାରୀରିକ ଗଠନ ପାଇଁ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ଜାଣନ୍ତୁ ସେଭଳି କେତେଜଣଙ୍କ ସମ୍ପର୍କରେ...**



**ବଡ଼ ପାଟି:** ଜଣେ ମଣିଷ ନିଜ ପାଟିକୁ କେତେ ବଡ଼ କରି ଖୋଲି ପାରିବେ ? ନିଜ ପାଟିଠୁ ଅତି ବେଶିରେ ଏକରୁ ଦୁଇ ଇଞ୍ଚ ଅଧିକ। ହେଲେ ଆଙ୍ଗୋଲାର ଫ୍ରାନ୍ସିସ୍କୋ ଡୋମିଙ୍ଗୋ ଜୋଆକ୍ୱିମ୍ ନାମକ ଜଣେ ଯୁବକ ନିଜ ପାଟିରେ ଏକ କୋଲ୍ଡଡ୍ରିଙ୍କ୍ସ କେନ୍ ରଖିପାରନ୍ତି। ତାଙ୍କ ପାଟିର ଲମ୍ବ ୧୭ ସେଣ୍ଟିମିଟର(୬.୬୯ ଇଞ୍ଚ) ହୋଇଥିବାରୁ ୨୦୧୦ ମାର୍ଚ୍ଚ ୧୮ରେ





ତାଙ୍କ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡରେ ଅନ୍ତର୍ଭୁକ୍ତ କରାଯାଇଥିଲା।

**ସରୁ ଅଣ୍ଟା:** ଅଣ୍ଟା ସରୁ ହେଲେ ଫିଗର ଆକର୍ଷଣୀୟ ଲାଗେ। କେବେ ଏଥିପାଇଁ ବି କେହି ବିଶ୍ୱ ରେକର୍ଡ କରିପାରନ୍ତି ସେକଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଆମେରିକାର କ୍ୟାଥୀ ଜଙ୍ଗ ନାମ୍ନୀ ଜଣେ ମହିଳାଙ୍କ ଅଣ୍ଟାର ଗୋଲେଇ ମାତ୍ର ୧୫ ଇଞ୍ଚ। ଯେଉଁଥିଲାଗି ୧୯୯୯ରେ ତାଙ୍କ ନାମକୁ ବିଶ୍ୱର ସବୁଠୁ ସରୁଅଣ୍ଟା ଭାବେ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରାଯାଇଥିଲା।

**ଲମ୍ବା ଆଇବ୍ରୋ:** ଆଇବ୍ରୋର ଲମ୍ବ ସାଧାରଣତଃ ସ୍ୱାଭାବିକ ବା ଛୋଟ ଥିବାରୁ ଏହାକୁ ମୁଣ୍ଡ କେଶ ଭଳି କାଟିବାକୁ ପଡି ନ ଥାଏ। ହେଲେ ଚାଇନାର ୮୧ ବର୍ଷୀୟ ଝେଙ୍ଗ୍ ସୁଶେନ୍ ୧୯.୧ ସେମି ଲମ୍ବବିଶିଷ୍ଟ ସବୁଠାରୁ ଲମ୍ବା ଆଇବ୍ରୋ ପାଇଁ ୨୦୧୬ରେ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ଖାଇବା ସମୟରେ ତାଙ୍କ ଆଇବ୍ରୋ ଆସି ପାଟିରେ ବାଜୁଥିବାରୁ ସେ ଏହାକୁ କାନରେ ଜାକି ରଖୁଥିଲେ। ପରେ ସେ ବିଶ୍ୱରେକର୍ଡ ପାଇଁ ଆବେଦନ କରିଥିଲେ ଏବଂ ରେକର୍ଡ ହାସଲ କରିବାରେ ସଫଳ ମଧ୍ୟ ହୋଇଥିଲେ।

# ମାନସିକ ଶାନ୍ତି

**ମାନସିକ ଶାନ୍ତି ମଣିଷକୁ ସବୁବେଳେ ଖୁସି ଏବଂ ସୁସ୍ଥ ରଖେ। କିନ୍ତୁ ବର୍ତ୍ତମାନ ଅଧିକାଂଶଙ୍କଠାରେ ଯେମିତି ରହିଛି ଏହାର ଘୋର ଅଭାବ। କିଏ କହୁଛି ଭାରି ଟେନ୍‌ଶନ୍ ତ ଆଉ କିଏ କହୁଛି ଯାହା କଲେ ବି ମିଳୁନି ଟିକେ ଶାନ୍ତି। ତେବେ ଏଥିପାଇଁ କେବେ କେବେ ନିଜର କେତେକ ଅଭ୍ୟାସ ମଧ୍ୟ ଦାୟୀ। ଜାଣନ୍ତୁ କ'ଣ ଏହିସବୁ ଅଭ୍ୟାସ ଏବଂ କିପରି ଏହାକୁ ଦୂର କରି ମାନସିକ ଶାନ୍ତି ପାଇପାରିବେ ...**

**ଓଭର ଥିଙ୍କିଙ୍ଗ୍:** କୌଣସି କଥା ବିଷୟରେ ବାରମ୍ବାର ଭାବିବା ବିଶେଷ କରି ଯାହା ଆପଣଙ୍କ ଆୟତ୍ତରେ ନାହିଁ ସେ ସମ୍ପର୍କରେ ଅଧିକ ଚିନ୍ତା କରିବା ଦ୍ୱାରା ଶରୀରର ଏନର୍ଜି କମିଯାଏ ଏବଂ ମସ୍ତିଷ୍କ ମଧ୍ୟ ଥକିଯାଏ। ଫଳରେ ମନ ଭାରାକ୍ରାନ୍ତ ହୋଇପଡ଼େ। ତେଣୁ କୌଣସି କଥାକୁ ନେଇ ବେଶି ଚିନ୍ତା କରନ୍ତୁ ନାହିଁ, ଏହାର ସମାଧାନ ବାଟ ନ ମିଳିଲେ ସେଥିରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ ଦେଖିବେ ମାନସିକ ଶାନ୍ତି ନିଶ୍ଚିତ ମିଳିବ।

**ନକାରାତ୍ମକ ଭାବନା:** ନକାରାତ୍ମକ ଭାବନା ମଣିଷକୁ ନିରାଶ କରିଥାଏ। ହେଲେ ଯେକୌଣସି ପରିସ୍ଥିତିରେ ବି ଯଦି ଭାବନା ସକାରାତ୍ମକ ହୁଏ ତେବେ ତାହା ମଣିଷକୁ ଆଶାବାଦୀ କରିଥାଏ। କାରଣ ସକାରାତ୍ମକ ଭାବନାର ଶକ୍ତି ଏତେ ଅଧିକ ଯାହାକି ଜଣଙ୍କୁ ଯେକୌଣସି ଅପ୍ରୀତିକର ଏବଂ କଷ୍ଟକର ପରିସ୍ଥିତିରୁ ମଧ୍ୟ ମୁକୁଳି ଆସିବାର ସାହସ ଯୋଗାଇଥାଏ। ତା'ଛଡା ଏହାଦ୍ୱାରା କୌଣସି କାର୍ଯ୍ୟକୁ ନେଇ ମନ ଭିତରେ ଥିବା ଚିନ୍ତା, ଚାପ କିମ୍ବା ବିଫଳତାର ଅବସାଦ ଆଦି ଦୂର ହୋଇଥାଏ ଏବଂ ମାନସିକ ଶାନ୍ତି ମିଳିଥାଏ।

**ସବୁବେଳେ ଅନ୍ୟକୁ ଖୁସି ରଖିବା:** ଅନେକେ ଅଛନ୍ତି ଯେଉଁମାନେ ସର୍ବଦା ଏଭଳି କାର୍ଯ୍ୟ କରିବାକୁ ଚାହାନ୍ତି ଯାହାଦ୍ୱାରା ଅନ୍ୟମାନେ ଖୁସି ହେବେ ଏବଂ ତାଙ୍କୁ ପ୍ରଶଂସା କରିବେ। ହେଲେ କେବେ କେବେ ଏହାଦ୍ୱାରା ନିଜର ଖୁସି ପଛରେ ରହିଯାଏ, ଏମିତିକି ଅନେକେ ଏଥିପାଇଁ ଆତ୍ମସମ୍ମାନ ବି ହରାଇବସନ୍ତି ଏବଂ କୌଣସି କାରଣରୁ ନିଜ କାର୍ଯ୍ୟଦ୍ୱାରା ଅନ୍ୟକୁ ଖୁସି ନ କରାଇ ପାରିଲେ ସେମାନେ ମାନସିକ ଅବସାଦର ଶିକାର ହୋଇଥାନ୍ତି। ହେଲେ ମନେରଖନ୍ତୁ ଲୋକଦେଖାଣିଆ କାର୍ଯ୍ୟ ନ କରି ସବୁବେଳେ ଏଭଳି କାର୍ଯ୍ୟ କରନ୍ତୁ ଯାହାଦ୍ୱାରା ନିଜର ଆତ୍ମସମ୍ମାନ ରହିବା ସହ ଆତ୍ମସନ୍ତୋଷ ମଧ୍ୟ ମିଳିବ।



**ନିଜକୁ ଅନ୍ୟ ସହ ତୁଳନା:** ଅନେକେ ଅଛନ୍ତି ଯେଉଁମାନେ ନିଜକୁ ସବୁବେଳେ ଅନ୍ୟ ସହ ତୁଳନା କରନ୍ତି। ଅନ୍ୟଠାରୁ କୌଣସି ଗୁଣରେ କମ୍ ହେଲେ ସେମାନେ ଦୁଃଖୀ ହୋଇପଡନ୍ତି କିମ୍ବା ଈର୍ଷାପରାୟଣ ହୋଇପଡ଼ନ୍ତି। ହେଲେ ଏଭଳି ଭାବନା ଯେ ସେମାନଙ୍କ ମାନସିକସ୍ତରରେ ନକାରାତ୍ମକ ପ୍ରଭାବ ପକାଉଛି ସେକଥା ସେମାନେ ଜାଣି ପାରନ୍ତି ନାହିଁ। ତେଣୁ ନିଜକୁ କେବେ ଅନ୍ୟ ସହ ତୁଳନା ନ କରି ନିଜର କ୍ଷମତା ଏବଂ ଦକ୍ଷତାକୁ ଚିହ୍ନନ୍ତୁ ଏବଂ ଏହାକୁ ବିକଶିତ କରିବାକୁ ଚେଷ୍ଟା କରନ୍ତୁ ଦେଖିବେ ମନ ଖୁବ୍ ଭଲ ରହିବ।

# କେଫିନ୍‌ଟେକ୍ ସହ ଓୟୁଟିଆର୍‌ର ବୁଝାମଣା

ଭୁବନେଶ୍ୱର,୨୨।୩

ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍) ଏବଂ କେଫିନ୍ ଟେକ୍ନୋଲୋଜିସ୍ ଲିମିଟେଡ୍ (କେଫିନ୍‌ଟେକ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି।

ଏପରିକି ଏହି ସହଭାଗିତା ଇଣ୍ଟର୍ନଶିପ୍, ପ୍ରି-ପ୍ଲେସ୍‌ମେଣ୍ଟ ଅଫର, ଲାବ୍ ପରିଦର୍ଶନ ଏବଂ ଶିଳ୍ପ-ପ୍ରାସଙ୍ଗିକ ତାଲିମକୁ ସହଜ କରିବ। ଛାତ୍ରୀଛାତ୍ରମାନଙ୍କୁ ଶିଳ୍ପ ଚାହିଦା ପୂରଣ କରିବା ପାଇଁ ବ୍ୟବହାରିକ ଦକ୍ଷତା ସହିତ ସଜ୍ଜିତ କରିବ।

ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ବୁଝାମଣାପତ୍ର (ଏମ୍‌ଓୟୁ) କାର୍ଯ୍ୟକ୍ରମରେ ଓୟୁଟିଆର୍‌ର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ରେଜିଷ୍ଟ୍ରାର ଆଶିଷ କୁମାର ଜେନା, ଡିନ୍ ଏକାଡେମିକ୍ସ ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ତାଲିମ ଏବଂ ନିଯୁକ୍ତି ଅଧିକାରୀ ପ୍ରଫେସର ବିଭୁପ୍ରସାଦ ଦାଶ ଏବଂ ଉପ ତାଲିମ ଏବଂ ନିଯୁକ୍ତି ଅଧିକାରୀ ଡ. ସମରଜିତ ପଟ୍ଟନାୟକଙ୍କ ସମେତ କେଫିନ୍‌ଟେକ୍‌ର



ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ଉଭୟ କେଫିନ୍‌ଟେକ୍ ଏବଂ ଓୟୁଟିଆର୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ ଭେଙ୍କଟଗିରି ଭୋଙ୍କାୟଲା, ସିପିଓ ସୁଜୟ ପୁଥରାନ, ଉପାଧ୍ୟକ୍ଷ ସୁବର୍ଣ୍ଣ ମିଶ୍ର ଏବଂ କାର୍ଯ୍ୟକ୍ରମ ପରିଚାଳିକା ସୁମନ୍ତ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଉଭୟ ପ୍ରତିଷ୍ଠାନ ପ୍ରତିଭାକୁ ପୋଷଣକରିବା ଏବଂ ଶିକ୍ଷା ଏବଂ ଶିଳ୍ପ ମଧ୍ୟରେ ଥିବା ପାର୍ଥକ୍ୟ ଦୂରକରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃ ପ୍ରକାଶ କରିଥିଲେ। ଏହି ସହଯୋଗ ଓୟୁଟିଆର୍‌ର ନିଯୁକ୍ତି ଯୋଗ୍ୟତା ଏବଂ ଶିଳ୍ପ ସମ୍ପୃକ୍ତି ବୃଦ୍ଧିକରିବା ଲକ୍ଷ୍ୟ ସହ ସମନ୍ୱିତ, ବୈଷୟିକ ଶିକ୍ଷାରେ ଏକ ନେତା ଭାବେ ଏହାର ସ୍ଥିତିକୁ ସୁଦୃଢ଼ କରୁଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ/ଓଡ଼ିଶା ବୈଷୟିକ ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ଶିଳ୍ପ-ଶିକ୍ଷାକ୍ଷେତ୍ର ସହଯୋଗକୁ ସୁଦୃଢ଼ କରିବା ପାଇଁ କେଫିନ୍ ଟେକ୍ନୋଲୋଜିସ୍ ଲିମିଟେଡ୍ (କେଫିନ୍‌ଟେକ୍) ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର କରିଛି ।

# ରାଇଜ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୨।୩

ନିଭା ବୁପା ହେଲ୍‌ଥ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍‌ର ଏକ ନୂତନ ସ୍ୱାସ୍ଥ୍ୟ ବୀମା ଯୋଜନା 'ରାଇଜ୍'ର ଶୁଭାରମ୍ଭ ହୋଇଯାଇଛି। ଏପରିକି ଭାରତର 'ମିସିଂ ମିଡିଲ' ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଅଧିକ ପହଞ୍ଚଯୋଗ୍ୟ କରିବା ପାଇଁ ଡିଜାଇନ କରାଯାଇଥିବା ଏହି ସ୍ୱାସ୍ଥ୍ୟ ବୀମା ଯୋଜନାକୁ ନିକଟରେ ଉନ୍ମୋଚନ କରାଯାଇଛି। ଏ ସମ୍ପର୍କରେ ନିଭା ବୁପା ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଅଣ୍ଡରରାଇଟିଂ, ପ୍ରଡକ୍ଟସ ଆଣ୍ଡ କ୍ଲେମ୍‌ସ ବିଭାଗର ନିର୍ଦ୍ଦେଶକ ଡ. ଭାବତୋଷ ମିଶ୍ର କହିଛନ୍ତି, ଆମେ ଆମର ନୂତନ ଯୋଜନାକୁ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କ ବିକଶିତ ଆବଶ୍ୟକତା ପୂରଣ କରୁଥିବା ଅଭିନବ ସମାଧାନ ପ୍ରଦାନ କରିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ। ରାଇଜ୍ କେବଳ ଭାରତର ମିସିଂ ମିଡିଲ ପାଇଁ ବୀମା ଅନ୍ତରକୁ ଦୂରକରିବା କ୍ଷେତ୍ରରେ ଏକ ପଦକ୍ଷେପ ନୁହେଁ ବରଂ ଏହା ଆଇଆର୍‌ଡିଏଆଇର ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ଲକ୍ଷ୍ୟ ସହ ଜଡ଼ିତ ରହିଛି ।

# ରିଲାଏନ୍ସ ଟ୍ରେଣ୍ଡସ୍‌ର ନୂତନ ଅଭିଯାନ




ମୁମ୍ବାଇ,୨୨।୩

ରିଲାଏନ୍ସ ଗ୍ରୁପ୍‌ର ଗାମେଣ୍ଟସ ବ୍ରାଣ୍ଡ ରିଲାଏନ୍ସ ଟ୍ରେଣ୍ଡସ୍‌ର ନୂତନ ଅଭିଯାନ 'ନୂଆ ସମୟ, ନୂଆ ଟ୍ରେଣ୍ଡସ୍' ସାଙ୍ଗକୁ ବ୍ରାଣ୍ଡ ପକ୍ଷରୁ 'ସମର ଅକେଜନ ୱେର କଲେକ୍ସନ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଆସନ୍ତା ଗ୍ରୀଷ୍ମଋତୁରେ ଫ୍ୟାଶନର ଆବଶ୍ୟକତାକୁ ଧ୍ୟାନରେ ରଖି ବ୍ରାଣ୍ଡ ପକ୍ଷରୁ ସୁପରଷ୍ଟାର ମହେଶ ବାବୁ ଏବଂ ତାଙ୍କ ଝିଅ ସୀତାରାଙ୍କ ସହ ଏହି ନୂତନ ସମ୍ଭାରର ଶୁଭାରମ୍ଭ କରାଯାଇଛି । ଏଥିରେ ଉଭୟ ତାରକା ଆକର୍ଷଣୀୟ କାଜୁଆଲ ପୋଷାକଠାରୁ ଆରମ୍ଭକରି ୱେଷ୍ଟର୍ନ ଏବଂ ପାର୍ଟି ଏଥ୍‌ନିକ୍ ପୋଷାକ ପିନ୍ଧିଥିବା ଦେଖାଯାଇଛି। ରିଲାଏନ୍ସ ଟ୍ରେଣ୍ଡସ୍‌ର ନୂତନ ସମ୍ଭାର ଗ୍ରାହକମାନଙ୍କୁ ଏପରି ଏକ ଦୁନିଆକୁ ନେଇଯିବ, ଯେଉଁଠାରେ ପରମ୍ପରା ଏବଂ ଆଧୁନିକତା ଏକାଠି ଚାଲିଥାଏ। ଏହି ସମ୍ଭାରରେ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହ ଟ୍ରେଣ୍ଡି ଡିଜାଇନ ଏବଂ ଫ୍ୟାଶନର ଅପୂର୍ବ ଝଲକ ପ୍ରତିଫଳିତ ହୋଇଛି, ଯଦିଓ ଏହି ନୂତନ ସମ୍ଭାର ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଡିଜାଇନ କରାଯାଇଛି।

ରିଲାଏନ୍ସ ଟ୍ରେଣ୍ଡସ୍‌ରେ ବର୍ଷ ସାରା ଏବଂ ପ୍ରତ୍ୟେକ ଅବସର ଓ ଋତୁ ପାଇଁ ବିଶାଳ ସମ୍ଭାର ଉପଲବ୍ଧ ହୋଇଥାଏ। ଏପରିକି ଉତ୍ସବକାଳୀନ ପୋଷାକ ହେଉ, କାଜୁଆଲ ପୋଷାକ ହେଉ କିମ୍ବା ଟ୍ରେଣ୍ଡି ପୋଷାକ ରିଲାଏନ୍ସ ଟ୍ରେଣ୍ଡସ୍‌ରେ ସମସ୍ତଙ୍କ ପାଇଁ କିଛି ନା କିଛି ନିଶ୍ଚୟ ରହିଛି। ବ୍ରାଣ୍ଡ ପକ୍ଷରୁ କୁହାଯାଇଛି 'ଏହି ସିଜନରେ ରିଲାଏନ୍ସ ଟ୍ରେଣ୍ଡସ୍ ଏହାର ସବୁଠାରୁ ନୂତନତମ କଲେକ୍ସନ ପ୍ରସ୍ତୁତ କରିଛି।

# ଓଡ଼ିଶା ବଜାର ସମ୍ଭାବନାରେ ପରିପୂର୍ଣ୍ଣ

**ଫର୍ନିଚର ମାନୁଫାକ୍ଚରିଂ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜିଥିବା ବ୍ୟକ୍ତିତ୍ୱ ଜଣକ ହେଲେ ଦେବାଶିଷ ପଟ୍ଟନାୟକ। ପ୍ରଥମେ ଏୟାରକ୍ରାଫ୍ଟ ଇଞ୍ଜିନିୟର ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ମାତ୍ର କାଠ ଏବଂ ମଡ୍ୟୁଲାର ଫର୍ନିଚର ପ୍ରତି ତାଙ୍କର ଖୁବ୍ ଆଗ୍ରହ ରହୁଥିଲା। ୟୁରୋପର ବିଭିନ୍ନ ଦେଶ ପରିଭ୍ରମଣ ସମୟରେ ସେ ନୂଆ ନୂଆ ଡିଜାଇନର ଫର୍ନିଚର ଦେଖିବାକୁ ପାଇଥିଲେ। ତାହା ତାଙ୍କୁ ଏତେମାତ୍ରାରେ ପ୍ରଭାବିତ କରିଥିଲା ଯେ, ସେ ଏ କ୍ଷେତ୍ରରେ ବ୍ୟବସାୟ ଆରମ୍ଭ କରିଥିଲେ। ସେ ଟ୍ରାନ୍ସଫର୍ମ ଫର୍ନିଚର ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବାବେଳେ ତାଙ୍କ କମ୍ପାନୀର ଉତ୍ପାଦଗୁଡ଼ିକ 'ଭାଇବ୍' ନାମରେ ବେଶ୍ ପରିଚିତ। ନିଷ୍ଠା ଓ ପରିଶ୍ରମ ବଳରେ ସଫଳ ଉଦ୍ୟୋଗୀ ପାଲଟିଥିବା ଦେବାଶିଷଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...**



ଦେବାଶିଷ ପଟ୍ଟନାୟକ

**ପ୍ର- ଫର୍ନିଚର ମାନୁଫାକ୍ଚରିଂ ଉଦ୍ୟୋଗର ପ୍ରାରମ୍ଭିକ ଯାତ୍ରା କିପରି ଥିଲା?**

ଉ- ୧୯୯୮ରେ ଏକ ଛୋଟ ଉଦ୍ୟୋଗ ଭାବେ ମଡ୍ୟୁଲାର କିଚେନରୁ ମୋର ବ୍ୟବସାୟିକ ଯାତ୍ରା ଆରମ୍ଭ କରିଥିଲି। ମୋର ଟେକ୍ନିକାଲ ବ୍ୟାକ୍‌ଗ୍ରାଉଣ୍ଡ ଓ ନୂଆ ନୂଆ ଡିଜାଇନ୍ ପ୍ରତି ରହିଥିବା ଅହେତୁକ ଦୁର୍ବଳତା ହିଁ ମୋତେ ସ୍ୱତନ୍ତ୍ର ଡିଜାଇନ୍‌ର ଫର୍ନିଚର ମାନୁଫାକ୍ଚରିଂରେ ଭବିଷ୍ୟତ ଗଢ଼ିବାକୁ ପ୍ରେରିତ କରିଥିଲା।

**ପ୍ର- ଓଡ଼ିଶାରେ ଫର୍ନିଚର ମାନୁଫାକ୍ଚରିଂ ଶିଳ୍ପର କିପରି ଚାହିଦା ରହିଛି?**

ଉ- ସ୍ଥାନୀୟ ବଜାରରେ ଏହାର ଯଥେଷ୍ଟ ଚାହିଦା ଓ ଅଭିବୃଦ୍ଧି ନିକଟରୁ ଦେଖିଛି। ଉତ୍ତମ ମାନର ସ୍ୱତନ୍ତ୍ର ଡିଜାଇନ୍‌ଯୁକ୍ତ ଏବଂ ମଡ୍ୟୁଲାର ସଲ୍ୟୁଶନ ସହିତ ଏହି ଶିଳ୍ପ ଲୋକପ୍ରିୟ ହେଉଛି। ଘରୋଇ ହେଉ କି ବ୍ୟବସାୟିକ, ଲୋକମାନେ କମ୍ ସ୍ଥାନରେ କିପରି ସୁସଜ୍ଜିତ ଆସବାବପତ୍ର ବ୍ୟବହାର କରିପାରିବେ, ସେ ଦିଗରେ ସଚେତନ ହେଉଛନ୍ତି। ମଧ୍ୟବିତ୍ତବର୍ଗଙ୍କ କ୍ଷେତ୍ରରେ ଏପରି ଫର୍ନିଚର ଚାହିଦା ଅଧିକ ରହୁଛି। ରାଜ୍ୟର ଭିତ୍ତିଭୂମି ବିକାଶ, ସହରୀକରଣ ଏବଂ ବଢୁଥିବା ରିଏଲ ଇଷ୍ଟେଟ କ୍ଷେତ୍ର ଫର୍ନିଚର ଚାହିଦା ବୃଦ୍ଧିରେ ସହାୟକ ହୋଇଛି। କେବଳ ପାରମ୍ପରିକ କାଠ କାର୍ଯ୍ୟରେ ନୁହେଁ, ବରଂ ଅଧିକ ସ୍ଥାୟୀ ଏବଂ ଅଭିନବ ସାମଗ୍ରୀ ପ୍ରସ୍ତୁତ ଫର୍ନିଚର ପ୍ରତି ଲୋକଙ୍କ ଆଗ୍ରହ ରହୁଛି। ଓଡ଼ିଶା ବଜାର ସମ୍ଭାବନାରେ ପରିପୂର୍ଣ୍ଣ ଏବଂ ଉଚ୍ଚ-ଗୁଣାତ୍ମକ, ସ୍ଥାୟୀ ଏବଂ ଷ୍ଟାଇଲିଶ ଆସବାବପତ୍ରର ଚାହିଦା ବଢ଼ିବାରେ ଲାଗିଛି। ଏହି ପରିବର୍ତ୍ତନଶୀଳ ଯାତ୍ରାର ଏକ ଅଂଶ ହୋଇ ଆମେ ଉତ୍ସାହିତ।

**ପ୍ର- ଦରବୃଦ୍ଧି ଆପଣଙ୍କ ବ୍ୟବସାୟ ଉପରେ କିଛି ପ୍ରଭାବ ପକାଇଥାଏ ?**

ଉ- ଅନ୍ୟ ବ୍ୟବସାୟ ଭଳି ଫର୍ନିଚର ଇଣ୍ଡଷ୍ଟ୍ରିରେ ମଧ୍ୟ ବ୍ୟବହାର ହେଉଥିବା କଞ୍ଚାମାଲ ଦରଦାମ ଉପରତଳ ହୋଇଥାଏ। କାଠ, ହାର୍ଡୱେର ଓ ଅନ୍ୟାନ୍ୟ ସାମଗ୍ରୀର ଦର ବଢ଼ିଥାଏ। ଫଳରେ ନିର୍ଦ୍ଧାରିତ ଦରରେ ଫର୍ନିଚର ଗୁଣବତ୍ତା ବଜାୟ ରଖିବା ଉତ୍ପାଦକଙ୍କ ପାଇଁ କଷ୍ଟସାଧ୍ୟ ହୋଇଥାଏ। ତେଣୁ କେତେକ ସମୟରେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିକଳ୍ପ କଞ୍ଚାମାଲ ବାଛିବାକୁ ପଡ଼େ, କଞ୍ଚାମାଲ ନଷ୍ଟ ଯେପରି ନ ହୁଏ, ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼େ। ତେଣୁ କଞ୍ଚାମାଲ ଦରବୃଦ୍ଧି ସମ୍ପର୍କରେ ଗ୍ରାହକଙ୍କୁ ଅବଗତ କରାଇବା ମଧ୍ୟ ଜରୁରୀ। ସେମାନଙ୍କ ସହ ନିୟମିତ ଯୋଗାଯୋଗରେ ରହିବାକୁ ହୁଏ।

**ପ୍ର- ଫର୍ନିଚର ଶିଳ୍ପରେ ସଫଳତାର ସୂତ୍ର କ'ଣ?**

ଉ- ସଫଳତାର ପ୍ରଥମ ସୂତ୍ର ହେଉଛି ଉତ୍ପାଦରେ ଉତ୍ତମ ଗୁଣବତ୍ତାକୁ ଗୁରୁତ୍ୱ। କମ୍ ସ୍ଥାନରେ ଅଧିକ ଆକର୍ଷଣୀୟ ତଥା ଅତ୍ୟାଧୁନିକ ଫର୍ନିଚର ସହ ଉତ୍ତମ ସେବା ଯୋଗାଇବା ଦ୍ୱାରା ଗ୍ରାହକ ଆକୃଷ୍ଟ ହେଉଛନ୍ତି। ବର୍ତ୍ତମାନ ମଡ୍ୟୁଲାର କିଚେନ୍‌ର ସର୍ବାଧିକ ଚାହିଦା ରହିଛି। ଗ୍ରାହକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଉତ୍ପାଦ ପ୍ରସ୍ତୁତ କରିବା ଏବଂ ନିର୍ଦ୍ଧାରିତ ସମୟରେ ଏହାକୁ ହସ୍ତାନ୍ତର କରିବା ଦ୍ୱାରା ବ୍ୟବସାୟ ଆଗକୁ ବଢ଼ିଚାଲିଛି।

**ପ୍ର- ଯୁବ ଉଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ମୋର ବ୍ୟବସାୟିକ ଯାତ୍ରାରେ ବହୁତ କିଛି ଶିଖିବାକୁ ପାଇଛି, ଅନେକ ଆହ୍ୱାନର ମୁକାବିଲା କରିଛି ଏବଂ ଅନେକ ସମ୍ମାନ ମଧ୍ୟ ପାଇଛି। ୧୯୯୮ରେ ଏକ ଛୋଟ ବ୍ୟବସାୟ କ୍ଷେତ୍ରରୁ ଯାତ୍ରା ଆରମ୍ଭକରି ଆଜି ଏଠାରେ ପହଞ୍ଚିଛି। ତେଣୁ ଯୁବ ଉଦ୍ୟୋଗୀ ବିଶେଷକରି ଫର୍ନିଚର ମାନୁଫାକ୍ଚରିଂ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କୁ କହିବାକୁ ଚାହିଁବି, ଏହା କେବଳ ନିଷ୍ଠାପର ମନୋଭାବ, କଠିନ ପରିଶ୍ରମ, ନୂଆ ନୂଆ ଉଦ୍ଭାବନ ଦ୍ୱାରା ସଫଳତା ସମ୍ଭବ। ତୃଣମୂଳସ୍ତରରୁ ଶିଖିବା ସହ ନୂଆ ଜ୍ଞାନକୌଶଳ ପ୍ରୟୋଗକରି କିଛି ନୂଆ କରିବାକୁ ଚେଷ୍ଟା କରନ୍ତୁ। ଭୁଲ୍‌ରୁ ଶିଖନ୍ତୁ ଓ ନିଜକୁ ମାର୍ଜିତ କରନ୍ତୁ।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

ଧରିତ୍ରୀ | OrissaPOST BUSINESS EMINENCE AWARDS

# ସଞ୍ଜୀବ ଏଚ୍‌ସିଏଲ୍‌ର ନୂଆ ଅଧ୍ୟକ୍ଷ



ସଞ୍ଜୀବ କୁମାର ସିଂ

ନୂଆଦିଲ୍ଲୀ,୨୨।୩

ହିନ୍ଦୁସ୍ଥାନ କପର ଲିମିଟେଡ୍ (ଏଚ୍‌ସିଏଲ୍)ର ନୂଆ ଅଧ୍ୟକ୍ଷ ତଥା ଏମ୍‌ଡି ଭାବେ ସଞ୍ଜୀବ କୁମାର ସିଂ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ନେଇ ଖଣି ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ୨୦୨୫ ମାର୍ଚ୍ଚ ୨୧ରେ କାର୍ଯ୍ୟକାରୀ ହୋଇଛି। ତାଙ୍କର ଏହି ନିଯୁକ୍ତି ୨୦୨୬ ଜୁନ୍ ୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ। ସିଂ ୨୦୨୨ ମାର୍ଚ୍ଚଠାରୁ ଏଚ୍‌ସିଏଲ୍‌ର ନିର୍ଦ୍ଦେଶକ (ଖଣି) ଭାବେ କାର୍ଯ୍ୟ କରିଆସୁଥିଲେ। ଏପରିକି ଖଣି ଯୋଜନା, ଡିଜାଇନ, ବୈଧାନିକ ମଞ୍ଜୁରୀ ଏବଂ ପ୍ରକଳ୍ପଗୁଡ଼ିକର ଆର୍ଥିକ ମୂଲ୍ୟାଙ୍କନ କ୍ଷେତ୍ରରେ ତାଙ୍କର ୩୮ବର୍ଷରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରହିଛି। ୧୯୮୭ ରେ ସିଂ କେନ୍ଦ୍ରୀୟ ଖଣି ଯୋଜନା ଏବଂ ଡିଜାଇନ ପ୍ରତିଷ୍ଠାନରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୮ରେ ସେ ଏନ୍‌ଟିପିସି ଲିମିଟେଡ୍‌ରେ ଖଣି ଯୋଜନା ଏବଂ ଡିଜାଇନ ମୁଖ୍ୟ ଭାବେ ଯୋଗଦେଇଥିଲେ। ଖଣି କ୍ଷେତ୍ରରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି।

# ଗଣେଶ ସିଲ୍କରେ ଆକର୍ଷଣୀୟ କଲେକ୍ସନ

ଭୁବନେଶ୍ୱର,୨୨।୩ (ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତ ବର୍ଷର ଜାତୀୟ ସ୍ତରୀୟ ହସ୍ତତନ୍ତ୍ର ମେଳାରେ ତାମିଲନାଡୁର ପ୍ରମୁଖ ଗାର୍ମେଣ୍ଟସ ବ୍ରାଣ୍ଡ ଗଣେଶ ସିଲ୍କ ସାମିଲ ହୋଇଛି। ଏପରିକି ମେଳାର ପ୍ରଥମ ଗ୍ୟାଲେରିର ୧୧ନଂ. ଷ୍ଟଲ୍‌ରେ ଗଣେଶ ସିଲ୍କର ଏକ୍ସକ୍ଲୁସିଭ ଷ୍ଟଲ୍ ଖୋଲାଯାଇଛି। ଏହି ଷ୍ଟଲ୍ ଜରିଆରେ ବ୍ରାଣ୍ଡ ବିଭିନ୍ନ ବର୍ଗର ପ୍ରିମିୟମ ଶାଢ଼ି ବିକ୍ରି କରୁଛି। ଏପରିକି ୨୦୦୦ ଟଙ୍କାରୁ ପ୍ରାୟ ୩ଲକ୍ଷ ଟଙ୍କା ମୂଲ୍ୟର ହସ୍ତତନ୍ତ୍ର ଏବଂ ସିଲ୍କ ବ୍ରାଣ୍ଡର ଶାଢ଼ି ଉପଲବ୍ଧ। ସେହିଭଳି ଗଣେଶ ସିଲ୍କରେ ମହୀଶୂର, କାଞ୍ଚିଭରମ, ପଞ୍ଚମପଲ୍ଲୀ, ଉପାଡା, ଇକତ, ଧରମପୁର ଭଳି ପ୍ରିମିୟମ ବର୍ଗର



ଆକର୍ଷଣୀୟ କଲେକ୍ସନ ଆଦି ରହିଛି। ଏପରିକି ବିବାହ ଓ ଶୁଭକାର୍ଯ୍ୟ ପାଇଁ ସର୍ବନିମ୍ନ ଓଜନର ଆକର୍ଷଣୀୟ ଓ ଡିଜାଇନ ଶାଢ଼ି ଉପରୋକ୍ତ ବର୍ଗର ଶାଢ଼ିଗୁଡ଼ିକୁ ଉଭୟ ବିକ୍ରି ଓ ପ୍ରଦର୍ଶନୀ କରାଯାଉଛି।

ସେହିପରି ଏଠାରେ ସମସ୍ତ ବର୍ଗର ସିଲ୍କ ଶାଢ଼ି ଏବଂ ହସ୍ତତନ୍ତ୍ର ଶାଢ଼ି ସହି ସ୍ୱତନ୍ତ୍ର ଭାବେ ଡିଜାଇନିଂ କରାଯାଇଥିଲା ବିବାହ ସଂଗ୍ରହ (ୱେଡିଂ କଲେକ୍ସନ)ର ବ୍ୟାପକ ସମ୍ଭାର ଉପଲବ୍ଧ ରହିଛି।

# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସେନ୍‌ସୋଡାଇନ୍

**ନୂଆଦିଲ୍ଲୀ,୨୨।୩:** ହାଲିଅନ୍‌ର ଅଗ୍ରଣୀ ଓରାଲ କେୟାର ବ୍ରାଣ୍ଡ ସେନ୍‌ସୋଡାଇନ୍ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସାମିଲ ହୋଇଛି। ଏପରିକି ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ଅନ୍‌ଲାଇନ ଡେଣ୍ଟାଲ ସ୍କ୍ରିନିଂ ଟେଷ୍ଟ ସଫଳତାର ସହ ସମ୍ପୂର୍ଣ୍ଣ କରିବା ପାଇଁ ବ୍ରାଣ୍ଡ ଏକ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଛି। ୨୦୨୫ ମହାକୁମ୍ଭରେ ଆୟୋଜିତ ଏହି ରେକର୍ଡ-ବ୍ରେକିଂ ପଦକ୍ଷେପରେ ୨୭,୦୦୦ରୁ ଅଧିକ ଲୋକ ନିଜର ଦାନ୍ତ ଓ ମାଢ଼ି ଯାଞ୍ଚ କରାଇଥିଲେ, ଯାହା ସକ୍ରିୟ ମୁଖ ତଥା ପାଟି ଯତ୍ନର ମହତ୍ତ୍ୱ ସମ୍ପର୍କରେ ଭାରତୀୟମାନଙ୍କୁ ସଚେତନ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରୁଛି। ଏ ସମ୍ପର୍କରେ ହାଲିଅନ୍ ଇଣ୍ଡିଆ ସବ୍‌କଣ୍ଟିନେଣ୍ଟର ଓରାଲ ହେଲ୍‌ଥ ବିଭାଗର କାଟାଗୋରି ଲିଡ୍ କିସ୍‌ଲେ ସେଠ୍ କହିଛନ୍ତି, ସେନ୍‌ସୋଡାଇନ୍‌ରେ ଆମର ଲକ୍ଷ୍ୟ ହେଉଛି ଲୋକମାନଙ୍କୁ ସେମାନଙ୍କର ମୁଖ ସ୍ୱାସ୍ଥ୍ୟ ଦିଗରେ ପ୍ରଥମ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରିବା। ମହାକୁମ୍ଭ ୨୦୨୫ରେ ଏକ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିବା କେବଳ ଏକ ସଂଖ୍ୟା ସହ ଜଡ଼ିତ ନୁହେଁ-ବରଂ ଅନେକ ହଜାର ଲୋକଙ୍କ ନିକଟରେ ପହଞ୍ଚି ସଚେତନତା ସୃଷ୍ଟିକରି ଓ ପ୍ରତିଦିନ ଉତ୍ତମ ମୁଖ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତକରି ଆମେ ସୃଷ୍ଟିକରିବାକୁ ଚାହୁଁଥିବା ପ୍ରଭାବ ସହ ମଧ୍ୟ ଜଡ଼ିତ ରହିଛୁ। ଏପରିକି ଆମେ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ମାସରେ ସଚେତନତା ସୃଷ୍ଟିକରି ଏବଂ ମାଗଣା ଡିଜିଟାଲ ଡେଣ୍ଟାଲ ଚେକ୍ ଅପ୍ ପ୍ରଦାନକରି ଏହି ଅଭିଯାନକୁ ଆଗକୁ ବଢ଼ାଉଛୁ।

## ଅନ୍ୟାନ୍ୟ ଖବର

# ରାଜ୍ୟରେ ଦିନକୁ ୩ ବାଲ୍ୟବିବାହ

**ରାଜ୍ୟରେ ଦିନକୁ ୩ ବାଲ୍ୟବିବାହ**

## ନବରଙ୍ଗପୁର ଆଗରେ, ଦ୍ୱିତୀୟରେ ଗଞ୍ଜାମ

ଭୁବନେଶ୍ୱର,୨୨।୩ (ପି.ଟି.)

ଓଡ଼ିଶାରେ ବାଲ୍ୟବିବାହ ସ୍ଥିତି ଚିନ୍ତାଜନକ ରହିଛି। ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ତାହା ପ୍ରଭାବୀ ହୋଇପାରୁନାହିଁ। ଗତ ୬ ବର୍ଷ ମଧ୍ୟରେ ରାଜ୍ୟରେ ଦୈନିକ ୩ଟି ବାଲ୍ୟବିବାହ ଘଟୁଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ୨୦୧୯ରୁ ୨୦୨୫ ଫେବୃଆରୀ ମଧ୍ୟରେ ସାରା ରାଜ୍ୟରେ ମୋଟ ୮,୧୫୯ ବାଲ୍ୟବିବାହ ଘଟଣା ଘଟିଛି। ସେଥିମଧ୍ୟରୁ ୧,୩୪୭ ଘଟଣା କେବଳ ନବରଙ୍ଗପୁର ଜିଲାରେ ଘଟିଛି, ଯାହାକି ରାଜ୍ୟରେ ସର୍ବାଧିକ। ଏହାପଛକୁ ଗଞ୍ଜାମ ଜିଲା ରହିଛି। ଏଠାରେ ସେହି ସମୟ ମଧ୍ୟରେ ୯୬୬ ବାଲ୍ୟବିବାହ ହୋଇଛି। ସେହିପରି କୋରାପୁଟରେ ୬୩୬, ମୟୂରଭଞ୍ଜରେ ୫୯୪, ରାୟଗଡ଼ାରେ ୪୦୮, ବାଲେଶ୍ୱରରେ ୩୬୧, କେନ୍ଦୁଝରରେ ୩୨୮, କନ୍ଧମାଳରେ ୩୦୮ ଏବଂ ନୟାଗଡ଼ରେ ୩୦୮ ବାଲ୍ୟବିବାହ ସମ୍ପନ୍ନ ହୋଇଛି। ଏହି ତାଲିକାର ସବୁଠୁ ତଳେ ରହିଛି ଝାରସୁଗୁଡ଼ା ଜିଲା, ଯେଉଁଠି ୬ବର୍ଷରେ ଏଭଳି ୫୭ ଘଟଣା ଘଟିଥିବା ସରକାରୀ ତଥ୍ୟ ଦର୍ଶାଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ନମ୍ରତା ଚଢ଼ା କହିଛନ୍ତି ଯେ, ବାଲ୍ୟବିବାହ ରାତାରାତି ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇପାରିବ ନାହିଁ। ଆମକୁ ଏଭଳି ପରିବେଶ ତଥା କନ୍ୟାସନ୍ତାନ ଓ ସେମାନଙ୍କ ଅଭିଭାବକଙ୍କ ପାଇଁ ସୋସାଇଟି ଗଠନ କରିବାକୁ ପଡ଼ିବ, ଯାହା ସେମାନଙ୍କୁ ଏଭଳି ପଦକ୍ଷେପ ନେବାକୁ ଦେବ ନାହିଁ। ଆଦିବାସୀ ବିଶେଷକରି ଶିକ୍ଷା, ସାମାଜିକ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ଥିବା ପିଭିଟିଜି ବର୍ଗ ଆଦିବାସୀଙ୍କ କ୍ଷେତ୍ରରେ ଅପ୍ରାପ୍ତ ବୟସ୍କ ପିଲାଙ୍କ ବିବାହ ଏକ ପ୍ରଥା ଭାବେ ରହିଆସିଛି। ସେହିପରି ସାଧାରଣତଃ ଜୀବିକା ପାଇଁ ଅନ୍ୟ ସ୍ଥାନକୁ ପଳାୟନ କରୁଥିବା ଅଭିଭାବକମାନେ ସେମାନଙ୍କ କନ୍ୟାସନ୍ତାନଙ୍କୁ ବୈଧ ବୟସ ପୂର୍ବରୁ ବିବାହ କରାଇ ଦେଉଛନ୍ତି। କାରଣ ସେମାନେ ଆଶା କରୁଛନ୍ତି ଯେ, ଏହାଦ୍ୱାରା ସେମାନଙ୍କ କନ୍ୟାସନ୍ତାନଙ୍କ ଭବିଷ୍ୟତ ସୁରକ୍ଷିତ ରହିବ। ଏହାସହ ଝିଅମାନେ ବିବାହ ପୂର୍ବରୁ ଅନ୍ୟ କାହାସହିତ ପଳାଇ ଯାଇ ପରିବାର ପାଇଁ ନିନ୍ଦା ଆଣିବାର ଭୟ ଆଉ ରହିବ ନାହିଁ ବୋଲି ପ୍ରବାସୀ ଅଭିଭାବକମାନେ ଭାବୁଥିବା ସାମାଜିକ କର୍ମୀ ଚଢ଼ା କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସରକାର ବାଲ୍ୟବିବାହ ରୋକିବା ପାଇଁ ପ୍ରତି ତିନିମାସରେ ପଞ୍ଚାୟତ, ବ୍ଲକ ଓ ଅଙ୍ଗନୱାଡି ସ୍ତରରେ ବ୍ୟାପକ ସଚେତନତା ଅଭିଯାନ ଆୟୋଜନ କରୁଛନ୍ତି ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି। ସରକାରୀ ବ୍ୟବସ୍ଥା ଅନୁଯାୟୀ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଆବାସିକ ହଷ୍ଟେଲଗୁଡ଼ିକର ୱାର୍ଡେନ୍/ମାଟ୍ରୋନମାନେ ଚିଫ୍ ମ୍ୟାରେଜ୍ ପ୍ରୋହିବିଶନ ଅଫିସର ଭାବେ କାର୍ଯ୍ୟ ତୁଲାଉଛନ୍ତି। ସେହିପରି ସ୍କୁଲ ଓ କଲେଜଗୁଡ଼ିକର ମୁଖ୍ୟମାନଙ୍କୁ ଚିଫ୍ ମ୍ୟାରେଜ୍ ଇନ୍‌ଫରମେଶନ ଅଫିସର ଭାବେ ନିଯୁକ୍ତ କରାଯାଇଛି। ବାଲ୍ୟବିବାହ ନିରୋଧ ଆଇନ ଅନୁଯାୟୀ ଗଠିତ ରାଜ୍ୟସ୍ତରୀୟ କମିଟିର ବୈଠକ ପ୍ରତି ୬ ମାସରେ ଥରେ ଅନୁଷ୍ଠିତ ହୋଇଥାଏ ବୋଲି ଅଧିକାରୀ ଜଣକ କହିଛନ୍ତି।

# ଟ୍ରକ୍-ବାଇକ୍ ଧକ୍କା, ଜଣେ ମୃତ

ବଇଣ୍ଡା,୨୨।୩ (ପରିକ୍ଷିତ ସାହୁ)

ବଇଣ୍ଡା - ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ହଣ୍ଡପା ଥାନା ଗାଁବଇଣ୍ଡା ନିକଟସ୍ଥ ନୂଆଁପାଟଣା ସାହିଠାରେ ଶନିବାର ରାତି ୮ଟା ୩୦ରେ ଏକ ଟ୍ରକ୍ ଓ ବାଇକ୍ ମଧ୍ୟରେ ଧକ୍କା ଦେଇଛି। ଫଳରେ ବାଇକ୍ ଚାଳକ ଠାକୁରଗଡ଼ ଥାନା ଝିଲ୍ଲୀମୁଣ୍ଡା ଗ୍ରାମର ହେମନ୍ତ ନାୟକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ବାଇକ୍ ପଛରେ ବସିଥିବା ନୂଆଁପାଟଣା ସାହି ଅଞ୍ଚଳର ପୂର୍ଣ୍ଣ ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ହେମନ୍ତ ଓ ପୂର୍ଣ୍ଣ ଏକ ବାଇକ୍ ଯୋଗେ ବଇଣ୍ଡାରୁ ଗାଁ ବଇଣ୍ଡା ଅଭିମୁଖେ ଯାଉଥିବାବେଳେ ବିପରିତ ଦିଗରୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଖବରପାଇ ବଇଣ୍ଡା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଓଲଟିଲା ବସ୍, ୨୦ରୁ ଊର୍ଦ୍ଧ୍ୱ ଆହତ

ବାଲୁଗାଁ,୨୨।୩(ସଂଗ୍ରାମ ପାଇକରାୟ)

୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଇପାସ୍ ରାସ୍ତା ବ୍ରାହ୍ମଣକୁଶ ଛକଠାରେ ଶନିବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟିପଡ଼ିଛି। ଫଳରେ ବସ୍‌ରେ ଥିବା ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ସିଲ୍କ ସିଟି ନାମକ ଏକ ବସ୍(ଓଡି ୧୫ଇ ୬୪୫୬) କଟକରୁ ପ୍ରାୟ ୨୫ଜଣ ଯାତ୍ରୀଙ୍କୁ ନେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଅପରାହ୍ନ ୪ଟାରେ ବାଲୁଗାଁ ବାଇପାସ୍ ରାସ୍ତାର ବ୍ରାହ୍ମଣକୁଶ ଛକଠାରେ କୌଣସି କାରଣରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ବିଲକୁ ଓଲଟି ପଡ଼ିଥିଲା। ଖବରପାଇ ବାଲୁଗାଁ ଥାନାର କାର୍ଯ୍ୟରତ ହାଇୱେ ପାଟ୍ରୋଲିଂ ଗାଡ଼ି ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ୨୦ରୁ ଊର୍ଦ୍ଧ୍ୱ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ଏକ ବସ୍‌ରେ ସମସ୍ତଙ୍କୁ ବ୍ରହ୍ମପୁର ପଠାଇ ଦିଆଯାଇଛି। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବସକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

# ହାତୀର ଗଳିତ ମୃତଦେହ ଜବତ

ବନ୍ତଲା,୨୨।୩(ସୁଶିତ ସାହୁ)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟର ପମ୍ପାସର ବନାଞ୍ଚଳ କନ୍ତାରସିଙ୍ଗା ଝରଣା ଭିତରୁ ଏକ ହାତୀର ଗଳିତ ମୃତଦେହ ଶନିବାର ବନ ବିଭାଗ ଉଦ୍ଧାର କରିଛି। ମୃତ ହାତୀର ମୁହଁ ଫାଟିଥିବାରୁ କିଛି ବିସ୍ଫୋରକ ପଦାର୍ଥ ଖାଇବା ଦ୍ୱାରା ଏମିତି ହୋଇଥିବା ସନ୍ଦେହ କରାଯାଉଛି। ହାତୀର ମୃତଦେହ ସମ୍ପର୍କରେ ଗତ ୨୧ ତାରିଖରେ ବନ ବିଭାଗକୁ ସୂଚନା ମିଳିଥିଲା। ମୃତଦେହ ବ୍ୟବଚ୍ଛେଦ କରିଥିବା ସାତକୋଶିଆ ପ୍ରାଣୀ ଚିକିତ୍ସକ ଡା. କିଶୋର ସାହୁ ଓ ବନ୍ତଲା ପ୍ରାଣୀ ଚିକିତ୍ସକ ଡା. ଦେବାଶିଷ ପଣ୍ଡା କହିଛନ୍ତି, ପ୍ରାୟ ୫ ଦିନ ପୂର୍ବରୁ ହାତୀର ମୃତ୍ୟୁ ହୋଇଛି। ପାଣି ଭିତରେ ପଡିଥିବାରୁ ମୃତଦେହ ପଚି ଯାଇଛି। ମୃତ ହାତୀର ବୟସ ୫ ବର୍ଷ ହେବ ଓ ମୁହଁ ହାଡ଼ ଭାଙ୍ଗିଯାଇଛି। ଅନ୍ୟପକ୍ଷରେ ବନବିଭାଗର ନିଷ୍କ୍ରିୟତା କାରଣରୁ ହାତୀଟିର ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀ ସ୍ଥିତି ପରଖୁ ନ ଥିବାରୁ ଶିକାରୀମାନଙ୍କ ଅବାଧ ଶିକାର ବଢ଼ିଥିବା ଅଭିଯୋଗ ହେଉଛି।




କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କ ସହ ବିମାନଯାତ୍ରାବେଳେ ସେଲ୍ଫି ନେଉଛନ୍ତି ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା।

## 'ସମାନ ଦିଗରେ ଯାଉଛୁ'

ନୂଆଦିଲ୍ଲୀ, ୨୨।୩

କିଛିଦିନ ଧରି ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ଦଳଠାରୁ ଅଲଗା ଆଭିମୁଖ୍ୟ ରଖୁଥିବା ନେଇ ଚର୍ଚ୍ଚା ହୋଇଆସୁଛି। ଏଭଳି ସମୟରେ ଶନିବାର ତାଙ୍କୁ ନେଇ ସୋସିଆଲ ମିଡିଆରେ ପୁଣି ଆଲୋଚନା ଆରମ୍ଭ ହୋଇଛି। ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ସହ ଥରୁରଙ୍କ ଏକ ସେଲ୍ଫି ଭାଇରାଲ ହୋଇଛି। ବୈଜୟନ୍ତ ଏକ୍ସ'ରେ ଥରୁରଙ୍କ ସହ ଉଭୟଙ୍କ ସେଲ୍ଫି ସେୟାର କରି ଲେଖିଛନ୍ତି, 'ମୁଁ ଏବଂ ମୋ ବନ୍ଧୁ ତଥା ଅଭିଯାତ୍ରୀ ଦୁହେଁ ଏବେ ସମାନ ଦିଗରେ ଯାଉଛୁ।' ଏଭଳି ମନ୍ତବ୍ୟ ପରେ ସୋସିଆଲ ମିଡିଆରେ ଥରୁର ଭାଜପା ଆଡ଼କୁ ଢଳିବା ନେଇ ଗୁଡୁଗୁଡ଼ୁଗୁପୁର ଆରମ୍ଭ ହୋଇଛି। ସେପଟେ ଥିରୁଭନନ୍ତପୁରମ ଏମ୍‌ପି ଥରୁର କହିଛନ୍ତି, ଭୁବନେଶ୍ୱରରେ କଳିଙ୍ଗ ସାହିତ୍ୟ ଉତ୍ସବରେ ଯୋଗଦେବାକୁ ଆମେ ଦୁହେଁ ସମାନ ଦିଗରେ ଯାଉଛୁ। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଥରୁର କଂଗ୍ରେସରେ ଅଣଦେଖା କରାଯାଉଥିବା ଦର୍ଶାଇ ତାଙ୍କ ନିକଟରେ ଅନେକ ବିକଳ୍ପ ଅଛି ବୋଲି କହିଥିଲେ।

### ଘଟଣାରେ ରାୟଗଡ଼ା ଭାଜପା ଜିଲ୍ଲା ସଭାପତି ଓ ଅତିରିକ୍ତ ଜିଲ୍ଲାପାଳ ବିବାଦ

# ପୂର୍ବ ସରକାରଙ୍କ ଅମଳରେ ଏମିତି ହେଉ ନ ଥିଲା: ବିଜେଡି

ରାୟଗଡ଼ା, ୨୨।୩(ଆଶିଷ ରଞ୍ଜନ ପଣ୍ଡା)


ରାୟଗଡ଼ା ସୁଭାସ ନଗରଠାରେ ବିଜେଡି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତାମାନେ।

ରାୟଗଡ଼ା ଜିଲ୍ଲାରେ ଶାସକ ଦଳ ନେତା ଓ ସରକାରୀ ଅଧିକାରୀଙ୍କ ଭିତରେ ବିବାଦ ଘନେଇବାରେ ଲାଗିଛି। ଭାଜପା ଜିଲ୍ଲା ସଭାପତି ଗୋପୀ ଆନନ୍ଦ ଓ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କ ବିବାଦ ଥାନା ଯାଏ ପହଞ୍ଚିଛି। ଏହି ଘଟଣାକୁ ନେଇ ପୂର୍ବରୁ କଂଗ୍ରେସ ନିନ୍ଦା କରିଥିବାବେଳେ ଶନିବାର ବିଜେଡି ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଛି। ଏହାକୁ ନେଇ ଜିଲ୍ଲାରେ ରାଜନୈତିକ ଉତ୍ତପ୍ତତା ବୃଦ୍ଧି ପାଇଛି।

ବିଜେଡି ତରଫରୁ ଶନିବାର ରାୟଗଡ଼ା ସୁଭାସ ନଗରଠାରେ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଜିଲ୍ଲା ବିଜେଡି ସଭାପତି ଏନ୍. ଭାସ୍କରରାଓ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲ୍ଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ରାଜ୍ୟରେ ପୂର୍ବରୁ କଂଗ୍ରେସ ଓ ପରେ ବିଜେଡି ଦୀର୍ଘ ବର୍ଷ ଧରି ଶାସନ କରିଥିଲେ ମଧ୍ୟ ରାଜନେତା ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ବିବାଦ ଜିଲ୍ଲାରେ ପ୍ରଥମଥର ଦେଖିବାକୁ ମିଳିଛି ବୋଲି ଭାସ୍କର ରାଓ ଓ ଗଙ୍ଗା ପୁଆଲା କହିଛନ୍ତି। ଭାଜପା ଜିଲ୍ଲା ସଭାପତି ନୂଆ ପଦ ପାଇବାର ମାତ୍ର ମାସକ ଭିତରେ ଓଏଏସ୍ ଅଧିକାରୀ ସଂଘ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା। ଥାନାରେ ଏତଲା ମଧ୍ୟ ହେଲା।

ଅନ୍ୟପକ୍ଷେ ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କ ନାଁରେ ମଧ୍ୟ ସ୍ଥାନୀୟ ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ତେଣୁ ଉଭୟ ମାମଲାର ନିରପେକ୍ଷ ତଦନ୍ତ କରାଯାଉ ବୋଲି ବିଜେଡି କହିଛି। ଉଭୟ ପକ୍ଷରୁ ଥାନାରେ ଏତଲା ଦାଏର ପରେ ପୋଲିସ ୨ଟି ମାମଲା ରୁଜୁକରି ତଦନ୍ତ କରୁଥିବା ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି। ରାଜ୍ୟ ଓ କେନ୍ଦ୍ରରେ ଶାସନଗାଦିରେ ଥିବା ଭାଜପା ନେତାଙ୍କ ଏଭଳି କାର୍ଯ୍ୟ କରିବା ନିନ୍ଦନୀୟ ବୋଲି ବିଜେଡି ଅଭିଯୋଗ କରିଛି। ଭାଜପା ଜିଲ୍ଲା ସଭାପତି ଅତିରିକ୍ତ ଜିଲ୍ଲାପାଳଙ୍କୁ ହ୍ୱାଟ୍ସଆପରେ ଯେଉଁ ବିଜେଡି ନାମ ନେଇ ମେସେଜ କରିଛନ୍ତି ତାହା ନିନ୍ଦନୀୟ। ବିଜେଡିର ୨୪ ବର୍ଷ ଶାସନ କାଳରେ କେବେ ଏଭଳି ଆଚରଣ ଓ ଉଚ୍ଚାରଣ ପ୍ରଦର୍ଶନ କରିନାହିଁ ବୋଲି ଗୋପୀଙ୍କୁ ଭର୍ତ୍ସନା କରିଥିଲେ ବିଜେଡିର ବରିଷ୍ଠ ନେତା। ଏଭଳି ଅବସ୍ଥା ହେଲେ ଅଫିସର ଜିଲ୍ଲାରେ ରହିବେନି କି ଜନହିତକର ଯୋଜନା କାର୍ଯ୍ୟକାରୀ ହୋଇପାରିବନାହିଁ ବୋଲି ଭାସ୍କର ରାଓ କହିଛନ୍ତି। ସେହିପରି ଉଗାଦି ପର୍ବ ପାଳନ ନାମରେ ବ୍ୟବସାୟୀଙ୍କଠାରୁ ଜୋର ଜବରଦସ୍ତ ଚାନ୍ଦା ଆଦାୟ ହେଉଛି। ତେଣୁ ପୋଲିସ ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ବୋଲି ଭାସ୍କର କହିଛନ୍ତି।

କଂଗ୍ରେସ କିମ୍ବା ବିଜେଡି ସରକାର ସମୟରେ ଏଭଳି କେବେ ଘଟିନାହିଁ। ତେଣୁ ଯେଉଁସବୁ ଅଭିଯୋଗ ପୋଲିସ ନିକଟରେ ପହଞ୍ଚିଛି ତାହାର ଠିକ୍ ତଦନ୍ତ କରାଯାଉ ବୋଲି ପୂର୍ବତନ ମନ୍ତ୍ରୀ ହିମିରିକା କହିଛନ୍ତି।

ଭାଜପା ଜିଲ୍ଲା ସଭାପତି ଗୋପୀ ଆନନ୍ଦ ଯଦି କିଛି ତଥ୍ୟ ଚାହୁଁଥିଲେ ତାହା ଠିକ୍ ଭାବରେ ମାଗିପାରିଥାନ୍ତେ। ନଚେତ୍ ସୂଚନା ଅଧିକାର ଆଇନ ବଳରେ ଆବେଦନ କରିପାରିଥାନ୍ତେ। ତେବେ ତଥ୍ୟ ମାଗିବା ଆଳରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଧମକ ଦେବା ନିନ୍ଦନୀୟ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗା ପୁଆଲା କହିଛନ୍ତି। ରାଜ୍ୟ ସରକାର ଏକ କମିଟି ଗଠନକରି ଘଟଣାର ନିରପେକ୍ଷ ତଦନ୍ତ କରନ୍ତୁ ବୋଲି ବିଜେଡି ଦାବି କରିଛି।

ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କାଶୀପୁର ବ୍ଲକ୍ ଅଧ୍ୟକ୍ଷ କଣ୍ଠ ମାଝୀ, ରାୟଗଡ଼ା ବ୍ଲକ୍ ଅଧ୍ୟକ୍ଷା ତୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ଜିଲ୍ଲା ପରିଷଦ ସଭ୍ୟା ସଞ୍ଚ୍ୟା ପୁଲାକା, କେସିସି ବ୍ୟାଙ୍କ ସଭ୍ୟ ବି. ତିରୁପତିପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଭାଜପା ରାୟଗଡ଼ା ଜିଲ୍ଲା ସଭାପତି ସ୍ଥାନୀୟ ବ୍ୟବସାୟୀଙ୍କୁ ଧମକ ଚମକ ଦେଇ ମୋଟା ଅଙ୍କର ମାସିକ ଚାନ୍ଦା ଆଦାୟ କରୁଛନ୍ତି ବୋଲି ଶନିବାର ଶଙ୍ଖ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ କହିଛନ୍ତି।

# ବିଜେଡି ବାଟରେ ଯାଉଛି ଭାଜପା: କଂଗ୍ରେସ



କେନ୍ଦୁଝରେ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ସମେତ ଅନ୍ୟମାନେ।

## ରାଜ୍ୟରେ ନାରୀ ନିର୍ଯାତନା ବନ୍ଦ ନ ହେଲେ ଆନ୍ଦୋଳନ

କେନ୍ଦୁଝର, ୨୨।୩(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ରାଜ୍ୟରେ ମହିଳା ହିଂସା ସୀମା ଟପିଛି ବୋଲି ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି। କେନ୍ଦୁଝର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟରେ ବିଜେଡି ୨୪ ବର୍ଷର କୁଶାସନ ପରେ ଭାଜପା ସରକାରରେ ମଧ୍ୟ ଏବେ ମହିଳା ଅସୁରକ୍ଷିତ। ରାଜ୍ୟ ସରକାରଙ୍କ ମା'କୁ ସମ୍ମାନ, ବେଟି ବଚାଓ, ବେଟି ପଢ଼ାଓ, ଶକ୍ତି, ସୁଭଦ୍ରା ଓ ମିଶନ ଶକ୍ତି ଭଳି କାର୍ଯ୍ୟକ୍ରମ ମହିଳା ବିରୋଧୀ ହୋଇଯାଇଛି। ପୂର୍ବତନ ବିଜେଡି ସରକାର ବାଟରେ ଭାଜପା ସରକାର ଯାଉଛନ୍ତି। ଭାଜପା ସରକାର ବିରୋଧରେ କଂଗ୍ରେସ ରାଜ୍ୟ ସାରା ଆନ୍ଦୋଳନ କରିବ ବୋଲି ନିଶିକାନ୍ତ କହିଛନ୍ତି।

ନିଶିକାନ୍ତ ଆହୁରି କହିଛନ୍ତି, ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ୮ ମାସ ହେଲାଣି ଡବଲ ଇଞ୍ଜିନ ସରକାର ଚାଲିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଜ ଜିଲ୍ଲା କେନ୍ଦୁଝର ହୋଇଥିଲେ ମଧ୍ୟ ଏଠି ବି ଛାତ୍ରୀ ଓ ମହିଳା ଅସୁରକ୍ଷିତ। ପୂର୍ବ ବିଜେଡି ସରକାର ସମୟରେ ଡିଏମ୍‌ଏଫ୍ ବାବଦରେ ଅନେକ କୋଟି ଟଙ୍କା ଲୁଟ୍ କରାଯାଇଛି। ଏବେ ଭାଜପା ସରକାର ସମୟରେ ସମାନ ପରିସ୍ଥିତି। ବିଜେଡି ଯେଉଁ ବାଟରେ ଯାଉଥିଲା, ଭାଜପା ସେହି ବାଟରେ ଯାଉଛି। ଏଣୁ କଂଗ୍ରେସ ଏକ ମାତ୍ର ବିକଳ୍ପ ବୋଲି ପିସିସି ମୁଖପାତ୍ର କହିଛନ୍ତି। ନାରୀ ନିର୍ଯାତନା, ବିଧାନସଭାରେ ଶାସକ ଦଳର ଅସାମ୍ବିଧାନିକ କାର୍ଯ୍ୟ ପ୍ରତିବାଦରେ ମାର୍ଚ୍ଚ ୨୭ରେ ଭୁବନେଶ୍ୱରଠାରେ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପିସିସି ପର୍ଯ୍ୟବେକ୍ଷକ ଓ ନେତୃବୃନ୍ଦ କହିଛନ୍ତି।

ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ଇଂ. ସୁବର୍ଣ୍ଣ ନାଏକ, ପୂର୍ବତନ ଏମ୍‌ପି ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ, ତେଲକୋଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିର୍ମଳ ଚନ୍ଦ୍ର ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ସଦର ବ୍ଲକ୍ ସଭାପତି ଉତ୍ତମ ସାହୁ, ଜିଲ୍ଲା କଂଗ୍ରେସ ମିଡ଼ିଆ ଅଧକ୍ଷ ଦିଲ୍ଲୀପ କୁମାର ସାହୁ, ସୁଜଳ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।


## ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବୌଦ୍ଧ

ପତ୍ର ସଂଖ୍ୟା ୪୧୮ ତାରିଖ ୧୭.୦୩.୨୦୨୫

### ନିଲାମ ବିଜ୍ଞାପନ

No.L-202:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବୌଦ୍ଧ ଜିଲ୍ଲାର ନିମ୍ନଲିଖିତ ଫାର୍ମମାନଙ୍କରେ ଥିବା ଫଳନ୍ତି ଆମ୍ବ ଗଛର ନିଲାମ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ନିଲାମ ପତ୍ର ଆହ୍ୱାନ କରାଯାଉଅଛି । ନିର୍ଦ୍ଧାରିତ ଫର୍ମ ଏବଂ ସର୍ତ୍ତାବଳୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ହୋଇପାରିବ । ପ୍ରତ୍ୟେକ ଫର୍ମ ପାଇଁ ଦରଖାସ୍ତ ସହିତ ଟ.୩୦୦୦/ଙ୍କା (ତିନି ହଜାର ଟଙ୍କା) ମାତ୍ରର ଅମାନତ ରାଶି ନିମ୍ନ ସ୍ୱାକ୍ଷରକାରୀଙ୍କ ନାମରେ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଦାଖଲ କରିବାକୁ ପଡିବ । ଆଗ୍ରହୀ ବ୍ୟକ୍ତିବିଶେଷ ନିଲାମ ପତ୍ରଗୁଡିକ ତା.୨୬.୦୩.୨୦୨୫ ରିଖ ଅପରାହ୍ନ ୦୧.୦୦ ଘଟିକା ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ତା.୨୭.୦୩.୨୦୨୫ ରିଖ ଅପରାହ୍ନ ୧୨.୦୦ ଘଟିକା ସମୟରେ ନିଲାମ ପତ୍ର ଦାଖଲ କରିଥିବା ବ୍ୟକ୍ତି କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଏକ କମିଟି ସମ୍ମୁଖରେ ଖୋଲାଯାଇ ସର୍ବାଧିକ ନିଲାମ ରାଶି ଦେଇଥିବା ବ୍ୟକ୍ତିବିଶେଷଙ୍କୁ ବିଚାରକୁ ନିଆଯିବ । ଇଚ୍ଛୁକ ପ୍ରାର୍ଥୀ ଯେକୌଣସି କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ସୀମା ମଧ୍ୟରେ ଫାର୍ମ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅନୁମତି କ୍ରମେ ଫାର୍ମ ବୁଲି ଦେଖିପାରିବେ । ନିଲାମ ପେପର ପକାଇଥିବା ଖାମ୍/ ଏନଭଲପ୍ ଉପରେ ଫାର୍ମର ନାମ ଉଲ୍ଲିଖିତ କରିବେ ।

ନିଲାମ ହେବାକୁ ଥିବା ଫାର୍ମର ବିବରଣୀ

| କ୍ର.ସଂଖ୍ୟା | ଫାର୍ମର ନାମ | ଠିକଣା | ଫଳନ୍ତି ଗଛର ନାମ |
|---|---|---|---|
| ୧ | ପାଲଝାର ଫାର୍ମ | ପାଲଝାର, ବୌଦ୍ଧ | ଆମ୍ବ |
| ୨ | ବଡବନ୍ଧ ନର୍ସରୀ | ବଡବନ୍ଧ, ହରଭଙ୍ଗା ବ୍ଲକ | ଆମ୍ବ |
| ୩ | ଗୁଲୁଗୁଲାପଦର ନର୍ସରୀ | ଗୁଲୁଗୁଲାପଦର, କଣ୍ଟାମାଳ ବ୍ଲକ | ଆମ୍ବ |

ସ୍ୱା./- ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ବୌଦ୍ଧ

OIPR-01466/11/0001/2425

## OFFICE OF THE BARIPADA MUNICIPAL COUNCIL, BARIPADA

Phone:06792-252703, Fax:-06792-252703, Email:baripadam.hud@nic.in
Website:www.baripadamunicipality.in
No.586, Date:20.03.2025

### DTCN PART-I (TECHNICAL BID) SECTION-II COMPETITIVE BIDDING THROUGH 'e' Procurement

No.C-1949:The Executive Officer on behalf of Baripada Municipality, Baripada invites percentage rate bids in single cover system in ONLINE MODE only in conformity with Detailed Tender Call Notice (DTCN). Bid documents consisting of work, Estimated Cost, Cost of Tender Paper, EMD and Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

Tender Reference No.BPDM-1 of 2025-2026 Tender I.D. No.:2025_ORULB_111830

| Sl. No. | Description | Critical Dates |
|---|---|---|
| 1 | Procurement Officer-Publisher/ Tender inviting Authority/Bids | Executive Officer, Baripada Municipality, Baripada |
| 2 | Name of the Work | As per DTCN |
| 3 | Nos. of Works | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders online for bidding | From Dt.22.03.2025 (01.00 PM) to Dt.07.04.2025 (5.00 PM) |
| (ii) | Last date and time of bidding online (Submission of Bids) | Dt.07.04.2025 (5.00 P.M.) |
| (iii) | Date and Time of opening of the Bids received online | Dt.08.04.2025 (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

Detail Tender Call Notice (DTCN) may also be seen from the 'e' procurement portal i.e. www.tendersorissa.gov.in and Baripada Municipality Website i.e. www.baripadamunicipality.in
Corrigendum or Addendum if any will not be published in newspapers and can be seen in e-procurement portal as well as in Baripada Municipality website.

Sd./- Executive Officer, Baripada Municipality

OIPR-13078/11/0029/2425

## OFFICE OF THE CHIEF EXECUTIVE, RPRC, BHUBANESWAR

(e-mail Id: rprcbbsr@gmail.com), Tel.: (0674) 2557925

### NOTICE INVITING TENDER THROUGH e-Procurement

No. MM-538 Bid Identification No. RPRC/26/2024-25
T-06/2025 Notice No. 488/RPRC Date: 17.03.2025

1. Name of the Project in brief : Remodeling & Expansion of Existing Orchidarium
2. Estimated Cost : Rs.570.30 lakhs
3. Period of Completion : 12 (Twelve) Calendar Months
4. Class of Contractor : "A" only
5. Availability of bid document : 24.03.2025 / 10.00 A.M. to 15.04.25 / 10.00 A.M. in website: www.rprcbbsr.in / e-portal https://rprc.ewizard.in
6. Opening of (Technical Bid) : 16.04.2025 / 11.30 A.M.

New bidders to register on the portal https://rprc.ewizard.in and send a mail to eprochelpdesk.101@gmail.com with details. For queries on registration & online tender submission contact to: Mr. Shivendra Kumar, Mobile: 9355030613 and Jitesh Kumar, Mobile: 9355030604, e-mail: eprochelpdesk.101@gmail.com.

Sd./- Chief Executive, RPRC, Bhubaneswar

OIPR-08004/11/0034/2425

## OFFICE OF THE DIRECTOR, CAPITAL HOSPITAL, BHUBANESWAR

ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ

Unit - VI, Ganga Nagar, Udyan Marg, Bhubaneswar - 751001, Khordha
Email: substorechb@gmail.com / director.chb@gmail.com
Ph: 0674-2391983/85/79

No. 3074/Sub-store/ /2024 Date: 18th March, 2025

### TENDER CALL NOTICE

No. E-817: Sealed tenders are invited from Wholesalers/ Distributors for supply of "Drugs & Medical Consumables" to the Director of Capital Hospital, Bhubaneswar for the year 2025-2026 through Courier Service/Speed Post/Registered Post only. For details, please visit our website: www.capitalhospital.nic.in (WWW.CAPITALHOSPITAL.NIC.IN). The details of last date & time of receipt of tender, pre-bid meeting, date & time of opening of tender, venue etc. are mentioned in the bid documents. The undersinged reserves the right to reject or cancel any or all the tender without any reason thereof.

Sd./- Director, Capital Hospital, Bhubaneswar

OIPR-10078/11/0007/2425

## OFFICE OF THE MUNICIPAL COUNCIL, JAGATSINGHPUR

### QUOTATION CALL NOTICE

No.1907, Dt.20.03.2025

No.C-1942: On behalf of the Municipal Council, Jagatsinghpur Municipality, sealed quotations are invited from intending bidders/NGOs for "Water Kiosks- Paniya Jala Bitarana Kendra (Supply of drinking water) in different places of Jagatsinghpur Municipality" including cost of all materials etc. complete in conformity with the Detailed Quotation Call Notice and as per the direction of the Municipal authority.

The last date of submission of quotation is 27.03.2025 upto 4.00 PM and will be opened on 28.03.2025 at 4.00 PM. The sealed quotations should be sent to the Executive Officer, Jagatsinghpur Municipality through Registered post/ Speed Post only upto 12.00 PM on dt.28.03.2025. Further detailed information regarding specification and format for quotations is available in the website of Jagatsinghpur Municipality and Jagatsinghpur District website from 21.03.2025 to 27.03.2025 only.

Authority reserves the right to reject or accept any or all the quotations without assigning any reason thereof.

Sd./- Executive Officer, Jagatsinghpur Municipality

OIPR-13087/11/0024/2425

## ODISHA HYDRO POWER CORPORATION LTD.

O/o. Sr. GENERAL MANAGER
HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765, E-Mail: srgmhps_burla@yahoo.co.in
CIN: U40101OR1995SGC003963

No. HHEP/WK-27/10/1565 Date: 19.03.2025

### NOTICE INVITING TENDER No. HHEP-12/2025

No. CAD-2893: Sealed tenders are invited in single part in sealed envelopes from the reputed manufacturers/authorized dealers/channel partners/reputed suppliers for supply of the following material as mentioned below.

| Description | Cost of tender Paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of sale/ download of tender document | Last date & time of receipt of tender document | Date & time of Opening of Bid |
|---|---|---|---|---|---|
| Procurement of 01 No. of 5HP self priming mono block pump set with 3 Phase Stator for the above pump and Suction/Delivery House 80 MM 15 Mtr. with Fittings for #7 of Burla Power House | Rs.472/- (Rs.400/- + GST @ 18%) | 650.00 | 24.03.2025 11.00 A.M. to 07.04.2025 upto 03.00 P.M. | 07.04.2025 upto 04.00 P.M. | 07.04.2025 at 04.30 P.M. |

For details of the tender documents, terms and conditions please visit our website www.ohpcltd.com. If any of the above dates fall on holiday(s), or the office is closed due to any other reason the next working day will be treated as the effective date.

OIPR-04007/11/0032/2425 Sd./- Unit Head, HHEP, Burla

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org

ପତ୍ରସଂଖ୍ୟା ୩୯ ତା.୦୩.୦୩.୨୫

### ବିଜ୍ଞାପନ

No.CAD-2902:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ୍‌ଆଇଜି-୪ (MIG-4), ପଠାଣିସାମନ୍ତ କମ୍ପୋଜିଟ ହାଉସିଂ ସ୍କିମ୍, ମୁକ୍ତାପୁର, ନୟାଗଡ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ, ପିତା-ବାସୁଦେବ ପାଣିଗ୍ରାହୀ, ସା-ରଙ୍ଗଣିପାଟଣା, ପୋ-ରଙ୍ଗଣିପାଟଣା, ଥାନା-ଓଡ଼ଗାଁ, ଜିଲ୍ଲା-ନୟାଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସୁବ୍ରତ କୁମାର ପାତ୍ର, ପିତା- ସୁବାଷ ଚନ୍ଦ୍ର ପାତ୍ର, ସା-ନୂଆରାଜବାଟୀ ଲେନ୍, ପୋ/ଥାନା- ନୟାଗଡ଼, ଜିଲ୍ଲା-ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0490/2425

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org

ପତ୍ରସଂଖ୍ୟା ୪୦ ତା.୦୩.୦୩.୨୫

### ବିଜ୍ଞାପନ

No.CAD-2909:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏମ୍‌ଆଇଜି-୨-୧୦ (MIG-II-10), ଏସ୍‌ଏଚ୍‌ଏସ୍, ଲାଲଟିକିରା, ବଲାଙ୍ଗୀର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଜୟକିଶନ ମେହେର, ପିତା-ଧବଳେଶ୍ୱର ମେହେର, ସା-ଜରାସିଂଘ, ପୋ-ଜରାସିଂଘ, ଥାନା-ଦେଓଗାଁ, ଜିଲ୍ଲା-ବଲାଙ୍ଗୀରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ଜୟକିଶନ ମେହେର ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସୁଜାତା ପାଣିଗ୍ରାହୀ, ସ୍ୱାମୀ-ମନୋଜ କୁମାର ପାଣିଗ୍ରାହୀ, ସା-ତଲିପଡ଼ା, ନଅଗାଁ (B), ପୋ-ନଅଗାଁ (B), ଥାନା-ଲୋଇସିଂଘା, ଜିଲ୍ଲା-ବଲାଙ୍ଗୀରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0504/2425

## ODISHA HYDRO POWER CORPORATION LTD.

O/o. SR. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.5, BURLA- 768017, DISTRICT: SAMBALPUR (ODISHA), INDIA
PHONE: 0663-2950721 (O), 2950765 (R), E-Mail: srgmhps_burla@yahoo.co.in,
CIN: U40101OR1995SGC003963

No.HHEP/Tech-WK-46/2 (Vol-IV) / 1605 Date: 21.03.2025

### NOTICE INVITING TENDER No.HHEP-13/2025

No.CAD-2924: Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from Govt. registered Contractors/ Agencies having eligibility criteria only for execution of the following work.

| Description of Work | Cost of tender paper (Non-refundable) in Rs. | EMD in shape of DD/Banker's Cheque (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial Bid |
|---|---|---|---|---|---|
| Annual Maintenance Contract for Hydro Generating Units, their auxiliaries and other equipments of Burla Power House for a period of one year (as per section-IV) | 11,800/- (Rs.10000/-+ GST @ 18% | 70,000/- | From 24.03.2025, (11.00 AM) to 08.04.2025 Upto 03.00 PM | 08.04.2025 Upto 03.30 PM | 08.04.2025 at 04.00 PM |

For details of the tender documents, terms and conditions please visit our website www.ohpcltd.com. If any of the above dates fall on holiday(s), or the office is closed due to any other reason the next working day will be treated as the effective date.

OIPR-04007/11/0033/2425 Sd./- C & P Head, HHEP, Burla

## OFFICE OF THE DIVISIONAL HEAD (ELECTRICAL) IDCO, IDCO TOWER, BHUBANESWAR

idco Your power to grow — ODISHA NEW OPPORTUNITIES

No. CAD-2881
Tender Call Notice No. BBSR/ELECT/E-4555/23-25/P1/757 Dated: 18.03.2025

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. Name of the Work : Supply, Installation, Testing & Commissioning of 11KV OH and UG line for power supply to Worker's Hostel at Somnathpur IID under electrical section Balasore, Odisha.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/e-135/2024-25 | 24.03.2025 at 17.00 Hrs. | 03.04.2025 at 17.00 Hrs. |

Further details can be seen from the e-Procurement Portal: www.tendersorissa.gov.in. Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO website.

OIPR-14003/11/0122/2425 Sd./- Divisional Head (Elect), IDCO, Bhubaneswar

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR
At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)

No.O-1649:

### NATIONAL COMPETITIVE BIDDING THROUGH e-Procurement

Bid Identification No.Online Tender/39-2024-25/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 39-2024-25/BPR | Buildings Works | 02 Nos. | From Rs.206.96 Lakhs to Rs.257.17 Lakhs | "B" Class & "A" Class as applicable | 12 (Twelve) Calendar Month as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/39-2024-25/ BPR | 27.03.2025 at 10.00 A.M. | 10.04.2025 upto 5.30 P.M. |

(i) EMD/ Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in

OIPR-25071/11/0073/2425 Sd./- Chief Construction Engineer, R.W.Circle, Berhampur

## GOVERNMENT OF ODISHA
## DEPARTMENT OF WATER RESOURCES
### OFFICE OF THE ADDITIONAL CHIEF ENGINEER

No. A-1217

Rushikulya Bahuda Basin, Berhampur - 760004, email id: se_sicbam@yahoo.com

### 'e' Procurement Notice No. ACE, RBB - 17/2024-25

1. Type of Work : Flood Protection & Building works
2. Total No. of Works : 02 (Two) Nos.
3. Amount put to Tender : Rs.854.21 Lakh to Rs.101.76 Lakh
4. Period of Completion : 11 (Eleven) Calendar Months
5. Class of Contractor : 'A', 'Spl.' & 'B'

| Procurement Officer | Bid Identification No. | Name of Work | Bid Amount (Rs. in Lakh) | Availability & Submission of Bid Online |
|---|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BNID) - 33/ 2024-25 | Flood protection work for LFB of river Rushikulya from village Kusapada to Jahada | 845.21 | From 24.03.2025, 10.00 A.M. to 08.04.2025, 5.00 P.M. |
| | ACE, RBB (PPID) - 34/ 2024-25 | Construction of rest shed for Pipalapanka Irrigation Project at Sorada | 101.76 | |

Date of opening of the Technical Bid: 09.04.2025 at 11.30 A.M.
Further details can be seen from the Govt. website www.tendersodisha.gov.in.

Sd./- Additional Chief Engineer, Rushikulya Bahuda Basin, Berhampur

OIPR-32411/11/0026/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ନୁମାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତର ୱେଷ୍ଟଇଣ୍ଡିଜ, ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ କାର୍ଯ୍ୟସୂଚୀ

**କୋଲକାତା, ୨୨।୩ (ପି.ଟି.)**

ଭାରତ ୧୨ବର୍ଷ ପରେ ୱେଷ୍ଟଇଣ୍ଡିଜ ବିପକ୍ଷ ଏକ ଦୁଇ ମ୍ୟାଚ ବିଶିଷ୍ଟ କ୍ରିକେଟ ଟେଷ୍ଟ ସିରିଜ ଆୟୋଜନ କରିବାକୁ ଯାଉଥିବା ବେଳେ ନଭେମ୍ବରରେ ଦକ୍ଷିଣ ଆଫ୍ରିକା ଏକ ଅଲ୍ ଫର୍ମାଟ ଟୁର୍‌ରେ ଦେଶକୁ ଆସିବ। ଭାରତ ଅକ୍ଟୋବର ୨ରୁ ମୋହାଲିଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ଏବଂ ଅକ୍ଟୋବର ୧୦ରୁ କୋଲକାତାର ଇଡେନଗାର୍ଡେନ୍ସଠାରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉପସଭାପତି ରାଜୀବ ଶୁକ୍ଳା ସୂଚନା ଦେଇଛନ୍ତି। ଏହି ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଶେଷ ହେବା ପରେ ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ଆସିବ। ଭ୍ରମଣକାରୀ ଦଳ ଦେଶରେ ଦୁଇଟି ଟେଷ୍ଟ, ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବ। ପ୍ରଥମ ଟେଷ୍ଟ ଦିଲ୍ଲୀରେ ଏବଂ ଦ୍ୱିତୀୟ ଟେଷ୍ଟ ଗୁଆହାଟୀରେ ଖେଳାଯିବ ବୋଲି ଶୁକ୍ଳା ପ୍ରକାଶ କରିଛନ୍ତି। ଗୁଆହାଟୀରେ ପ୍ରଥମ ଥର ଟେଷ୍ଟ ମ୍ୟାଚ ଖେଳାଯିବ। ଆସାମର ଏହି ସହର ପୂର୍ବରୁ ଅନେକ ଥର ହ୍ୱାଇଟବଲ୍ ଏବଂ ଗତ ଦୁଇ ସିଜନ ଆଇପିଏଲ୍ ମ୍ୟାଚ ଆୟୋଜନ କରିଛି। ଟେଷ୍ଟ ମ୍ୟାଚ ପରେ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ନଭେମ୍ବର ୩୦ରେ ରାଞ୍ଚିରେ ଏବଂ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ଡିସେମ୍ବର ୩ରେ ରାୟପୁରରେ ଖେଳାଯିବ। ଅନ୍ତିମ ଦିନିକିଆ ଡିସେମ୍ବର ୬ରେ ବିଶାଖାପାଟଣାଠାରେ ଖେଳାଯିବ। ସେହିପରି ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଡିସେମ୍ବର ୯ରେ ଖେଳାଯିବାକୁ ଥିବାବେଳେ ଅନ୍ୟ ମ୍ୟାଚ୍‌ଗୁଡ଼ିକ ଡିସେମ୍ବର ୧୧, ୧୪, ୧୭ ଓ ୧୯ରେ ଖେଳାଯିବ।

## ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ କାର୍ଯ୍ୟସୂଚୀ

ଭାରତ ସେପ୍ଟେମ୍ବରରେ ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଆୟୋଜନ କରିବ। ଏଥିପାଇଁ ଦିନ ଧାର୍ଯ୍ୟ ହୋଇନାହିଁ। ତେବେ ବିଶାଖାପାଟଣାରେ ଓପନିଂ ମ୍ୟାଚ ଖେଳାଯିବାକୁ ଥିବାବେଳେ ଅନ୍ୟଗୁଡ଼ିକ ଗୁଆହାଟୀ, ମୁଲାନପୁର(ପଞ୍ଜାବ), ଥିରୁଭାନନ୍ତପୁରମ ଓ ଇନ୍ଦୋରରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଫାଇନାଲ ପାଇଁ ଭେନ୍ୟୁ ଧାର୍ଯ୍ୟ ହୋଇ ନ ଥିବା ଶୁକ୍ଳା କହିଛନ୍ତି।

# ହେଭିୱେଟ୍ ଚାମ୍ପିୟନ ଫୋରମ୍ୟାନ୍‌ଙ୍କ ପରଲୋକ

**ଅଷ୍ଟିନ୍ (ୟୁଏସ୍ଏ), ୨୨।୩ (ଏପି)**

ପୂର୍ବତନ ହେଭିୱେଟ୍ ଚାମ୍ପିୟନ ଜର୍ଜ ଫୋରମ୍ୟାନ୍‌ଙ୍କ ୭୬ବର୍ଷ ବୟସରେ ଶୁକ୍ରବାର ପରଲୋକ ଘଟିଛି। ସେ ଜଣେ ସଫଳ ବିଜ୍‌ନେସ୍‌ମ୍ୟାନ ମଧ୍ୟ ଥିଲେ। ଫୋରମ୍ୟାନ୍‌ଙ୍କ ପରିବାର ତାଙ୍କ ମୃତ୍ୟୁ ଖବର ସୋସିଆଲ ମିଡିଆରେ ଘୋଷଣା କରିଥିଲେ। ତେବେ ତାଙ୍କର କିପରି ଓ କେଉଁଠାରେ ମୃତ୍ୟୁ ଘଟିଥିଲା ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଟେକ୍ସାନ ବାସିନ୍ଦା ଫୋରମ୍ୟାନ ଜଣେ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଭାବେ ତାଙ୍କ ପ୍ରଫେଶନାଲ ବକ୍ସିଂ କ୍ୟାରିୟର ଆରମ୍ଭ କରିଥିଲେ। ୧୯୭୩ରେ ସେ ଜୋ ଫ୍ରେଜିରଙ୍କୁ ପରାସ୍ତ କରି ହେଭିୱେଟ୍ ଡିଭିଜନର ଶୀର୍ଷରେ ପହଞ୍ଚିଥିଲେ। ମାତ୍ର ଏହାର ବର୍ଷକ ପରେ ଜାଇରେଠାରେ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ମହମ୍ମଦ ଅଲ୍ଲୀଙ୍କଠାରୁ ପରାଜିତ ହୋଇ ସେ ତାଙ୍କ ବେଲ୍ଟ ହରାଇଥିଲେ। ବକ୍ସିଂ ଇତିହାସରେ ଏହା ଏକ ସ୍ମରଣୀୟ ଫାଇଟ୍ ଥିଲା। ଏହି ବାଉଟ୍‌ରେ କିଏ ଜିତିବ ସେ ନେଇ ଖୁବ୍ ବେଟିଂ ହୋଇଥିଲା। ଫୋରମ୍ୟାନ୍ ଏହା ପରେ କିଛି ବର୍ଷ ବକ୍ସିଂ ଛାଡ଼ି ଦେଇଥିଲେ।

# ଓଡ଼ିଶାର ସୁଚିତ୍ରାଙ୍କୁ ଜାଭେଲିନ୍‌ରେ ସ୍ୱର୍ଣ୍ଣ



ସ୍ୱର୍ଣ୍ଣ ପଦକ ସହ ସୁଚିତ୍ରା ପରିଡ଼ା।

**ଭୁବନେଶ୍ୱର, ୨୨।୩ (ବିଜୟ ରଣା)**

ଓଡ଼ିଶା ପାରା-ଆଥଲେଟ୍ ସୁଚିତ୍ରା ପରିଡ଼ା ନୂଆଦିଲ୍ଲୀରେ ଚାଲିଥିବା ସମ୍ମାନଜନକ ଖେଲୋ ଇଣ୍ଡିଆ ପାରା ଗେମ୍ସ ୨୦୨୫ ମହିଳା ଏଫ୍-୫୫ ଜାଭେଲିନ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ପ୍ରଭାବୀ ୧୮.୫୭ ମିଟର ଥ୍ରୋ କରି ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପଛରେ ପକାଇ ଦେଇଥିଲେ। ଏହି ଇଭେଣ୍ଟରେ ଉତ୍ତରାଖଣ୍ଡର ଗାରିମା ଜୋଶି ୧୫.୨୪ ମିଟର ଥ୍ରୋ କରି ରୌପ୍ୟ ଜିତିଥିବା ବେଳେ

**ଖେଲୋ ଇଣ୍ଡିଆ ପାରା ଗେମ୍ସ**

ଉତ୍ତରପ୍ରଦେଶର ସାକ୍ଷୀ କାସାନା (୧୪.୪୧ ମିଟର) ବ୍ରୋଞ୍ଜ ପଦକ ପାଇଥିଲେ। ପୂର୍ବରୁ ଶୁକ୍ରବାର ଓଡ଼ିଶାର ଜୟନ୍ତୀ ବେହେରା ସ୍ୱର୍ଣ୍ଣ ଓ ଜାନକୀ ଓରାମ ରୌପ୍ୟ ପଦକ ହାସଲ କରିଛନ୍ତି। ଜୟନ୍ତୀ ମହିଳା ୧୦୦ ମିଟର ଟି-୪୭ ବର୍ଗରେ ୧୩.୭୧ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ପ୍ରତିଯୋଗିତାରେ ଓଡ଼ିଶାର ଏହା ଥିଲା ପ୍ରଥମ ପଦକ। ସେହିପରି ମହିଳା ୧୦୦ ମିଟର ଟି-୧୨ ବର୍ଗରେ ଜାନକୀ ୧୪.୭୯ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଥିଲେ।

# ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୨।୩ (ତପନ ସ୍ୱାଇଁ)**

ମଧ୍ୟପ୍ରଦେଶର ଗ୍ୱାଲିଠାରେ ହେବାକୁ ଯାଉଥିବା ପ୍ରଥମ ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ଭାଗନେବ। ବୁଲ୍ସଆଇ ଅନୁଷ୍ଠାନ ପକ୍ଷରୁ ମନୋନୀତ ଓଡ଼ିଶା ଦଳ ଏଥିପାଇଁ ଶନିବାର ମଧ୍ୟପ୍ରଦେଶ ଯାତ୍ରା କରିଛି। ଏହି ଟୁର୍ନାମେଣ୍ଟରେ ଓଡ଼ିଶା ସମେତ ମଧ୍ୟପ୍ରଦେଶ, ଦିଲ୍ଲୀ, ଉତ୍ତରାଖଣ୍ଡ, କେରଳ, ପଶ୍ଚିମବଙ୍ଗ, ହରିୟାଣା ଓ ତାମିଲନାଡୁ ଆଦି ଭାରତର ୮ଟି ରାଜ୍ୟ ଦଳ ଭାଗ ନେବେ। ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ରାମଦାସ ମୁର୍ମୁ (ଅଧିନାୟକ), ଶରତ ରଞ୍ଜନ ସିଂ, ବୈଦ୍ୟନାଥ ହାଁସଦା, ବାଲିଆ କିସ୍କୁ, ଗୁରୁଭା ମୁର୍ମୁ, ହିକିମି ମୁର୍ମୁ ଓ ଆକାଶ ପଡ଼ିଆମୀ(ଗୋଲକିପର)। କୋଚ ତ୍ରିଲୋଚନ ବେଉରା ଦଳସହ ଯାତ୍ରା କରିଛନ୍ତି। ସାମାଜିକକର୍ମୀ ସନ୍ତୋଷିନୀ ଜୈନ, ବିଭୂତି ଭୂଷଣ ଶତପଥୀ ଓ ବୁଲ୍ସଆଇର କୋଷାଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଦାୟୀ ସମ୍ବର୍ଦ୍ଧନା ଦେଇଛନ୍ତି।



ଜାତୀୟ ଆଂଶିକ ଦୃଷ୍ଟିବାଧିତ ଫୁଟବଲ ଟୁର୍ନାମେଣ୍ଟ ପାଇଁ ଗ୍ୱାଲିୟର ଯାତ୍ରା ପୂର୍ବରୁ ଓଡ଼ିଶା ଦଳ।

# ଉଦିତା-ମନଦୀପଙ୍କ ବିବାହ ସମ୍ପନ୍ନ



ମନଦୀପ ସିଂ ଓ ଉଦିତା ଦୁହାନ।

**ଜଲନ୍ଧର, ୨୨।୩**

ସାତବର୍ଷ ତଳେ ହକି ପଡ଼ିଆରେ ସୃଷ୍ଟି ହୋଇଥିବା ପ୍ରେମ ସମ୍ପର୍କ ଶେଷରେ ବିବାହରେ ରୂପାନ୍ତରିତ ହୋଇଛି। ଭାରତର ଦୁଇ ହକି ଅଲିମ୍ପିଆନ ଉଦିତା ଦୁହାନ ଓ ମନଦୀପ ସିଂ ଜୀବନର ନୂଆ ଇନିଂସ ଆରମ୍ଭ କରିଛନ୍ତି। ଶୁକ୍ରବାର ଜଲନ୍ଧରର ମଡେଲ ଟାଉନସ୍ଥିତ ଗୁରୁଦ୍ୱାରା ସିଂ ସଭାରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ଉତ୍ସବରେ ଭାରତୀୟ ମହିଳା ଓ ପୁରୁଷ ହକି ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଉଦିତା ଭାରତୀୟ ମହିଳା ହକି ଦଳରେ ଜଣେ ନିର୍ଭରଯୋଗ୍ୟ ଡିଫେଣ୍ଡର ହୋଇଥିବାବେଳେ ପୁରୁଷ ହକି ଦଳରେ ମନଦୀପ ଜଣେ ଦକ୍ଷ ଫରୱାର୍ଡ। ୨୦୨୦ ଟୋକିଓ ଅଲିମ୍ପିକ୍ସ ଖେଳିଥିବା ଭାରତୀୟ ଦଳରେ ଦୁହେଁ ସାମିଲ ଥିଲେ। ଭାରତୀୟ ପୁରୁଷ ଦଳ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିବାବେଳେ ମହିଳା ଦଳ ଅଳ୍ପକେ ବଞ୍ଚିତ ହୋଇ ୪ର୍ଥ ସ୍ଥାନ ହାସଲ କରିଥିଲା। ମନଦୀପ ଜଲନ୍ଧର ମିଥାପୁର ଗ୍ରାମର ହୋଇଥିବାବେଳେ ଉଦିତା ହରିୟାଣାର ହିସାର ବାସିନ୍ଦା। ୨୦୧୮ରେ ବେଙ୍ଗାଲୁରୁଠାରେ ଏସିଆନ ଗେମ୍ସ ପାଇଁ ପ୍ରାକ୍ଟିସ ଅବସରରେ ଦୁହିଁଙ୍କ ମଧ୍ୟରେ ପ୍ରଥମେ ଦେଖା ହୋଇଥିଲା। ପରେ ଏହା ପ୍ରେମ ସମ୍ପର୍କରେ ପରିଣତ ହୋଇଥିଲା। ସେବେଠାରୁ ଉଭୟ ଭଲ ବନ୍ଧୁଭାବେ ରହି ଆସିଥିଲେ।

ବିବାହ ପୂର୍ବରୁ ଗତ ୧୮ ତାରିଖରେ ଦୁହେଁ ପ୍ରି-ୱେଡିଂ କର୍ମକର୍ମାଣି ସ୍ୱତନ୍ତ୍ର ମୁହୂର୍ତ୍ତର ଫଟୋ ଶେୟାର କରିଥିଲେ। ୨୦୨୪ ମାର୍ଚ୍ଚରେ ୩୦ ବର୍ଷୀୟ ମନଦୀପ ପଞ୍ଜାବ ପୋଲିସରେ ଡିଏସ୍‌ପି ଭାବେ ନିଯୁକ୍ତି ପାଇଥିଲେ। ୨୦୧୩ରେ ଜାତୀୟ ସିନିୟରରେ ଡେବ୍ୟୁ କରିଥିବା ଏହି ଫରୱାର୍ଡ ଖେଳାଳି ଏପର୍ଯ୍ୟନ୍ତ ୨୬୦ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ୧୨୦ଟି ଗୋଲ ସ୍କୋର କରି ସାରିଛନ୍ତି। ଅନ୍ୟପକ୍ଷରେ ଉଦିତା ୨୦୧୭ରେ ଜାତୀୟ ସିନିୟର କ୍ୟାରିୟର ଆରମ୍ଭ କରି ୧୪ଟି ଗୋଲ ଦେଇଛନ୍ତି। ଭାରତୀୟ ଅଲିମ୍ପିଆନ ଯୋଡ଼ି ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ-ପାରୁପଲ୍ଲୀ କାଶ୍ୟପ, ଆର୍ଚର ଦୀପିକା କୁମାରୀ-ଅତନୁ ଦାସ ଏବଂ ହକି ଖେଳାଳି ମୋନିକା ମଲିକ-ଆକାଶଦୀପ ସିଂଙ୍କ କ୍ଲବରେ ଏବେ ଉଦିତା-ମନଦୀପ ସାମିଲ ହୋଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ନବ ଦମ୍ପତିଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।


# Classified Everyday

**0674-2580101, 9692975378**



**MATRIMONIAL**

**BRIDE WANTED**

Handsome Brahmin Boy 1987, 5'7" B.Tech Serving Engineer, Hyderabad. "SUNASANSAR". 9937512659. D-75251

Brahmin Boy 1980 5'7" Ph.d. Serving Lecturer. Govt College, "SUNASANSAR". 9937512659. D-76252



**AUTOMOBILE**

**SALE**

Tata Magic OD02 AZ 6002 new condition 25800 KMS 1st Owner No finance for sale 9040413717, 9861122959. D-3339



**REAL ESTATE**

**SALE**

**Duplex sale with gated society near AIIMS Hospital, Bhubaneswar. 9777433701.** D-76248

Gharabari, Boundary Full plot sale at Bankuala (Tankapani Road). 7008492511. D-3380

**ଗଙ୍ଗପଡ଼ା Gift କଲେଜ Backsideରେ NH. 16 ରୁ 100 mtr ଦୂରରେ ଘରବାରି, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ମିଳୁଅଛି- 7978676652, 9439087845.** D-76249

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

Contact for complete House Construction (Simplex/ Duplex/ Apartment) and Interior design (Modular Kitchen/ TV Unit/ Wardrobe) by experts. 7008550473. D-3372



**CONSTRUCTION**

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-3219

**GENERAL**

**SALE**

UCALY PATAS PLANT for sale Rs. 300000 against purchase cost Rs. 650000. 7809525452. D-76430

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




All types hair cutting, body massage by smart lady room services available. Contact: 7077240328. D-71396

**Relax, Refresh your body, mind at Saikrupa Spa with best therapies. 7848011468.** D-3288

Full body massage by Odia therapist in homely atmosphere. 9556498382. D-75366

**Full body massage experience, good looking therapist @999 (Bhubaneswar). 9078484455.** D-3280

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, MANJUSHREE NAYAK (44), D/o- Sudarshan Nayak, Resident of Ghantasunipara, At/ P.O.- Titilagarh, Dist.- Bolangir, PIN- 767033 have changed my name to Manjushree Nayak as per affidavit No.- 661, dated 21.03.2025 sworn before the Executive Magistrate, Berhampur, Ganjam Odisha. D-3386

By virtue of an affidavit in the Court of Executive Magistrate, Bhubaneswar, I, Rabindra Kumar Nayak, F/o- Rithu Purna Nayak , Plot No. 94/ 395/ 396, Basuaghai, P.O.- Bankual, P.S.- Badagada, Dist.- Khorda, PIN - 751002 do hereby declare that I have changed my minor daughter's name from Rithu Purna Nayak to Ritupuna Nayak by this affidavit C.F No. 91, Dt.19.03.2025. Henceforth, she will be known as Ritupuna Nayak for all future purposes.
Rabindra Kumar Nayak
Deponent
D-3391

By virtue of an affidavit No.- 5601, dt- 19.03.2025, before Executive Magistrate, Cuttack, I, Chinmayee Jena, W/o- Dibya Sankar Jena, At- Rajendra Nagar, P.O./ P.S.- Madhupatna, Cuttack-753010, States that I have changed my name from Chinmayee Rout to Chinmayee Jena, Chinmayee Jena and Chinmayee Rout is one and same person. Henceforth, I shall be known as Chinmayee Jena for Bank, Educational Certificate & all purposes. D-3388

By virtue of an affidavit CF No.- 297, dated 18.03.25 sworn before the Executive Magistrate, Bargarh, I, Sanjukta Naik, D/o- Laxman Naik, W/o- Gobardhan Taria, R/o- Kendpali, P.O.- Chakarkend, Dist.- Bargarh declare that after marriage I have changed my surname from Naik to Taria. That the names Sanjukta Naik and Sanjukta Taria is one and same person. D-3390

By virtue of an affidavit sworn before the Notary Public, Bhubaneswar, dated- 25.11.2024, I, Muralidhar Sahoo, Address: At- Plot No- 70, Unit- III, Kharavela Nagar, P.O.- GPO, P.S.- Kharavela Nagar, Bhubaneswar, Dist.- Khordha, Odisha- 751001, declare that I have changed my name from Muralidhara Sahoo to Muralidhar Sahoo. Henceforth, I shall be known as Muralidhar Sahoo for all future purposes.
Muralidhar Sahoo
D-76804

By virtue of an affidavit sworn before Executive Magistrate, Bonth, dated 21.03.2025 I, Bharati Jena (50 yrs), W/o- Bharat Jena, Address: Vill/ P.O.- Ramachandrapur, P.S. – Bonth, Dist.- Bhadrak, PIN- 756114, Odisha declare that I have changed my Son's name from Akash Jena to Bikash Jena. Henceforth, He shall be known as Bikash Jena for all purposes. D-3389

## କାଜୁ ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ସିନ୍ ରିକ୍ରିଏଶନ କଲା ପୋଲିସ

### ଗିରଫ ପରେ କୋର୍ଟ ଚାଲାଣ, ପରକୀୟା ପ୍ରୀତି ହତ୍ୟାର ମୁଖ୍ୟ କାରଣ

ପରଜଙ୍ଗ, ୨୨।୩
(ନିଗମାନନ୍ଦ ଦଳବେହେରା)


ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀଙ୍କ ସହ ମୁଖ୍ୟ ଅଭିଯୁକ୍ତ।

ଢେଙ୍କାନାଳ ଜିଲା ମହାବିରୋଡ଼ ଥାନା ମହାବିରୋଡ଼–ଚାନ୍ଦପୁର ରାସ୍ତାରେ ଥିବା କାଜୁ ଜଙ୍ଗଲରୁ ଗୁରୁବାର ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣାର ଦୁଇଦିନ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସିନ୍ ରିକ୍ରିଏଶନ କରିଛି। ଗତ ୨୦ ତାରିଖ ମହାବିରୋଡ଼– ଚାନ୍ଦପୁର ରାସ୍ତାରେ ଥିବା କାଜୁ ଜଙ୍ଗଲରୁ ପୋଲିସ ଯୁବକଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତକ ଜଣକ ଦଶୀପୁର ପଞ୍ଚାୟତ ଭାଲୁମୁଣ୍ଡା ସାହିର ନବ ଦେହୁରୀଙ୍କ ପୁଅ ଲୁଲୁ ଦେହୁରୀ ବୋଲି ଜଣାପଡିଥିଲା । ଲୁଲୁ ଯାଜପୁର ଜିଲ୍ଲା ଡୁବୁରିଠାରେ ଏକ କମ୍ପାନୀରେ କାମ କରୁଥିବା ବେଳେ ଦଶୀପୁରରେ ହେଉଥିବା ଦୋଳଯାତ୍ରା ଦେଖିବାକୁ ଗାଁକୁ ଆସିଥିଲେ। ବୁଧବାର ସନ୍ଧ୍ୟାରେ ଲୁଲୁ କେଉଁଆଡେ ନିଖୋଜ ହୋଇଯାଇଥିବା ବେଳେ ତାଙ୍କର ମୋବାଇଲ ବନ୍ଦ ରହିଥିଲା। ଗୁରୁବାର ଲୁଲୁଙ୍କ ମୃତଦେହ କାଜୁ ଜଙ୍ଗଲରୁ ଉଦ୍ଧାର ହୋଇଥିବା ବେଳେ ଲୁଲୁଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକ ଅଭିଯୋଗ କରିଥିଲେ। କାମାକ୍ଷାନଗର ଏସ୍‌ଡିପିଓ, ଢେଙ୍କାନାଳ ସାଇଣ୍ଟିଫିକ ଟିମ ଓ ମହାବିରୋଡ଼ ପୋଲିସ ଘଟଣାର ତଦନ୍ତ କରି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିଛନ୍ତି। ଲୁଲୁଙ୍କୁ ତାଙ୍କ ଗାଁର ଯୁଗଳ ଦେହୁରୀ ନାମକ ଜଣେ ଯୁବକ ହତ୍ୟା କରିଥିବା ନେଇ ପୋଲିସ ସୂଚନା ଦେଇଛି। ଯୁଗଳ ସ୍ତ୍ରୀଙ୍କ ସହ ଲୁଲୁଙ୍କ ଅନୈତିକ ସଂପର୍କ ରହିଥିବା ସନ୍ଦେହ କରି ଯୁଗଳ ଲୁଲୁଙ୍କ ହତ୍ୟା କରିଥିବା ନେଇ କାମାକ୍ଷାନଗର ଏସଡିପିଓ ସୂଚନା ଦେଇଛନ୍ତି। ଅଭିଯକ୍ତଙ୍କୁ ନେଇ ହତ୍ୟାକାଣ୍ଡର ସିନ ରିକ୍ରିଏସନ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ, ବାଇକ, ମୋବାଇଲକୁ ପୋଲିସ ଜବତ କରିଛି। ପରଜଙ୍ଗ ଥାନାରେ ଶନିବାର ଖବରଦାତା ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଛନ୍ତି ଏସ୍‌ପି ଅଭିନବ ସୁନାକର। ସୂଚନା ମୁତାବକ ପୂର୍ବ ଯୋଜନା ଅନୁଯାୟୀ ଅଭିଯୁକ୍ତ ଯୁଗଳ ବାଇକରେ ଏକ ଛୋଟ ଟାଙ୍ଗିଆ ରଖିବା ସହ ଲୁଲୁଙ୍କୁ ମଦ ପିଇବାକୁ ବାଇକରେ ବସାଇ କାଜୁ ଜଙ୍ଗଲକୁ ଯାଇଥିଲେ। ସେଠାରେ ଉଭୟେ ମଦ ପିଇବା ପରେ ଅଭିଯୁକ୍ତ ଯୁଗଳ ତାଙ୍କ ସ୍ତ୍ରୀଙ୍କ ସହ ଲୁଲୁଙ୍କ ଅନୈତିକ ସଂପର୍କ କଥା ଉଠାଇ ଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଯୁଗଳ ପୂର୍ବରୁ ବାଇକରେ ରଖିଥିବା ଟାଙ୍ଗିଆରେ ଲୁଲୁଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ଲୁଲୁଙ୍କ ମୃତ୍ୟୁ ଘଟିଥିଲା। ପରେ ଯୁଗଳ ଘରକୁ ପଳାଇ ଯାଇଥିଲେ। ଲୁଲୁଙ୍କ ଦାଦା ଭଗବାନ ଦେହୁରୀ ଏ ନେଇ ମହାବିରୋଡ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ଏସପିଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରି ତଦନ୍ତ କରିବା ସହ ଅଭିଯୁକ୍ତ ଯୁଗଳଙ୍କୁ ଘରୁ ଉଠାଇ ନେଇଥିଲା। ଖବରଦାତା ସମ୍ମିଳନୀରେ ଏସଡ଼ିପିଓ ଜ୍ଞାନରଞ୍ଜନ ମିଶ୍ର, ମହାବିରୋଡ଼ ଥାନା ଅଧିକାରୀ କାଶୀନାଥ ହାଁସଦା, ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋରନ୍ଦାରୋଡ୍ ଷ୍ଟେଶନ ନିକଟସ୍ଥ ଅଣ୍ଡରପାସ୍ ସାଇଡ୍‌ୱାଲ ଭୁଶୁଡିଲା

ଢେଙ୍କାନାଳ,୨୨।୩(ରତନ ନାୟାର)


ଅଣ୍ଡରପାସ୍ ସାଇଡ୍‌ୱାଲ ଭୁଶୁଡ଼ିପଡ଼ିଛି ।

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରେ ଥିବା ଯୋରନ୍ଦାରୋଡ ରେଳ ଷ୍ଟେଶନ ନିକଟସ୍ଥ ଅଣ୍ଡରପାସ୍ ସାଇଡ୍ ୱାଲର କିଛି ଅଂଶ ଶନିବାର ସକାଳେ ଭୁଶୁଡି ପଡିଥିଲା । ଫଳରେ ଅଣ୍ଡରପାସ୍ ମଧ୍ୟଦେଇ ଯାତାୟତ ଓ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଏହି ଅଣ୍ଡରପାସ୍ ଦେଇ କପିଳାସ, କାଇମାଟି, ଗହମଖୁଣ୍ଟି, କାଇଁସ, ଲୋଚାପଲି, ବୋରାପଦା ଓ ଢେଙ୍କାନାଳ ସହରକୁ ଜନସାଧାରଣଙ୍କ ସମେତ ଯାନବାହାନ ଚଳାଚଳ କରିଥାଏ । ସେହିପରି ଉକ୍ତ ଅଂଚଳରୁ ମଧ୍ୟ ଜନସାଧାରଣ ଲୋକମାନେ ୫୫ନଂ ଜାତୀୟ ରାଜପଥକୁ ଏହି ବାଟଦେଇ ଯିବା ଆସିବା କରିଥାନ୍ତି । ନିମ୍ନମାନର କାମ ଯୋଗୁ ସାଇଡୱାଲ କିଛି ଅଂଶ ଭୁଶୁଡି ପଡିଥିବା ସ୍ଥାନିୟ ଲୋକଙ୍କ ସୂତ୍ରରୁ ଜଣାପଡିଛି। ଭୁଶୁଡିବା ସମୟରେ ଜନସାଧାରଣ ଓ ଯାନବାହାନ ଅଣ୍ଡରପାସ୍ ଦେଇ ଯାତାୟତ ଓ ଜନସାଧାରଣ ଯିବାଆସିବା କରିନଥିବାରୁ ଏକ ବଡ ଦୁର୍ଘଟଣାରୁ ଏଡାଇ ଦିଆଯାଇପାରିଛି।

# କବିତା ସଂକଳନ 'ପାପୁଲିଏ ବିଶ୍ୱାସ'ର ପାଠକାର୍ପିତ

ଢେଙ୍କାନାଳ,୨୨।୩(ରତନ ନାୟାର)

ଢେଙ୍କାନାଳ ଜୟ ଗୋପାଳ ମଠ ପରିସରରେ କବି ପ୍ରକାଶ ଚନ୍ଦ୍ର ରାଉତଙ୍କ ତୃତୀୟ କବିତା ସଂକଳନ 'ପାପୁଲିଏ ବିଶ୍ୱାସ' ଶନିବାର ଅପରାହ୍ନରେ ପାଠକାର୍ପଣ ହୋଇଯାଇଛି । ପ୍ରଜ୍ଞାମୟୀ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ବିଶିଷ୍ଟ ଗାଳ୍ପିକ ସୁଶୀଳ କୁମାର ନନ୍ଦ ସଭାପତିତ୍ୱ କରିଥିଲେ । ଅଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ମୁଖ୍ୟଅତିଥି, ଡ. ପୁଷ୍ପଲତା ରଥ ମୁଖ୍ୟବକ୍ତା ଓ ସୋମେନ୍ଦୁ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କବି ବୈକୁଣ୍ଠନାଥ ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ଶ୍ରୀ ରାଉତ ନିଜ ଅଭିବ୍ୟକ୍ତି ରଖିବା ପରେ କବି ଅଧ୍ୟାପକ କୈଳାସ ଚନ୍ଦ୍ର ସାହାଣୀ ପୁସ୍ତକରେ ସ୍ଥାନ ପାଇଥିବା କବିତା ଗୁଡିକର ଆଲୋଚନା ରଖିଥଲେ। ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଉକ୍ତ କବିତା ସଂକଳନରେ ସ୍ଥାନ ପାଇଥିବା ସମସ୍ତ ୫୧ଗୋଟି କବିତା ବେଶ ଉଚ୍ଚକୋଟିର ଏବଂ ପ୍ରଭାବୀ ବୋଲି ଅତିଥି ଗଣ ଏବଂ ସମୀକ୍ଷକମାନେ ମତ ଦେଇଥିଲେ। ପୁସ୍ତକଟି ନିଶ୍ଚିତ ଭାବେ କବିଙ୍କର ଅନ୍ୟ ଦୁଇ ପୁସ୍ତକ 'ଝର୍କା ସେପଟର ପୃଥିବୀ 'ଏବଂ 'ସତପଥିର ଶତପଦୀ 'ଭଳି ପାଠକୀୟ ଆଦର ଲାଭ କରିବ ବୋଲି ଆଲୋଚକ ମାନେ ଆଶା ବ୍ୟକ୍ତ କରିଥିଲେ। ପର୍ଯ୍ୟାୟ କ୍ରମେ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁନିତା ପଟ୍ଟନାୟକ, ବୈକୁଣ୍ଠ ନାଥ ଦ୍ୱିବେଦୀ, ଦେବ ପ୍ରସାଦ ସାହୁ, ଶ୍ରୀବାସ ନାୟକ, ପ୍ରକାଶ ପରିଡା, ବିଳାସିନୀ ଶତପଥୀ ପ୍ରମୁଖ ପାପୁଲିଏ ବିଶ୍ୱାସ ପୁସ୍ତକରେ ସ୍ଥାନିତ କେତୋଟି କବିତା ଆବୃତି କରି ସଭାକୁ ଋଦ୍ଧିମନ୍ତ କରିଥିଲେ । ଢେଙ୍କାନାଳ ଥିଙ୍କର୍ସ ଫୋରମର ସମସ୍ତ ସଦସ୍ୟାସଦସ୍ୟ ସକ୍ରିୟ ଭାବେ ସହଯୋଗ କରିଥିଲେ । ପରିଶେଷରେ ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର ଧନ୍ୟବଦ ଅର୍ପଣ କରିଥିଲେ ।



କବିତା ସଂକଳନ 'ପାପୁଲିଏ ବିଶ୍ୱାସ'ର ପାଠକାର୍ପଣ ଉତ୍ସବରେ ଅତିଥିବୃନ୍ଦ।

# ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଯାପିତ

## ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେଲେ ୧୫୦ ପ୍ରତିଯୋଗୀ

ଢେଙ୍କାନାଳ,୨୨।୩(ରତନ ନାୟାର)



ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଉଦ୍‌ଯାପିତ।

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ବିଭାଗ ତରଫରୁ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଚଳିତ ମାସ ୨୦ ଓ ୨୨ ତାରିଖ ଦୁଇଦିନ ଧରି ଆୟୋଜିତ ହୋଇଯାଇଛି। ଢେଙ୍କାନାଳ ଓ ଅନୁଗୋଳ ଜିଲା ପାଇଁ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ନୋଡାଲ ସେଣ୍ଟର ଭାବେ ମନୋନୀତ କରାଯାଇଥିଲା। ପ୍ରଥମ ସୋପାନରେ ୧୮–୨୫ ବର୍ଷ ବୟସରେ'ମାଇଁ ଭାରତ' ପୋର୍ଟାଲରେ ଅପଲୋଡ଼ କରିଥିବା ଭିଡିଓରୁ ୧୫୦ଜଣ ଯୁବପ୍ରତିଭାଙ୍କୁ ମନୋନୀତ କରାଯାଇଥିଲା । ୨୦ ତାରିଖ ପ୍ରଥମ ଦିବସରେ ଢେଙ୍କାନାଳ ଏବଂ ୨୨ ତାରିଖ ଦ୍ୱିତୀୟ ଦିବସରେ ଅନୁଗୋଳ ଜିଲା ପାଇଁ କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଚିତ୍ତରଞ୍ଜନ ସାହୁ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼. ଦେବାଶିଷ ମହାନ୍ତି, ଜାତୀୟ ସେବା ଯୋଜନାର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ଼. ଦେବରାଜ ପରିଡ଼ା, ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନର ମୁଖ୍ୟ ଡ଼. ପୂର୍ଣ୍ଣଚନ୍ଦ୍ର ବରାଳ, ନେହେରୁ ଯୁବ କେନ୍ଦ୍ର ଢେଙ୍କାନାଳର ଅଧିକାରୀ ବାସୁଦେଓ ଦାସ ଓ କାର୍ଯ୍ୟକ୍ରମ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର, ଗାନ୍ଧୀବାଦୀ ତଥା ସମାଜସେବୀ ସରୋଜ କୁମାର ଶତପଥୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଗରିମାମୟ କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ଼. ଅମୃତ କୁମାର ସେଠ୍, ବାଣିଜ୍ୟ ବିଭାଗର ମୁଖ୍ୟ ଡ଼. ରଜନୀକାନ୍ତ ଖଣ୍ଟିଆ, ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ଼. ପୂର୍ଣ୍ଣଚନ୍ଦ୍ର ବରାଳ, ଇଂରାଜୀ ବିଭାଗର ସହକାରୀ ଅଧ୍ୟାପକ ଆଦିତ୍ୟ ମେହେର ଏବଂ ସମାଜସେବୀ ସରୋଜ କୁମାର ଶତପଥୀ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ସଂସଦ ପାଇ ପ୍ରତିଯୋଗୀଙ୍କୁ ମୂଲ୍ୟାଙ୍କନ କରି ୧୦ଜଣଙ୍କୁ ରାଜ୍ୟସ୍ତରୀୟ ଯୁବ ସଂସଦ ପାଇଁ ଚୟନ କରିଥିଲେ। ପରିଶେଷରେ କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ଡ. ରବର୍ଟ ୱିଲସନ ଭତ୍ରା, ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ୍ ଓ ଯୁଥ୍ ଅଫିସର ଅଜିତ୍ ଖୁସ୍‌ୱାହାଙ୍କୁ ନୋଡାଲ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାଉନ୍ ସିଣ୍ଡମ ଦିବସ ପାଳନ

ଢେଙ୍କାନାଳ,୨୨।୩(ରତନ ନାୟାର)

ଢେଙ୍କାନାଳ ବାଜିଚୌକସ୍ଥିତ ଐରା ଅନୁଷ୍ଠାନ ଦ୍ୱାରା ପରିଚାଳିତ ଆଦର୍ଶ ଜିଲା ଭିନ୍ନକ୍ଷମ ପୁନର୍ବାର୍ସ କେନ୍ଦ୍ର ପରିସରର ଶୁକ୍ରବାର ଡାଉନ୍ ସିଣ୍ଡମ ଦିବସ ପାଳନ କରାଯଇଥିଲା। ଭିନ୍ନକ୍ଷମ ପିଲାମାନଙ୍କ ଦ୍ୱାରା ରଙ୍ଗୋଲି, ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ସାମାଜିକ ସୁରକ୍ଷା ଅଧିକାରୀ ନରେଶଚନ୍ଦ୍ର ସ୍ୱାଇଁ ଯୋଗଦେଇ ବିଭିନ୍ନ ପ୍ରକାରର ଭିନ୍ନକ୍ଷମଙ୍କ ସମ୍ପର୍କରେ ଆଲୋକପାତ କରିବା ସହିତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥଲେ। ଭିନ୍ନକ୍ଷମ ଚିହ୍ନଟ ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ସହିତ ଆଦର୍ଶ ଭିନ୍ନକ୍ଷମ ପୁର୍ନବାଶ କେନ୍ଦ୍ର ଦ୍ୱାରା ଉପଲବ୍ଧ ସମସ୍ତ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ସୂଚୀସ୍ମିତା ସେନ, ଆନନ୍ଦ ପୋଦାର, ସାଗରିକ ପ୍ରଧାନ, ଅସ୍ମିତା ଦାଶ, ସତ୍ୟବ୍ରତ ନାୟକ, ପଙ୍କଜିନୀ ବେହେରା ଉପସ୍ଥିତ ଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକଙ୍କ ପ୍ରତ୍ଯକ୍ଷ ତତ୍ତ୍ୱାବଧାନର କାର୍ଯ୍ୟକ୍ରମ ସଂପାଦନା କରାଯାଇଥିଲା। ସମାଜସେବୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ ନିଜନିଜ ଅଞ୍ଚଳରେ ଥିବା ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ସୂଚନା ଦେବା ପାଇଁ ସଚେତନ କରିଥିଲେ।



ଡାଉନ୍ ସିଣ୍ଡମ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

# କାପୁଡ଼ିଆ ସମାଜର ସାଙ୍ଗଠନିକ ବୈଠକ


ବୈଠକରେ କାପୁଡ଼ିଆ ସମାଜର ସଦସ୍ୟମାନେ।

ଭୁବନ, ୨୨।୩(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ଶନିବାର କାପୁଡିଆ ସମାଜର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେଥିରେ ରାଜ୍ୟ ସଭାପତି ନବକିଶୋର ଗୁରୁ ଯୋଗଦେଇ ସମାଜର ସାଙ୍ଗଠନିକ ସମ୍ପର୍କରେ ମାର୍ଗ ଦର୍ଶନ ଦେଇ କହିଲେ ଯେ, ଯୁବପିଢି ସଚେତନ ହେବା ସହିତ କୁସଂସ୍କାରରୁ ଦୂରରେ ରହିଲେ ସୁସ୍ଥ ସମାଜ ଗଠନ ହୋଇପାରିବ। ଦିନକୁ ଦିନ ଯୁବପିଢି ପଥଭ୍ରଷ୍ଟ ହେଉଛନ୍ତି। ପିଲାମାନଙ୍କର ଶୈଶବ ଅବସ୍ଥାରେ ମା', ବାପା ପ୍ରଥମ ଗୁରୁ। ଯଦି ସେମାନଙ୍କୁ ଠିକ ଭାରେ ସଂସ୍କାର ଦିଆଯାଇପାରନ୍ତା ତେବେ ସୁସ୍ଥ ସମାଜ ଗଠନ ହୋଇପାରନ୍ତା ବୋଲି କହିଥିଲେ। ସେଥିରେ କାପୁଡିଆ ସମାଜର ସଂଗଠନ ସମ୍ପାଦକ ଦିଲିପ ଦାସ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ଉପସଭାପତି ସନାତନ ପାତ୍ର, ଖଗେଶ୍ୱର ନାୟକ, ଢେଙ୍କାନାଳ ଜିଲା ସଭାପତି ରାମଚନ୍ଦ୍ର ରାଉତ, ଜିଲା ସମ୍ପାଦକ ଭାସ୍କର ଚନ୍ଦ୍ର ନାୟକ, ଜିଲା ଉପସଭାପତି ସୁରେନ୍ଦ୍ର କୁମାର ପୋଥାଳ, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ବିଳାସିନୀ ପୃଷ୍ଟି, ଭୁବନ ସଙ୍ଘର ସମ୍ପାଦକ ବିଦ୍ୟାଧର ବିହାରୀଙ୍କ ସମେତ ୪୦୦ରୁ ଉର୍ଦ୍ଧ୍ୱ ବରିଷ୍ଠ ତଥା ଯୁବ କାର୍ଯ୍ୟକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାରେ ସହାୟକ ହୋଇଥିଲେ। ଆଗାମୀ ଦିନରେ ବୁଦ୍ଧେଶ୍ୱର ଶୈବପୀଠରେ ଏକ କାପୁଡିଆ ସମାଜର ଧର୍ମଶାଳା ନିର୍ମାଣ କରାଯିବା ପାଇଁସ୍ଥିର କରାଯାଇଥିଲା। ଭୁବନ କାପୁଡିଆ ସମାଜର କେତେଜଣ ସଦସ୍ୟ ସମାଜର ଧର୍ମଶାଳା ନିର୍ମାଣ ପାଇଁ ଜାଗା ଦାନ କରିଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ମିଡ଼ିଆ ସେଲର କର୍ମକର୍ତ୍ତା ସଂଯୋଜନା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଢେଙ୍କାନାଳ ଜିଲାର ସମସ୍ତ ଅଞ୍ଚଳର ବରିଷ୍ଠ ସଦସ୍ୟ ଓ ପଦାଧିକାରୀମାନେ ଯୋଗଦେଇ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ କର୍ମକର୍ତ୍ତା ବିପିନ ବିହାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ


ଗୁରୁମା' ଗୁରୁଜୀଙ୍କ ଗହଣରେ ପିଲାମାନେ।

ଓଡ଼ାପଡ଼ା, ୨୨।୩(ରଞ୍ଜିତ ନାୟକ)

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଧଳପୁର ଠାରେ କଣ୍ଢେଇ ଦିବସ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ ରବିନାରାୟଣ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟା ସୁକାମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପରିଚାଳନା ସମିତି ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସେବକ ସେବିକା ଅଂଶଗ୍ରହଣ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଠକ ନ ଦେଖିଲେ ବଣିଆ ଦେଖ
ବାଘ ନ ଦେଖିଲେ ବିରାଡ଼ି ଦେଖ।**

ସୁନାରି ବଣିଆ ଅଳଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରି ନେଇଥାନ୍ତି। ଏଣୁ ସବୁ ଠକଙ୍କ ମଧ୍ୟରେ ସେ ହିଁ ପ୍ରତ୍ୟକ୍ଷ ଠକ ଭାବେ ବିବେଚନା ହୋଇଥାନ୍ତି। ସେହିପରି ବାଘ ଓ ବିଲେଇ ଦୁହେଁ ଦେଖିବାକୁ ପ୍ରାୟତଃ ଏକାପରି ହୋଇଥାନ୍ତି। କେବଳ ଆକାରରେ ଯାହା କିଛି ଫରକ ବା ପ୍ରଭେଦ ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଠାପୁଆ ବଳଦ ରକ୍ଷା ପାଏ
ଠାପୁଆ ମଣିଷ ନାଶ ଯାଏ।**

ବଳଦ ଠାପୁଆ ହେଲେ ମାଲିକର କୋପ ଦୃଷ୍ଟିରୁ ବର୍ତ୍ତିବାର ସମ୍ଭାବନା ଥାଏ। ପରନ୍ତୁ ମଣିଷ ଠାପୁଆ ହେଲେ ନିଷ୍କର୍ମା ଯୋଗୁ ରୋଗ ତାକୁ ଗ୍ରାସିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ପଞ୍ଚାୟତ ରାସ୍ତାରେ କୋଇଲା ଗାଡ଼ି ଚଳାଚଳକୁ ଗ୍ରାମବାସୀଙ୍କ ବିରୋଧ

## ରାସ୍ତା ଖୋଳି ଆନ୍ଦୋଳନରେ ସାମିଲ ହେଲେ ମହିଳା ପୁରୁଷ

ପରଜଙ୍ଗ,୨୨।୩
(ନିଗମାନନ୍ଦ ଦଳବେହେରା)


ଆନ୍ଦୋଳନରେ ସାମିଲ ହୋଇଥିବା ମହିଳା ଓ ପୁରୁଷ।

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ରେଳ ଷ୍ଟେଶନରେ ନିକଟ କୋଇଲା ଡିପୋକୁ ବାରିହାପୁର ଗ୍ରାମ ପଞ୍ଚାୟତ ରାସ୍ତା ଦେଇ ଦୈନନ୍ଦିନ ଯାଉଥିବା ଶତାଧିକ କୋଇଲା ବୋଝେଇ ଗାଡି ଚଳାଚଳକୁ ଗ୍ରାମବାସୀ ବିରୋଧ କରି ଉକ୍ତ ପଞ୍ଚାୟତ ରାସ୍ତାରେ ଗର୍ତ୍ତ ଖନନ କରିବା ସହିତ ଶତାଧିକ ମହିଳା ଓ ପୁରୁଷ ରାସ୍ତା ଉପରେ ଶନିବାର ଆନ୍ଦୋଳନ କରିଛନ୍ତି। ପରଜଙ୍ଗ ଗ୍ରାମର ସାଦନପଦା ସାହିବାସିନ୍ଦା ଜିଲ୍ଲା ପ୍ରଶାସନକୁ ମୁଖ୍ୟ ବଜାର ଦେଇ ଭାରି ଯାନ ଚଳାଚଳକୁ ବନ୍ଦ ପାଇଁ ଲିଖିତ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ମଧ୍ୟ ସାଦନପଦା ସାହି ବାସିନ୍ଦା ଜାତୀୟ ରାଜପଥ ଅବରୋଧ କରି ବିକ୍ଷୋଭ କରିଥିଲେ। କିଛି ଦିନ ପରେ ସ୍ଥାନୀୟ କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ କୋଇଲା ଡିପୋ ଚଳାଉଥିବା ଠିକା ସଂସ୍ଥା ପକ୍ଷରୁ ଡିହଡୋଳ ଗ୍ରାମ ଦେଇ କୋଇଲା ଟ୍ରକ ଚଳାଚଳ କରିଥିଲେ ମଧ୍ୟ ସେଠାରେ ମଧ୍ୟ ଗ୍ରାମବାସୀଙ୍କ ଜୋରଦାର ବିରୋଧ ପରେ ଗାଡି ଚଳାଚଳ ବନ୍ଦ ହୋଇଥିଲା। କିଛି ଦିନ ହେବ ବାରିହାପୁର ଗ୍ରାମ ଆଦର୍ଶ ବିଦ୍ୟାଳୟ ସ୍ଥିତ ୫୩ ନମ୍ବର ଜାତୀୟ ରାଜପଥ ଠାରୁ ପଞ୍ଚାୟତ ରାସ୍ତା ଦେଇ ରଗୁଡି ସାହି,ତେଲିସାହି, ଦଳିତ ଓ ସବରସାହି ଦେଇ ରେଳଷ୍ଟେସନ ନିକଟ ଡିପୋ କୁ କୋଇଲା ବୋଝେଇ ଗାଡି ଚଳାଚଳ କରୁଥିଲେ। ଯାହାକୁ ନେଇ ବାରିହାପୁର ଗ୍ରାମବାସୀ ମାନେ ଏହାକୁ ପ୍ରତିବାଦ କରିବା ରୁ କିଛି ବ୍ୟକ୍ତି ଜୋର୍ ଜବର କୋଇଲା ଗାଡ଼ି ନେଇ ଯାଉ ଥିଲେ ଫଳରେ ଗ୍ରାମବାସୀ କୌଣସି ଉପାୟ ନପାଇ ରାସ୍ତା ଖୋଳି ଦେଇ ପ୍ରତିବାଦ କରୁଛନ୍ତି ।ଯାହା ଫଳ ରେ ଜାତୀୟ ରାଜପଥ ଉପରେ ଶତାଧିକ ଟ୍ରକ ଛିଡା ହୋଇ ରହିଛନ୍ତି । ଖବର ପାଇ ପରଜଙ୍ଗ ତାହସିଲିଦାର ସୁଦେବ କୁମାର ପୃଷ୍ଟି ଆନ୍ଦୋଳନ କାରୀ ଙ୍କ ନିକଟରେ ପହଞ୍ଚି ବୁଝା ସୁଝା କରିଥିଲେ ସୁଦ୍ଧା ଗ୍ରାମବାସୀ ତାଙ୍କ ଜିଦ ରେ ଅଟଳ ରହିବା ସହ ଉକ୍ତ ରାସ୍ତାରେ ଟ୍ରକ ଚଳା ଚଳ ବନ୍ଦ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିବା ସହ ଏକ ଲିଖିତ ଦାବିପତ୍ର ତହସିଲଦାର ଙ୍କୁ ପ୍ରଦାନ କରିଛନ୍ତି । ଏଥିସହ ବିଭାଗୀୟ ଅଧିକାରୀ ମାନଙ୍କୁ ମଧ ଲିଖିତ ଭାବେ ଜଣାଇବା ସହ ମୁଖ୍ୟମନ୍ତ୍ରୀ କୁ ମଧ ଜଣାଇ ଛନ୍ତି ।ତହସିଲଦାର ଘଟଣା ସମ୍ପର୍କରେ ଜିଲ୍ଲାପାଳ ଙ୍କୁ ଅବଗତ କରାଇବେ ଏବଂ ଜିଲ୍ଲା ପ୍ରଶାସନ ଯାହା ନିଷ୍ପତି ନେବେ ବୋଲି କହିଛନ୍ତି ।

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୩/୨୦୨୫ Bhubaneswar, Sunday, March 23/ 2025

# ଆଇପିଏଲ୍‌ର ରଙ୍ଗାରଙ୍ଗ ଉଦ୍‌ଘାଟନ




କୋଲକାତାରେ ଶନିବାର ଆଇପିଏଲ୍‌ର ଉଦ୍‌ଘାଟନୀ ସମାରୋହରେ ବଲିଉଡ୍ ଅଭିନେତା ଶାହରୁଖ ଖାନ, ଅଭିନେତ୍ରୀ ଦିଶା ପଟାନୀଙ୍କ ନୃତ୍ୟ ପରିବେଷଣ।




ସଙ୍ଗୀତ ପରିବେଷଣ କରୁଛନ୍ତି ଅନ୍ତର୍ଜାତୀୟ ରାପର କରନ ଆଉଜଲା ଓ ଗାୟିକା ଶ୍ରେୟା ଘୋଷାଲ।

## ଆକର୍ଷଣ ସାଜିଲେ ଶାହରୁଖ, ଶ୍ରେୟା, ଦିଶା

**କୋଲକାତା, ୨୨।୩ (ପି.ଟି.)**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୮ଶ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଐତିହାସିକ ଇଡେନ ଗାର୍ଡେନ୍ସରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହ ଆୟୋଜନ କରାଯାଇଥିଲା। ସମାରୋହରେ ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍, ଅଭିନେତ୍ରୀ ଦିଶା ପଟାନି, ଗାୟିକା ଶ୍ରେୟା ଘୋଷାଲ, ଅନ୍ତର୍ଜାତୀୟ ର୍‍ୟାପର କରନ ଆଉଜଲା ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଏହି ତାରକା ଖଚିତ କାର୍ଯ୍ୟକ୍ରମ ପାଖାପାଖି ଏକ ଘଣ୍ଟା ଧରି ଚାଲିଥିଲା।

ଆଇପିଏଲ୍‌ର ଲୋକପ୍ରିୟ ସଙ୍ଗୀତ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ଶାହରୁଖ ଲୋକାଲ ଦଳ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ଓ ଏହାର ସମର୍ଥକଙ୍କୁ ଉତ୍ସାହିତ କରିଥିଲେ। ଏହାପରେ ଶ୍ରେୟା ଘୋଷାଲଙ୍କ 'ଘୁମର', 'କର ହର ମୈଦାନ ଫତେ', 'ମେରେ ଡୋଲନା' ଗୀତକୁ ଉପସ୍ଥିତ ଦର୍ଶକ ଖୁବ୍ ଉପଭୋଗ କରିଥିଲେ। ତାଙ୍କ ପରେ 'ପାଗୋଲ' ଗୀତରେ ଅଭିନେତ୍ରୀ ଦିଶା ଡ୍ୟାନ୍ସ କରିଥିଲେ। ସମାରୋହ ଶେଷ ହେବା ପରେ ଆତସବାଜି ଦେଖିବାକୁ ମିଳିଥିଲା। ସଭିଙ୍କ ପରେ ର୍‍ୟାପର ଆଉଜଲା ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଶେଷରେ ଶାହରୁଖ ଭାରତୀୟ କିମ୍ବଦନ୍ତୀ ବ୍ୟାଟର ବିରାଟ କୋହଲିଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ କରିଥିଲେ। ଦୁହେଁ ମଞ୍ଚ ଉପରେ 'ଝୁମେ ଜୋ ପଠାନ' ଗୀତରେ ଡ୍ୟାନ୍ସ କରିଥିଲେ। ଏହାପରେ ଶାହରୁଖ ଓ ରିଙ୍କୁ ସିଂ 'ଲୁଟ ପୁଟ ଗାୟା' ଗୀତରେ ନାଚିଥିଲେ। କେକେଆର୍ ଅଧିନାୟକ ଅଜିଙ୍କ୍ୟ ରାହାନେ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଅଧିନାୟକ ରଜତ ପଟିଦାର ଏକ ସ୍ୱତନ୍ତ୍ର ଗାଡ଼ିରେ ଆଇପିଏଲ୍ ଟ୍ରଫି ମଞ୍ଚ ଉପରକୁ ଆଣିଥିଲେ। ଏହି ଅବସରରେ ବିସିସିଆଇ ସଭାପତି ରୋଜର ବିନି, ସମ୍ପାଦକ ଦେବଜିତ ସାଇକିଆ, ଆଇପିଏଲ୍ ଗଭର୍ନର ରାଜୀବ ଶୁକ୍ଳା, ଅରୁନ ଧୁମଲଙ୍କ ସହ ଅନ୍ୟମାନେ ମଞ୍ଚରେ ଉପସ୍ଥିତ ଥିଲେ।

## ବିଜୟ ସହ ଆର୍‌ସିବିର ଅଭିଯାନ ଆରମ୍ଭ

**କୋଲକାତା, ୨୨।୩**

ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ ଫିଲ୍ ସଲ୍ଟ ଓ ବିରାଟ କୋହଲିଙ୍କ ଅର୍ଦ୍ଧଶତକ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚରେ ୭ ଉଇକେଟରେ ଗତଥରର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ଶନିବାର ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଅନୁଷ୍ଠିତ ମ୍ୟାଚରେ କେକେଆର ୨୦ ଓଭରରେ ୮ ଉଇକେଟ ହରାଇ ୧୭୪ ରନ କରିଥିଲା। ଜବାବରେ ଆରସିବି ୧୬.୨ ଓଭରରେ ୩ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରି ନେଇଥିଲା। ଫିଲିପ ସଲ୍ଟ ଓ ବିରାଟ କୋହଲି ଓପନିଂ ଯୋଡ଼ିରେ ୫୧ ବଲ୍‌ରୁ ୯୧ ରନ ଯୋଗକରି ଦଳର ବିଜୟ ପାଇଁ ପଥ ପରିଷ୍କାର କରିଥିଲେ। ସଲ୍ଟ ୩୧ ବଲ୍‌ରୁ ୫୬ (୯ ଚୌକା, ୨ ଛକା)ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ମାତ୍ର ବିରାଟ ୩୬ ବଲ୍‌ରୁ ୫୯ (୪ ଚୌକା, ୩ ଛକା) ରନରେ ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ। ଅଧିନାୟକ ରଜତ ପଟିଦାର ୧୬ ବଲ୍‌ରୁ ୩୪ ରନର ମୂଲ୍ୟବାନ ଇନିଂସ ଖେଳିଥିଲେ।

ଟସ୍ ଜିତି ଆରସିବି ଅଧିନାୟକ ରଜତ ପଟିଦାର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। କେକେଆର ୪ ରନରେ ପ୍ରଥମ ଉଇକେଟ ହରାଇଥିଲେ ହେଁ ସୁନୀଲ ନାରିନ ଓ ଅଧିନାୟକ ଅଜିଙ୍କ୍ୟ ରାହାନେ ବିସ୍ଫୋରକ ବ୍ୟାଟିଂ କରି ଦ୍ୱିତୀୟ ଉଇକେଟରେ ମାତ୍ର ୫୫ ବଲ୍‌ରୁ ୧୦୩ ରନ ଭାଗୀଦାରି ଗଢ଼ି ଦଳର ବୃହତ୍ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ କୋକାତା ଇନିଂସ ଦିଗହରା ହୋଇ ଯାଇଥିଲା। ନାରିନ ୨୬ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୪୪ ରନ କରିଥିଲେ। ରାହାନେ ମଧ୍ୟ ଏହା ପର ଓଭରରେ କ୍ରୃନାଲ ପାଣ୍ଡ୍ୟାଙ୍କ ବଲ୍‌ରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେ ୩୧ ବଲ୍‌ରୁ ୬ ଚୌକା ଓ ୪ ଛକା ସହ ସର୍ବାଧିକ ୫୬ ରନ କରିଥିଲେ। ଆରସିବି ପକ୍ଷରୁ କ୍ରୃନାଲ ପାଣ୍ଡ୍ୟା ସର୍ବାଧିକ ୩ଟି ଜୋଶ୍ ହାଜେଲଉଡ ୨ଟି ଉଇକେଟ ନେଇଥିଲେ। ମ୍ୟାଚ ପୂର୍ବରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସଭାପତି ରୋଜର ବିନ୍ନି ଏକ ଫଳକ ଦେଇ ବିରାଟ କୋହଲିଙ୍କୁ ସମ୍ମାନିତ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୭୪/୮ (ଅଜିଙ୍କ୍ୟ ରାହାନେ–୫୬, ସୁନୀଲ ନାରିନ–୪୪, ଅଙ୍ଗକ୍ରିଶ ରଘୁବଂଶୀ–୩୦, କ୍ରୃନାଲ ପାଣ୍ଡ୍ୟା–୩/୨୯, ଜୋଶ୍ ହାଜେଲଉଡ–୨/୨୨, ୟଶ୍ ଦୟାଲ–୧/୨୫, ରସିଖ ସଲାମ–୧/୩୫, ସୁୟାସ ଶର୍ମା–୧/୪୭)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୬.୨ ଓଭରରେ ୧୭୭/୩ (ବିରାଟ କୋହଲି–୫୯*, ଫିଲ୍ ସଲ୍ଟ–୫୬, ରଜତ ପଟିଦାର–୩୪, ସୁନୀଲ ନାରିନ–୧/୨୭, ବରୁଣ ଚକ୍ରବର୍ତ୍ତୀ–୧/୪୩, ବୈଭବ ଆରୋରା–୧/୪୨)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ହାଇଦ୍ରାବାଦ ବନାମ ରାଜସ୍ଥାନ**

ସ୍ଥାନ: ହାଇଦ୍ରାବାଦ



ସମୟ: ଅପରାହ୍ନ ୩.୩୦

**ଚେନ୍ନାଇ ବନାମ ମୁମ୍ବାଇ**

ସ୍ଥାନ: ଚେନ୍ନାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ବିରାଟ କୋହଲିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିସିସିଆଇ ସଭାପତି ରୋଜର ବିନି। ଉଦ୍‌ଘାଟନୀ ସମାରୋହରେ ଆଇପିଏଲ୍ କେକ୍।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ